# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୯/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, February 19/2026 | Page 14 | ₹ 7.00 | DHENKANAL

୫୨ଶ ଭାଗ ୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 87 | ମୂଲ୍ୟ ₹୭/-




## ବଡ଼ ପରଦାରେ 'ଅପରେଶନ ସିନ୍ଦୂର'

'ଅପରେଶନ ସିନ୍ଦୂର'କୁ ନେଇ ପ୍ରଯୋଜକ ଭୂଷଣ କୁମାର ଏବଂ ନିର୍ଦ୍ଦେଶକ-ପ୍ରଯୋଜକ ବିବେକ ଅଗ୍ନିହୋତ୍ରୀ ଏକ ଚଳଚ୍ଚିତ୍ର ନିର୍ମାଣ କରିବେ ବୋଲି ଚର୍ଚ୍ଚା ଚାଲିଛି।

୦୨

୧୪

## ଶିବମ୍ ଦୁବେଙ୍କ ଅର୍ଦ୍ଧଶତକ

ଅହମଦାବାଦରେ ଅନୁଷ୍ଠିତ ନେଦରଲାଣ୍ଡ୍ସ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଭାରତର ଶିବମ୍ ଦୁବେ।



# ଏଆଇ ସମିଟ୍‌ରେ ଚାଇନା ରୋବୋକୁ ନେଇ ବିବାଦ

ନୂଆଦିଲ୍ଲୀରେ ଚାଲିଥିବା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬'ରେ ଗ୍ରେଟର ନଏଡାସ୍ଥିତ ଗାଲ୍‌ଗୋଟିଆସ୍ ୟୁନିଭର୍ସିଟି ଦ୍ୱାରା ପ୍ରଦର୍ଶିତ ରୋବୋଟିକ୍ ଡଗ୍ (କୁକୁର)କୁ ନେଇ କେନ୍ଦ୍ର ସରକାର ହରଡ଼ଘଣାରେ ପଡ଼ିଛନ୍ତି। ଚାଇନା ଦ୍ୱାରା ବିକଶିତ ଏକ ରୋବୋଟିକ୍ ଡଗ୍‌କୁ ଗାଲ୍‌ଗୋଟିଆସ୍ ୟୁନିଭର୍ସିଟି ପକ୍ଷରୁ ସମିଟ୍‌ର ଏକ ଷ୍ଟଲ୍‌ରେ ନିଜସ୍ୱ ଉତ୍ପାଦ ବୋଲି କୁହାଯାଇଥିବାବେଳେ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାହାକୁ ପ୍ରଶଂସା କରି ଏକ ବାର୍ତ୍ତା 'X'ରେ ପୋଷ୍ଟ କରିଥିଲେ। କିନ୍ତୁ ସମ୍ମିଟକୁ ଯାଇଥିବା ଲୋକେ ଓ ଇଣ୍ଟରନେଟ୍ ବ୍ୟବହାରକାରୀମାନେ ସେହି ମିଥ୍ୟାକୁ ପଦାରେ ପକାଇଦେଇଛନ୍ତି। ମନ୍ତ୍ରୀ ସତ୍ୟତା ଜାଣିବା ପରେ ତାଙ୍କ 'X' ପୋଷ୍ଟକୁ ଡିଲିଟ୍ କରିଦେଇଥିବାବେଳେ ଆୟୋଜନକାରୀମାନେ ଗାଲ୍‌ଗୋଟିଆସ୍ ୟୁନିଭର୍ସିଟି ଷ୍ଟଲ୍ ବନ୍ଦ କରି ଫେରିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏଭଳି ମିଥ୍ୟା ଘଟଣା ଭାରତକୁ ଲଜ୍ଜିତ କରିଛି ବୋଲି ଅନେକେ ବିବେଚନା କରୁଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଅନ୍ୟ ବିରୋଧୀ ଦଳ ନେତା କେନ୍ଦ୍ର ସରକାରଙ୍କୁ ଘେରିବା ସହ ମେକ୍ ଇନ୍ ଇଣ୍ଡିଆର ସଫଳତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର ମନ୍ତ୍ରୀ ବୈଷ୍ଣବଙ୍କ ଇସ୍ତଫା ଦାବି କରି ତାଙ୍କୁ କଟାକ୍ଷ କରିଛନ୍ତି। କଂଗ୍ରେସ ଏହି ଘଟଣାକୁ 'ନକଲି ଉଦ୍ଭାବନ'ର ଏକ ଉଦାହରଣ ବୋଲି କହି ସରକାରଙ୍କୁ ସମାଲୋଚନା କରିଛି।




ଅଶ୍ୱିନୀ ବୈଷ୍ଣବଙ୍କ ପୋଷ୍ଟ୍ ଡିଲିଟ୍ ସମ୍ପର୍କରେ ମହୁଆ ମୋଇତ୍ରଙ୍କ ପୋଷ୍ଟ୍।

## ପୋଷ୍ଟ ଡିଲିଟ୍ କଲେ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ,୧୮।୨ (ରଏଟର୍ସ/ପିଟି)

ଭାରତ ସରକାରଙ୍କ ପକ୍ଷରୁ ଆୟୋଜିତ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଚାଇନା ନିର୍ମିତ ଏକ ରୋବୋଟିକ୍ ଡଗ୍‌କୁ ବୁଧବାର ଘରୋଇ ବିଶ୍ୱବିଦ୍ୟାଳୟ ଗାଲ୍‌ଗୋଟିଆସ୍ ନିଜର ବୋଲି ଦର୍ଶାଇବା ନେଇ ବଡ଼ ବିବାଦ ମୁଣ୍ଡ ଟେକିଛି। ସ୍ୱଦେଶୀ ସମିଟ୍‌ରେ ଚାଇନା ମାଲ୍‌କୁ ପୂରାଇ ନିଜର ବୋଲି ଦାବି କରିବା କେତେ ଯୁକ୍ତିଯୁକ୍ତ ବୋଲି ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇବା ସହ ଏହି ପ୍ରସଙ୍ଗରେ କେନ୍ଦ୍ରକୁ ଘେରିଛନ୍ତି। ଇତିମଧ୍ୟରେ ଉକ୍ତ ଫ୍ଲାଗ୍‌ଶିପ୍ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ ଛାଡ଼ି ଚାଲିଯିବା ପାଇଁ ଗାଲ୍‌ଗୋଟିଆସ୍ ୟୁନିଭର୍ସିଟିକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନିଜର ହୋଇ ନ ଥିବା କୌଣସି ଉପକରଣର ପ୍ରଦର୍ଶନ କରାଇବାକୁ ସରକାର ଚାହୁଁନାହାନ୍ତି ବୋଲି ଆଇଟି ସଚିବ ଏସ୍. କ୍ରିଷ୍ଣନ୍ ସଫେଇ ଦେଇଛନ୍ତି। ଶେଷରେ ଏଭଳି ଦ୍ୱନ୍ଦ୍ୱକୁ ନେଇ ଗାଲ୍‌ଗୋଟିଆସ୍ କ୍ଷମା ମାଗିଛି।

ଗତବର୍ଷ ଫେବୃଆରୀରେ ପ୍ୟାରିସ୍‌ରେ ଏଆଇ ଆକ୍ସନ ସମିଟ୍ ଆୟୋଜିତ ହୋଇଥିଲା। ଚଳିତବର୍ଷ ଭାରତ ସରକାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଏଆଇ ଇମ୍ପାକ୍ଟ ସମିଟ୍‌ର ଆୟୋଜନ କରୁଛନ୍ତି। ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଫେବୃଆରୀ ☞ପୃଷ୍ଠା–୪


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE ENGINEERING
- Civil Engineering
- Electrical Engineering
- Mechanical Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ଓଡ଼ିଶାବାସୀ ଖାଉଛନ୍ତି ନିମ୍ନମାନର ଦୁଗ୍ଧଜାତ ସାମଗ୍ରୀ

ଭୁବନେଶ୍ୱର,୧୮।୨ (ରବିନାରାୟଣ ଜେନା)

ଓଡ଼ିଶାବାସୀ ନିମ୍ନମାନର ଦୁଗ୍ଧ ତଥା ଦୁଗ୍ଧଜାତୀୟ ଖାଦ୍ୟ ଖାଉଛନ୍ତି। ଏହିଭଳି ଏକ ସାଂଘାତିକ ତଥ୍ୟ ବୁଧବାର ବିଧାନସଭା ତଥ୍ୟରୁ ଜଣାଯାଇଛି। ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଦେଇଥିବା ତଥ୍ୟ ଅନୁଯାୟୀ, ଓଡ଼ିଶା ବଜାରରୁ ସଂଗ୍ରହ ହୋଇଥିବା ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ୮୮ ନମୁନାରୁ ୮ଟି ନିମ୍ନମାନର ତଥା ସବ୍‌ଷ୍ଟାଣ୍ଡାର୍ଡ ଥିବା ଜଣାପଡ଼ିଛି।

**୮ ନମୁନା ସବ୍‌ଷ୍ଟାଣ୍ଡାର୍ଡ**

୨୦୨୫ ଜାନୁଆରୀ ପହିଲାରୁ ଡିସେମ୍ବର ୩୧ ମଧ୍ୟରେ ୮୮ଟି ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୮୦ଟି ନମୁନା ମାନକ(ଷ୍ଟାଣ୍ଡାର୍ଡ) ବଜାୟ ରଖୁଥିବାବେଳେ ୮ଟି ସବ୍‌ଷ୍ଟାଣ୍ଡାର୍ଡ ରହିଛି। ସେହିପରି ମନ୍ତ୍ରୀ ଦର୍ଶାଇଛନ୍ତି, ଓଡ଼ିଶାରେ ଓମ୍‌ଫେଡ୍ ବ୍ୟତୀତ ୨୨ଟି କମ୍ପାନୀ ଦୁଗ୍ଧଜାତ ସାମଗ୍ରୀର ବ୍ୟବସାୟ କରୁଛନ୍ତି। ଏଥିରୁ ୧୦ଟି କମ୍ପାନୀ ରାଜ୍ୟ ଭିତରର ହୋଇଥିବାବେଳେ ☞ପୃଷ୍ଠା–୪

# ରାଜ୍ୟ ସଭା: ମାର୍ଚ୍ଚ ୧୬ରେ ୩୭ ଆସନରେ ନିର୍ବାଚନ, ଓଡ଼ିଶାରୁ ୪

ଭୁବନେଶ୍ୱର,୧୮।୨ (ରବିନାରାୟଣ ଜେନା)

ରାଜ୍ୟ ସଭାରେ ଖାଲି ହେବାକୁ ଥିବା ୧୦ ରାଜ୍ୟର ମୋଟ ୩୭ ଆସନ ପାଇଁ ଆସନ୍ତା ମାର୍ଚ୍ଚ ୧୬ରେ ନିର୍ବାଚନ ହେବ। ଏଥିରେ ଓଡ଼ିଶାର ୪ ଆସନ ରହିଛି। ବୁଧବାର ଭାରତର ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ପକ୍ଷରୁ ଏ ସଂକ୍ରାନ୍ତୀୟ ପ୍ରେସ୍ ନୋଟ୍ ଜାରି କରାଯାଇଛି। ଆୟୋଗଙ୍କ ପକ୍ଷରୁ ଅନୁଶାସନ ସଚିବ ରାଜେଶ କୁମାର ସିଂ ଦର୍ଶାଇଛନ୍ତି, ଦେଶର ୧୦ଟି ରାଜ୍ୟରେ ୩୭ଜଣ ଏମ୍‌ପିଙ୍କ ଅବଧି ଏପ୍ରିଲରେ ଶେଷ ହେଉଛି। ଏହି ପଦ ପୂରଣ ପାଇଁ ଫେବୃଆରୀ ୨୬ରେ ବିଜ୍ଞପ୍ତି ଜାରିହେବ। ମାର୍ଚ୍ଚ ୫ରେ ନାମାଙ୍କନପତ୍ର ଦାଖଲ କରିବାକୁ ଦିନ ଧାର୍ଯ୍ୟ ହୋଇଥିବାବେଳେ ୬ରେ ଯାଞ୍ଚ ଏବଂ ୯ରେ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି। ମାର୍ଚ୍ଚ ୧୬ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ। ୫ଟା ପର୍ଯ୍ୟନ୍ତ ଗଣନା କରାଯିବ। ୨୦ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି ରାଜେଶ ସୂଚନା ଦେଇଛନ୍ତି। ପ୍ରିଲ ୨ରେ ଓଡ଼ିଶାର ଏମ୍‌ପି ମମତା ମହାନ୍ତ, ମୁଜିବୁଲ୍ଲା ଖାନ୍, ସୁଜିତ କୁମାର ଏବଂ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ପୂରଣ ହେଉଛି। ଏହି ୪ ଆସନରେ ନିର୍ବାଚନ ହେବ।

ମହାରାଷ୍ଟ୍ରର ୭ଜଣ ଏମ୍‌ପିଙ୍କ କାର୍ଯ୍ୟକାଳ ଏପ୍ରିଲ ୨ରେ ଶେଷ ହେଉଛି। ସେମାନଙ୍କ ମଧ୍ୟରେ କରଡ ଡ. ଭଗୱତ୍ କିସନରାଓ, ଖାନ୍ ଡ. ଫଉଜୀ ତେହସିନ ଅହମ୍ମଦ, ଚତୁର୍ବେଦୀ ପ୍ରିୟଙ୍କା ବିକ୍ରମ,ପାୱାର ସାରଦଚନ୍ଦ୍ର ଗୋବିନ୍ଦ ରାଓ, ପାଟିଲ ଧୈରଶୀଳ ମୋହନ, ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଚିତାରେ ସତୀ**

**ଶ୍ୱଶୁର ଘରେ ସ୍ତ୍ରୀଙ୍କୁ ପେଟ୍ରୋଲରେ ପୋଡ଼ି ହତ୍ୟା ଉଦ୍ୟମ** ପୃଷ୍ଠା–୩





Now open in Chandrashekharpur

Tanishq Gold coin and other exciting offers on purchase* 19th Feb to 23rd Feb

A TATA PRODUCT

Shop online at TANEIRA.com | TATACLiQ | Myntra | amazon | taneira_sarees | +91 8147 349 464

Ground Floor, DD Complex, Plot no. 332/1803/2028 (42/8, 42/9), Beside Tanishq, Chandrasekharpur, Bhubaneswar, Mob. : 7788011102

Golden Cocoon


# ଆଜିଠୁ ମାଟ୍ରିକ୍ ପରୀକ୍ଷା

କଟକ,୧୮।୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେବ। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଅନୁଷ୍ଠିତ ହେବ। ଏକସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ମଧ୍ୟ ଆରମ୍ଭ ହେବ। ସୂଚନାଯୋଗ୍ୟ, ଚଳିତବର୍ଷ ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ମୋଟ ୫ ଲକ୍ଷ ୬୧ ହଜାର ୯୭୯ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବାବେଳେ ୩୨୨ଟି ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ଗଚ୍ଛିତ ରହିଛି। ୩୦୮୨ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ସାଢେ ୭ଟାରୁ କେନ୍ଦ୍ର ମଧ୍ୟକୁ ପ୍ରବେଶ କରିବେ ଛାତ୍ରୀଛାତ୍ର। ମୋଟ ୩ ହଜାର ୮୨ଟି ସେଣ୍ଟରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। କପି କରୁଥିବା ଛାତ୍ରୀଛାତ୍ରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କପି ଯୋଗାଇଲେ କିମ୍ବା କିଛି ଅନିୟମିତତା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଜରୁରିକାଳୀନ ପରିସ୍ଥିତି ପରୀକ୍ଷା କେନ୍ଦ୍ରରେ ପ୍ରବେଶ ଲାଗି ପରୀକ୍ଷାର୍ଥୀଙ୍କୁ ଅଧିକ ୧୫ ମିନିଟ୍ ସମୟ ଦିଆଯାଇଛି। ସବ୍‌ଜେକ୍ଟିଭ ଏବଂ ଅବ୍‌ଜେକ୍ଟିଭରେ ଯଥାକ୍ରମେ ୫୦ ମାର୍କର ପ୍ରଶ୍ନ ରହିବ। ତେବେ ଭିନ୍ନକ୍ଷମ ☞ପୃଷ୍ଠା–୪


THINK OF QUALITY EDUCATION, THINK OF US

JUPITER PUBLIC SCHOOL
BHUBANESWAR

CBSE- NUR TO XII (SCIENCE & COMMERCE)

Awarded as NUMBER ONE SCHOOL IN INTEGRATED TEACHING & COACHING
By Times School Ranking Survey Odisha THE TIMES OF INDIA

JEE, NEET, NDA
- FOUNDATION COURSE from Class VII
- INTENSIVE INTEGRATED COURSE from Class - XI

ADMISSION ON THE BASIS OF SPOT TEST

HIGHLIGHTS OF 2025 RESULTS
23 STUDENTS Qualified for JEE MAIN in 1st attempt
92% FIRST CLASS



Bishal Ku. Sahu, Phulbani
10th Class - 68%
12th Class - 93.5%

8 Jupiterians got admission in Govt Medical Colleges

Many students who joined us in Class XI from other schools saw a significant improvement in their XII scores. In fact, 95 students boosted their marks!

ଜୁପିଟର କାହିଁକି ?

▸ ଶିକ୍ଷାଦାନ କ୍ଷେତ୍ରରେ **୨୪ ବର୍ଷର** ବିଶ୍ୱସନୀୟ ଓ ପରୀକ୍ଷିତ ଅଭିଜ୍ଞତା। ▸ **ଟ୍ୟୁସନ ଭଳି ପାଠପଢା,** ତେଣୁ ଟ୍ୟୁସନ ଖୋଜିବା ଏବଂ ସେଥିପାଇଁ ଅଧିକ ସମୟ ଓ ଅର୍ଥ ଖର୍ଚ୍ଚର ଆବଶ୍ୟକତା ନାହିଁ। ▸ ସମୟର ସଦୁପଯୋଗ ସହିତ ବିଦ୍ୟାର୍ଥୀଙ୍କ **ମାନସିକ ଓ ବୌଦ୍ଧିକ ବିକାଶ** ପାଇଁ ସମନ୍ୱିତ ଶିକ୍ଷାଦାନ ପ୍ରଣାଳୀ। ▸ ଉଭୟ ବୋର୍ଡ ସିଲାବସ୍ ଓ ପ୍ରବେଶିକାକୁ ଗୁରୁତ୍ୱ ପ୍ରଦାନ ସହିତ **ପ୍ରଭାବଶାଳୀ ଶିକ୍ଷା ବ୍ୟବସ୍ଥା**। ▸ ବୋର୍ଡ ଓ ପ୍ରବେଶିକା ପାଇଁ ସଫଳ ପ୍ରସ୍ତୁତି ପାଇଁ ସ୍କୁଲ ଜୀବନର ମଜା ଓ ଉତ୍ସାହକୁ ତ୍ୟାଗ କରିବାର ଆବଶ୍ୟକତା ନାହିଁ। ▸ ଉତ୍ତମ ଶିକ୍ଷାଦାନ ପାଇଁ ସମର୍ପିତ।

ADMISSION OPEN 2026-27

63718 53130 / 80930 52848
63718 53132
www.jupiterpublicschool.in



Gangapada, Near Old Till Plaza, Adjacent to NH-16, Bhubaneswar



ଜର୍ମାନୀ ଫ୍ରାଙ୍କ୍‌ଫର୍ଟରେ ଏକ ଟ୍ରେନ୍ ଜଳମଗ୍ନ ପଡ଼ିଆ ଉପରେ ଥିବା ରେଳକ୍ରସିଂ ଅତିକ୍ରମ କରୁଛି। (ଫଟୋ ସୌଜନ୍ୟ: ଗାର୍ଡିଆନ୍)

# 'ବନ୍ଧୁତ୍ୱ ନବୋନ୍ମେଷ ପାଇଁ ବାଟ କଢ଼ାଏ'

## ମୋଦିଙ୍କ ସହ ଏଆଇ ଫଟୋ ପୋଷ୍ଟକଲେ ମାକ୍ରନ୍

ନୂଆଦିଲ୍ଲୀ,୧୮।୨

୩ ଦିନିଆ ଭାରତ ଗସ୍ତରେ ଆସିଥିବା ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍ ବୁଧବାର ମୁମ୍ବାଇରୁ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଗୁରୁବାର ଭାରତ ମଣ୍ଡପମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟନ ହେବାକୁ ଥିବା ଏଆଇ ଇମ୍ପାକ୍ଟ ସମିଟ୍ ଏକ୍ସପୋ ପୂର୍ବରୁ ମାକ୍ରନ୍ ସସ୍ତ୍ରୀକ ଦିଲ୍ଲୀରେ ପହଞ୍ଚିଛନ୍ତି। ସେ ଏଆଇ ସମିଟ୍‌ରେ ଯୋଗଦେବାକୁ ପ୍ରସ୍ତୁତ ବୋଲି ତାଙ୍କ 'X' ଆକାଉଣ୍ଟରେ ଉଲ୍ଲେଖ କରିବା ସହିତ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଏକ ଏଆଇ ଆଧାରିତ ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି। ବନ୍ଧୁତ୍ୱର ନିବିଡ଼ତା ନବୋନ୍ମେଷ ପାଇଁ ବାଟ କଢାଇଥାଏ ବୋଲି ମାକ୍ରନ ତାଙ୍କ ଫଟୋ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଗୁରୁବାର ଏଆଇ ଇମ୍ପାକ୍ଟ ସମିଟ୍ ଏକ୍ସପୋ ଉଦ୍‌ଘାଟନୀ ଉତ୍ସବରେ ମାକ୍ରନଙ୍କ ବ୍ୟତୀତ ୨୦ଟି ରାଷ୍ଟ୍ର ପ୍ରତିନିଧି ଯୋଗଦେବେ।

# ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ରାସ୍ତାକୁ ଓହ୍ଲାଇଲା ପିଟିଆଇ

ଇସଲାମାବାଦ,୧୮।୨

ବନ୍ଦୀ ଜୀବନ କାଟୁଥିବା ପାକ୍ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ତାଙ୍କ ପିଟିଆଇ ଦଳର ହଜାର ହଜାର କର୍ମୀ ବୁଧବାର ରାଜରାସ୍ତାକୁ ଓହ୍ଲାଇଛନ୍ତି। ଇମ୍ରାନ୍‌ଙ୍କୁ ଜେଲ ଭିତରେ ଅକଥନୀୟ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ଏବଂ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ସରକାର ଆଦୌ ଗୁରୁତ୍ୱ ଦେଉ ନ ଥିବାରୁ ଇମ୍ରାନ ବେଳକୁ ବେଳ ରୁଗ୍‌ଣ ହୋଇପଡୁଛନ୍ତି ବୋଲି ତାଙ୍କ ଭଉଣୀ କହିବାପରେ ପିଟିଆଇ ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଛି। ହଜାର ହଜାର ଦଳୀୟ କର୍ମୀ ଖାଇବର୍ ପଖତୁନ୍‌ଖ୍ୱା-ପଞ୍ଜାବ ରାଜପଥ ଅବରୋଧ କରି ଧାରଣା ଦେଇଥିଲାବେଳେ ଇସଲାମାବାଦସ୍ଥିତ ସଂସଦ ନିକଟରେ ମଧ୍ୟ ଧାରଣା ଦିଆଯାଇଛି। ଏହାପୂର୍ବରୁ ପାକ୍ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଣେ ଆଇନଜୀବୀ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଗୁରୁତର ଟିପ୍ପଣୀ କରିଥିଲେ। ଇମ୍ରାନ ଅନ୍ଧ ହେବାକୁ ବସିଛନ୍ତି ବୋଲି କହିବା ପରେ ବିଭିନ୍ନ ସ୍ଥାନରେ ପିଟିଆଇ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ବୁଧବାର ଦେଶର ବିଭିନ୍ନ ସ୍ଥାନରେ ହଜାର ହଜାର କର୍ମୀ ପୁଣି ବିକ୍ଷୋଭରେ ସାମିଲ ହୋଇଛନ୍ତି।

# ସ୍ତନ ସ୍ପର୍ଶ ବଳାତ୍କାର ଉଦ୍ୟମ: ସୁପ୍ରିମକୋର୍ଟ

## ଆଲ୍ଲାହାବାଦ ହାଇକୋର୍ଟଙ୍କ ବିବାଦୀୟ ରାୟ ଖାରଜ

ନୂଆଦିଲ୍ଲୀ,୧୮।୨(ପି.ଟି./ଲାଇଭ୍ ଲ)



ଜଣେ ଝିଅଙ୍କ ସ୍ତନ ସ୍ପର୍ଶ କରିବା ଓ ତାଙ୍କ ପାଇଜାମା ଖୋଲିବା ବଳାତ୍କାର ଉଦ୍ୟମ ବୋଲି ବୁଧବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଆଲ୍ଲାହାବାଦ ହାଇକୋର୍ଟ ପୂର୍ବରୁ ଦେଇଥିବା ଏ ସମ୍ପର୍କିତ ରାୟକୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

୨୦୨୧ ନଭେମ୍ବର ୧୦ରେ ଉତ୍ତର ପ୍ରଦେଶର ଜଣେ ମହିଳା ନଣନ୍ଦଙ୍କ ଘରୁ ନିଜ ନାବାଳିକା ଝିଅ(୧୪)ଙ୍କ ସହ ଫେରୁଥିଲେ। ବାଟରେ ଅଭିଯୁକ୍ତ ପବନ, ଆକାଶ ଓ ଅଶୋକ ତାଙ୍କୁ ଭେଟିବା ପରେ ଝିଅଙ୍କୁ ଲିଫ୍ଟ ଦେବେ ବୋଲି କହିଥିଲେ। ସେମାନେ ଝିଅଙ୍କୁ ନେଇ ଗାଁକୁ ଫେରିବା ବାଟରେ ଏକ ପୋଲ ତଳେ ତାଙ୍କ ସ୍ତନକୁ ଧରିବା ସହ ପାଇଜାମା ଓ ଅନ୍ତଃବସ୍ତ୍ରକୁ ତଳକୁ ଟାଣିଥିଲେ। ଝିଅଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ବିରୋଧ କରିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଗତବର୍ଷ ମାର୍ଚ୍ଚ ୧୭ରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ରାମମନୋହର ନାରାୟଣ ମିଶ୍ରା ଏହି ପ୍ରସଙ୍ଗରେ ଶୁଣାଣି କରି ନିଜ ରାୟରେ କହିଥିଲେ, କେବଳ ଜଣେ ଝିଅଙ୍କ ସ୍ତନକୁ ଛୁଇଁବା ଓ ପାଇଜାମା ଟାଣିବା ବଳାତ୍କାର ନୁହେଁ। ଅଭିଯୁକ୍ତମାନେ ବଳାତ୍କାର ଉଦ୍ଦେଶ୍ୟରେ ଏପରି କରିନାହାନ୍ତି ବୋଲି ସେ କହିଥିଲେ। ଏହି ରାୟ ଭାରତରେ ଯୌନ ଅପରାଧ ନିରୋଧୀ ଆଇନ ପ୍ରତି ଦୃଷ୍ଟିଭଙ୍ଗୀ ଓ ଏହାର କାର୍ଯ୍ୟକାରିତା ଉପରେ ବ୍ୟାପକ ବିତର୍କ ସୃଷ୍ଟି କରିଥିଲା। ଏଥିସହ ମହିଳାଙ୍କ ଅଧିକାର ଓ ସୁରକ୍ଷା ପାଇଁ ସମ୍ବେଦନଶୀଳତା ଏବଂ ପୀଡ଼ିତାଙ୍କ ସହ ବିତିଥିବା ବର୍ବରତାକୁ ନେଇ ନ୍ୟାୟିକ ଆଭିମୁଖ୍ୟରେ ପରିବର୍ତ୍ତନର ଆବଶ୍ୟକତାକୁ ରେଖାଙ୍କିତ କରିଥିଲା। ହାଇକୋର୍ଟ ବିଚାରପତିଙ୍କ ରାୟକୁ ରାଜନେତା ଓ ମହିଳା ଅଧିକାର ସଙ୍ଗଠନଗୁଡ଼ିକ ମଧ୍ୟ ସମାଲୋଚନା କରିଥିଲେ। ଗତବର୍ଷ ମାର୍ଚ୍ଚ ୨୬ରେ ସୁପ୍ରିମକୋର୍ଟ ଏହାକୁ ନିଜ ସଂଜ୍ଞାନକୁ ନେଇ ଉକ୍ତ ରାୟ ଉପରେ ସ୍ଥଗିତାଦେଶ ଜାରିକରିଥିଲେ। ଏହି ବିବାଦୀୟ ଟିପ୍ପଣୀକୁ ଅସମ୍ବେଦନଶୀଳ ଓ ଅମାନବୀୟ ବୋଲି ଅଭିହିତ କରିଥିଲେ। ୨୦୨୬ ଫେବୃଆରୀ ୧୦ରେ ସୁପ୍ରିମକୋର୍ଟ ହାଇକୋର୍ଟ ରାୟକୁ ଖାରଜ କରି ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ଅଭିଯୁକ୍ତମାନଙ୍କ ଶୁଣାଣି ହେବା ନେଇ ସ୍ପଷ୍ଟ କରିଥିଲେ। ସିଜେଆଇ ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଏବଂ ଏନ୍.ଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଏହା ଉପରେ ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ହାଇକୋର୍ଟ ଆପରାଧିକ ଆଇନ ସିଦ୍ଧାନ୍ତର ଭୁଲ୍ ଅବତାରଣା କରିଛନ୍ତି ବୋଲି ଖଣ୍ଡପୀଠ ଭର୍ତ୍ସନା କରିଛନ୍ତି। ଏଥିସହ ଆଇପିସି ଦଫା ୩୭୬ ଅଧୀନରେ ଅଭିଯୁକ୍ତମାନଙ୍କୁ ଦିଆଯାଇଥିବା ମୂଳ ନୋଟିସକୁ ଖଣ୍ଡପୀଠ ବଳବତ୍ତର ରଖିଛନ୍ତି। ପୋକ୍ସୋ ଆଇନର ଧାରା ୧୮ ମଧ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ଲାଗୁ ହେବ। ଆଲୋଚ୍ୟ ମାମଲାରେ ହାଇକୋର୍ଟ ଯାହାକୁ ବଳାତ୍କାର ପାଇଁ ପ୍ରସ୍ତୁତି ବୋଲି କହିଛନ୍ତି, ସେଥିରେ କୌଣସି ଯଥାର୍ଥତା ନାହିଁ। ଏହା ଅପରାଧ ଘଟାଇବା ପାଇଁ ଉଦ୍ୟମ ବୋଲି ସିଜେଆଇଙ୍କ ଖଣ୍ଡପୀଠ କହିଛନ୍ତି।

# ଚାଇନା ବାଣ ଦୋକାନରେ ବିସ୍ଫୋରଣ, ୧୨ ମୃତ

ବେଜିଂ,୧୮।୨

ଚାଇନାର ହୁବେଇ ପ୍ରଦେଶରେ ବୁଧବାର ଏକ ବାଣ ଦୋକାନରେ ବିସ୍ଫୋରଣ ଘଟିବାରୁ ୧୨ ଜଣଙ୍କ ମୃତ୍ୟୁ ହେବା ସହିତ ୧୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି। ଜିନ୍‌ହୁଆ ଖବରଦାତା ସଂସ୍ଥା ଅନୁସାରେ ଦିନ ପ୍ରାୟ ୨ଟାବେଳେ କୌଣସି କାରଣରୁ ବାଣ ଦୋକାନରେ ବିସ୍ଫୋରଣ ହୋଇଥିଲା। ଏହାର ପ୍ରକୋପ ଏତେ ଅଧିକ ଥିଲା ଯେ, ଆଖପାଖ ପ୍ରାୟ ୪୦୦ ମିଟର ଅଞ୍ଚଳକୁ ଦୋହଲାଇ ଦେଇଥିଲା। ଏଥିରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୪ ଦିନ ମଧ୍ୟରେ ବାଣ ବିସ୍ଫୋରଣକୁ ନେଇ ଏହା ହେଉଛି ଦ୍ୱିତୀୟ ଘଟଣା। ଏହାପୂର୍ବରୁ ସାଂଘାଇ ଅଞ୍ଚଳରେ ୭ ଜଣଙ୍କ ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ଚାଇନାରେ ଲୁନାର ନ୍ୟୁ ଇୟର ପାଳନ କରାଯାଉଥିଲା ବେଳେ ଲୋକମାନେ ଆତସବାଜି ପ୍ରଦର୍ଶନରେ ସାମିଲ ହୋଇଛନ୍ତି।

# ତାକାଇଚି ପୁଣି ଜାପାନ ପ୍ରଧାନମନ୍ତ୍ରୀ ନିଯୁକ୍ତ



ସାନି ତାକାଇଚି

ଟୋକିଓ,୧୮।୨

ଜାପାନ ପ୍ରଧାନମନ୍ତ୍ରୀ ଭାବେ ସାନି ତାକାଇଚି ପୁନର୍ବାର ନିଯୁକ୍ତ ହୋଇଛନ୍ତି। ଗତ ସପ୍ତାହରେ ହୋଇଥିବା ନିର୍ବାଚନରେ ତାକାଇଚି ବିପୁଳ ଭୋଟ ବ୍ୟବଧାନରେ ବିଜୟଲାଭ କରିବାପରେ ବୁଧବାର ପୁଣି ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି। ଏଥିସହିତ ତାଙ୍କ ମନ୍ତ୍ରିମଣ୍ଡଳରେ ରହିଥିବା ସମସ୍ତ ମନ୍ତ୍ରୀ ମଧ୍ୟ ପୁନଃ ନିଯୁକ୍ତ ହେବେ ବୋଲି ଜାପାନ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ କୁହାଯାଇଛି।

# କାନାଡାରୁ ବିଦାହେବେ ୬ ହଜାର ଭାରତୀୟ

ଟରଣ୍ଟୋ,୧୮।୨

କାନାଡାରେ ବେଆଇନ ଭାବେ ବସବାସ କରୁଥିବା ୬ ହଜାରରୁ ଅଧିକ ଭାରତୀୟଙ୍କୁ ଦେଶାନ୍ତର କରିବାକୁ କାନାଡା ସରକାର କାର୍ଯ୍ୟ ଆରମ୍ଭ କରିଛନ୍ତି। ୨୦୨୫ରେ ପ୍ରବାସନ ନିୟମ ଉଲ୍ଲଂଘନକରି କାନାଡାରେ ରହୁଥିବା ୨୮୩୧ ଜଣ ଭାରତୀୟଙ୍କୁ କାନାଡା ବର୍ଡର ସର୍ଭିସେସ୍ ଏଜେନ୍ସି (ସିବିଏସ୍ଏ) ଦେଶ ଛାଡିବାକୁ କହିଥିଲା। ଏହାପରେ ଏବେ ୬ ହଜାରରୁ ଅଧିକ ଭାରତୀୟଙ୍କୁ ବିଦା କରିବାକୁ ସମ୍ପୃକ୍ତ ଏଜେନ୍ସି କାର୍ଯ୍ୟ ଆରମ୍ଭ କରିଛି।

# ମହାରାଷ୍ଟ୍ରରେ ୫% ମୁସଲମାନ ସଂରକ୍ଷଣ କୋଟା ଉଚ୍ଛେଦ

## ମହାଯୁତି ସରକାରଙ୍କୁ ବିରୋଧୀଙ୍କ ସମାଲୋଚନା


ମୁମ୍ବାଇ,୧୮।୨

ମହାରାଷ୍ଟ୍ରରେ ମୁସଲମାନଙ୍କ ଲାଗି ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ରହିଥିବା ୫% ସଂରକ୍ଷଣ କୋଟାକୁ ମହାଯୁତି ସରକାର ପ୍ରତ୍ୟାହାର କରିନେଇଛନ୍ତି। ସାମାଜିକ ନ୍ୟାୟାଧିକରଣ ବିଭାଗ ପକ୍ଷରୁ ବୁଧବାର ଏ ସମ୍ପର୍କରେ ଏକ ପ୍ରସ୍ତାବ ଜାରି କରାଯିବା ସହିତ ୨୦୧୪ରେ ଲାଗୁ କରାଯାଇଥିବା ଏହି ସଂରକ୍ଷଣ ବ୍ୟବସ୍ଥାକୁ ପ୍ରତ୍ୟାହାର କରିନେବାକୁ କୁହାଯାଇଛି। ୨୦୧୪ରେ କଂଗ୍ରେସ-ଏନ୍‌ସିପି ମେଣ୍ଟ ସରକାର ଏକ ସ୍ୱତନ୍ତ୍ର ଅଧ୍ୟାଦେଶ ଆଣି ମୁସଲମାନଙ୍କୁ ସ୍ୱତନ୍ତ୍ର ପଛୁଆବର୍ଗ(ଏସ୍‌ବିସି-ଏ) ଶ୍ରେଣୀଭୁକ୍ତ କରିଥିଲେ। ଏହି ବ୍ୟବସ୍ଥାରେ ଶିକ୍ଷା କ୍ଷେତ୍ରରେ ମୁସଲମାନମାନଙ୍କୁ ସଂରକ୍ଷଣ ମିଳିବା ସହିତ ସରକାରୀ ଏବଂ ସରକାରୀ ଅଧିକୃତ ସଂସ୍ଥାଗୁଡିକରେ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ସୁବିଧା ମିଳିଆସୁଥିଲା। କିନ୍ତୁ ମହାଯୁତି ସରକାର ଏହି ବ୍ୟବସ୍ଥାକୁ ହଟାଇ ଦେଇଛନ୍ତି। ମହାରାଷ୍ଟ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଏମ୍‌ଆଇଏମ୍‌ଆଇଏମ୍ ଏବଂ ଅନ୍ୟ କେତେକ ବିରୋଧୀ ଦଳ ପକ୍ଷରୁ ବିରୋଧ କରାଯାଇଛି। ମୁସଲମାନମାନେ ଆଇଏଏସ୍, ଆଇପିଏସ୍ ଅଧିକାରୀ ହୁଅନ୍ତୁ, ଏକଥା ମହାଯୁତି ସରକାର ଚାହୁଁନାହିଁ ବୋଲି ଏମ୍‌ଆଇଏମ୍‌ଆଇଏମ୍ ପକ୍ଷରୁ କୁହାଯାଇଛି।

# ଏଆଇ ଇମ୍ପାକ୍ଟ ସମିଟ୍ ଏକ୍ସପୋ'ର ଉଦ୍‌ଘାଟନ ଆଜି

## ୫୦ ବିଲିୟନ ଡଲାର ନିବେଶ କରିବ ମାଇକ୍ରୋସଫ୍ଟ

ନୂଆଦିଲ୍ଲୀ,୧୮।୨




ନୂଆଦିଲ୍ଲୀରେ ଭାରତ ମଣ୍ଡପମ୍‌ରେ ଚାଲିଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍-୨୦୨୬ର ପ୍ରଦର୍ଶନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଉଦ୍‌ଘାଟନ କରିବେ। ଏହି ଉଦ୍‌ଘାଟନୀ ସମାରୋହକୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ଏବଂ ଜାତିସଂଘ ମହାସଚିବ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ଏହି ପ୍ରଦର୍ଶନୀରେ ଆମନ୍ତ୍ରିତ ହୋଇଥିବା ବିଭିନ୍ନ ଦେଶର ପ୍ରତିନିଧିମାନେ ମଧ୍ୟ ଯୋଗଦେବେ। ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ବୁଧବାର ସନ୍ଧ୍ୟାରେ ସମସ୍ତ ବିଦେଶୀ ପ୍ରତିନିଧିମାନଙ୍କୁ ସ୍ୱାଗତ କରି ସେମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏଆଇକୁ ନେଇ ଗ୍ଲୋବାଲ୍ ସାଉଥ୍ ଏବଂ ଗ୍ଲୋବାଲ୍ ନର୍ଥ ମଧ୍ୟରେ ରହିଥିବା ଅନ୍ତର ଦୂର କରିବାକୁ ମାଇକ୍ରୋସଫ୍ଟ କର୍ପୋରେଶନ ୫୦ ବିଲିୟନ ଡଲାର ନିବେଶ କରିବାକୁ ଘୋଷଣା କରିଛି। ସେହିପରି ବିଶ୍ୱସ୍ତରରେ ଏଆଇକୁ ସାର୍ବଜନୀନ କରିବାକୁ ଭାରତର ପଦକ୍ଷେପକୁ ଆଲ୍‌ଫାବେଟ୍ ଇନ୍‌କର୍ପୋରେଶନ ସିଇଓ ସୁନ୍ଦର ପିଚାଇ ପ୍ରଶଂସା କରିଛନ୍ତି।

# ମଧ୍ୟପ୍ରାଚ୍ୟକୁ ଆମେରିକା ପଠାଇଲା ୫୦ ଯୁଦ୍ଧବିମାନ

## ଇରାନର ବହୁ ସାମରିକ ପ୍ରତିଷ୍ଠାନରେ ନିଆଁ

ତେହରାନ୍,୧୮।୨

ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଆମେରିକା ସହ ଲାଗିଥିବା ବିବାଦର ସମାଧାନ ପାଇଁ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଜାରି ରହିଛି। ଏହାସତ୍ତ୍ୱେ ଉଭୟ ଦେଶ ଯୁଦ୍ଧ ପ୍ରସ୍ତୁତି ବି ଚଳାଇଛନ୍ତି। ମଙ୍ଗଳବାର ଜେନେଭାଠାରେ ଉଭୟ ପକ୍ଷ ମଧ୍ୟରେ ବୈଠକ ଚାଲିଥିଲା ବେଳେ ଇରାନ ହର୍ମୁଜ୍ ପ୍ରଣାଳୀରେ ଯୁଦ୍ଧାଭ୍ୟାସ କରିବା ସହିତ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। ଏହାର କିଛି ଘଣ୍ଟା ପରେ ଆମେରିକା ଏହାର ୫୦ ଶକ୍ତିଶାଳୀ ଯୁଦ୍ଧ ବିମାନ ମଧ୍ୟପ୍ରାଚ୍ୟ ଅଭିମୁଖେ ପଠାଇଛି। ଏଥିରେ ଏଫ୍-୨୨, ଏଫ୍-୩୫ ଏବଂ ଏଫ୍-୧୬ ବିମାନ ରହିଛି। ଏହାପୂର୍ବରୁ ଆବ୍ରାହମ୍ ଲିଙ୍କନ୍ ଏବଂ ଗେରାଲ୍ଡ ଆର୍. ଫୋର୍ଡ ଦୁଇଟି ପରମାଣୁ ଶକ୍ତିସମ୍ପନ୍ନ ଯୁଦ୍ଧ ଜାହାଜ ଇରାନ ଉପକୂଳ ନିକଟରେ ଡେରା ପକାଇଥିଲା ବେଳେ ୩ ହଜାରରୁ ଅଧିକ ସୈନ୍ୟ ମଧ୍ୟ ମୁତୟନ ହୋଇଛନ୍ତି। ଆମେରିକା ଇରାନ ଉପରେ ଆକ୍ରମଣ ପାଇଁ ପୂର୍ଣ୍ଣ ପ୍ରସ୍ତୁତି ନେଇସାରିଛି ବୋଲି କୁହାଯାଉଛି। ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଚାଲିଥିଲେହେଁ ପାରସ୍ପରିକ ସର୍ତ୍ତକୁ ନେଇ ଉଠିଥିବା ବିବାଦର ସମାଧାନର ଆଶା କ୍ଷୀଣ ହୋଇପଡ଼ିଛି। ଦ୍ୱିପାକ୍ଷିକ ବୈଠକରେ ଅନେକ ବିଷୟର ବିଭିନ୍ନ ଦିଗ ଉପରେ ଆଲୋଚନା ହେବାକୁ ଥିବାରୁ ବିବାଦର ସମାଧାନ ଏତେ ଶୀଘ୍ର ସମ୍ଭବ ନୁହେଁ ବୋଲି ଆମେରିକା କହିଛି। ସେପଟେ ଇରାନ ମଧ୍ୟ ନିଜର ସୁରକ୍ଷା ପାଇଁ ସାମରିକ ସଜା ଆରମ୍ଭ କରିଦେଇଛି। କିନ୍ତୁ ତେହେରାନ୍ ନିକଟରେ ଥିବା ଇରାନର ବହୁ ଗୁରୁତ୍ୱପୂର୍ଣ୍ଣ ସାମରିକ ପ୍ରତିଷ୍ଠାନରୁ ବୁଧବାର ନିଆଁ ଉଠୁଥିବା ଦେଖାଯାଇଛି। ଏହାର କାରଣ ସ୍ପଷ୍ଟ କରାଯାଇନାହିଁ।

# ଗର୍ଭବତୀଙ୍କୁ ହତ୍ୟାକଲେ ସିଏ ସ୍ୱାମୀ

ଚଣ୍ଡିଗଡ଼,୧୮।୨

ସ୍ୱାମୀ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ଏବଂ ସ୍ତ୍ରୀ ହେଉଛନ୍ତି ଜଣେ ବ୍ୟାଙ୍କ ଅଧିକାରୀ। ସେମାନଙ୍କ ବିବାହକୁ ମାତ୍ର ୪ ମାସ ପୂରିଛି। ହେଲେ ଭାଲେଣ୍ଟାଇନ୍ସ ଡେ' ପାଳନ କରିବା ପରେ ଏହି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସ୍ୱାମୀ ତାଙ୍କ ଗର୍ଭବତୀ ସ୍ତ୍ରୀଙ୍କୁ ହତ୍ୟା କରିବା ଘଟଣା ବିଭିନ୍ନ ମହଲରେ ଆଲୋଚନାର ବିଷୟ ହୋଇଛି। ହରିୟାଣା ଝାଜର୍ ଜିଲାରେ ଏଭଳି ଜଘନ୍ୟ କାଣ୍ଡ ଘଟିଛି। ୪ ମାସ ତଳେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଂଶୁଲ ଧାୱନ୍ ମେହକ୍ ଧାୱନ୍‌ଙ୍କୁ ବିବାହ କରିଥିଲେ। ୨୭ ବର୍ଷୀୟା ଅଂଶୁଲ ଏକ ବ୍ୟାଙ୍କରେ ଚାକିରି କରିଥିଲେ। ସେ ଦୁଇ ମାସର ଗର୍ଭବତୀ ହୋଇଥିଲା ବେଳେ ନିକଟରେ ନିଜ ବାପାଙ୍କ ଘରକୁ ଯାଇଥିଲେ। ଗତ ରବିବାର ମେହକ୍ ଅଂଶୁଲଙ୍କୁ ଧରି ଗୁରୁଗ୍ରାମ ଆସୁଥିଲା ବେଳେ ବାଦ୍‌ଲି ଗ୍ରାମ ନିକଟରେ ତାଙ୍କୁ ହତ୍ୟା କରିଥିଲେ। କିନ୍ତୁ ପୋଲିସକୁ ସେ ବିଭ୍ରାନ୍ତକରି ଭୁଲ୍ କଥା କହିଥିଲେ। ସେମାନେ ଆସୁଥିଲା ବେଳେ କେତେଜଣ ଦୁର୍ବୃତ୍ତ ତାଙ୍କ ଗାଡି ଅଟକାଇ ଅଂଶୁଲଙ୍କ ଉପରେ ଆକ୍ରମଣ କରି ତାଙ୍କ ଗହଣା ଏବଂ ଗାଡ଼ି ନେଇଯାଇଥିଲେ ବୋଲି ମେହକ୍ ପୋଲିସ ନିକଟରେ କହିଥିଲେ। ଏଥିରେ ଅଂଶୁଲଙ୍କ ମୃତ୍ୟୁ ହୋଇଥିବା ଦର୍ଶାଇଥିଲେ। ହେଲେ କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଏବଂ ପାରିପାର୍ଶ୍ୱିକ ପ୍ରମାଣକୁ ନେଇ ପୋଲିସ ସନ୍ଦେହ କରି ମେହକ୍‌ଙ୍କୁ ପଚରାଉଚରା କରିବା ପରେ ମେହକ୍ ସତକଥା କହିବାକୁ ବାଧ୍ୟ ହୋଇଥିଲେ। ସେ ହିଁ ଅଂଶୁଲଙ୍କୁ ମାରିଥିବା ସ୍ୱୀକାର କରିବା ପରେ ପୋଲିସ ତାଙ୍କୁ ଗିରଫ କରିଛି।



ମେହକ୍ ଧାୱନ୍‌ଙ୍କ ସହ ସ୍ତ୍ରୀ ଅଂଶୁଲ।

# ବଡ଼ ପରଦାରେ 'ଅପରେଶନ ସିନ୍ଦୂର'



ବିବେକ ଅଗ୍ନିହୋତ୍ରୀ

**ମୁମ୍ବାଇ:** ୨୨ ଏପ୍ରିଲ ୨୦୨୫ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ଯେଉଁ ସାହସିକତା ପ୍ରଦର୍ଶନ କରିଥିଲା, ତାହା ଏବେ ବଡ଼ ପରଦାକୁ ଆସିବ। ମେ' ୨୦୨୫ ଆରମ୍ଭରେ ଭାରତ ପକ୍ଷରୁ କରାଯାଇଥିବା 'ଅପରେସନ ସିନ୍ଦୂର' ଉପରେ ଏବେ ଏକ ଚଳଚ୍ଚିତ୍ର ନିର୍ମାଣ ହେବା ସ୍ପଷ୍ଟ ହୋଇଛି।

ପହଲଗାମ ଆକ୍ରମଣରେ ଅନେକ ନିରୀହ ପର୍ଯ୍ୟଟକଙ୍କ ପ୍ରାଣହାନୀ ପରେ ଭାରତୀୟ ବାୟୁସେନା ପାକିସ୍ତାନ ସୀମା ଭିତରକୁ ପଶି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏଥିରେ ଜୈଶ-ଏ-ମହମ୍ମଦ ଏବଂ ଲସ୍କର-ଏ-ତୋଏବାର ଆତଙ୍କବାଦୀ ଶିବିର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ପ୍ରଥମେ ଭାରତ କେବଳ ଆତଙ୍କବାଦୀଙ୍କୁ ଟାର୍ଗେଟ କରିଥିଲା, କିନ୍ତୁ ଯେତେବେଳେ ପାକିସ୍ତାନୀ ସେନା ବିରୋଧ କରିବାକୁ ଚେଷ୍ଟା କଲା, ଭାରତର ଜବାବ ଆଗରେ ଆଣ୍ଠେଇ ଥିଲା। ରିପୋର୍ଟ ଅନୁସାରେ, ପ୍ରଯୋଜକ ଭୂଷଣ କୁମାର ଏବଂ ନିର୍ଦ୍ଦେଶକ-ପ୍ରଯୋଜକ ବିବେକ ଅଗ୍ନିହୋତ୍ରୀ ଏହି ପ୍ରୋଜେକ୍ଟ ପାଇଁ ଏକାଠି ହୋଇଛନ୍ତି। ଟି-ସିରିଜ ଏବଂ 'ଆଇ ଏମ୍ ବୁଦ୍ଧ' ପ୍ରଡକ୍ସନ ବ୍ୟାନରରେ ଏହା ନିର୍ମାଣ ହେବ। ତେବେ ବର୍ତ୍ତମାନ ସୁଦ୍ଧା ନିର୍ମାତାଙ୍କ ପକ୍ଷରୁ ଏନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ଫିଲ୍ମର କାଷ୍ଟ ଓ ରିଲିଜ ତାରିଖ ବିଷୟରେ ଜାଣିବା ପାଇଁ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି।

# ଗୋପୀନାଥପୁର ମିଶନ ଶକ୍ତି ବିଲ୍ଡିଂ ଅକ୍ଷୁଣ୍ଣ ରହିବ

## ଏନ୍‌ଜିଟି ରାୟ ସୁପ୍ରିମକୋର୍ଟରେ ଖାରଜ


ପୁରୀ ସଦର ବ୍ଲକ୍ ଗୋପୀନାଥପୁରରେ ଥିବା ମିଶନ ଶକ୍ତି ଗୃହ।

ନୂଆଦିଲ୍ଲୀ,୧୮।୨(ପି.ଟି.)

ପୁରୀ ଜିଲାର ଏକ ଗ୍ରାମରେ ଜଳାଶୟ ଉପରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ପକ୍ଷରୁ ନିର୍ମିତ ଏକ ବିଲ୍ଡିଂକୁ ଭାଙ୍ଗିବା ପାଇଁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଦେଇଥିବା ରାୟକୁ ବୁଧବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଏବଂ ବିପୁଲ ଏମ୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୦୨୨ ଜୁଲାଇରେ ଓଡ଼ିଶା ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜକରି ପୁରୀ ସଦର ବ୍ଲକ୍ ଗୋପୀନାଥପୁର ଗ୍ରାମ ପଞ୍ଚାୟତର ଆବେଦନର ଶୁଣାଣି ବେଳେ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି।

ବିଲ୍ଡିଂ ଭାଙ୍ଗିବା ନେଇ ଏନ୍‌ଜିଟିଙ୍କ ରାୟ ବିରୋଧରେ ହାଇକୋର୍ଟ କୌଣସି ରାୟ ଦେବାକୁ ମନା କରିଦେଇଥିଲେ ଏବଂ ପ୍ରତିକାରମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି, ଉକ୍ତ ଡାଙ୍ଗା ମହିଳା ସଶକ୍ତୀକରଣ କରୁଥିବା ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ଯୋଜନା ଅଧୀନରେ ନିର୍ମାଣ ହୋଇଥିଲା। ଏକ ସରକାରୀ କୋଠାକୁ ଭାଙ୍ଗିବା ପାଇଁ ଏନ୍‌ଜିଟି କିପରି ନିର୍ଦ୍ଦେଶ ଦେଉଛନ୍ତି ବୋଲି ସିଜେଆଇ ପ୍ରଶ୍ନ କରିବା ☞ପୃଷ୍ଠା-୪

# ଭୋଜିବେଳେ ସାଙ୍ଗଙ୍କୁ ଗୁଳି

କଟକ,୧୮।୨(କାର୍ତ୍ତିକ ସାହୁ)

କଟକ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ପ୍ରେସ କଲୋନୀର ଏକ ପରିତ୍ୟକ୍ତ ଘରେ ୬ରୁ ୭ ଜଣ ସାଙ୍ଗ ମିଶି ଭୋଜି କରୁଥିଲେ। ସମସ୍ତେ ହସଖୁସିରେ ମସ୍‌ଗୁଲ୍ ଥିଲେ। ହେଲେ କୌଣସି କାରଣକୁ ନେଇ ୨ ସାଙ୍ଗଙ୍କ ମଧ୍ୟରେ ହୋଇଥିବା ବଚସା ଭୋଜିଭାତର ଆସରକୁ ନିମିଷକ ମଧ୍ୟରେ ବିଷାଦପୂର୍ଣ୍ଣ କରିଦେଇଥିଲା। ଜଣେ ସାଙ୍ଗଙ୍କ ଗୁଳିରେ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା କଟକ ସହରର ଛାତି ଉପରେ ବୁଧବାର ଅପରାହ୍ନରେ ଘଟିଥିବାବେଳେ ସମସ୍ତଙ୍କୁ ଚକିତ କରିଦେଇଛି। ମୃତ ଯୁବକ ହେଉଛନ୍ତି ନୂଆପଡ଼ାର ସୌମ୍ୟରଞ୍ଜନ ଜେନା ଓରଫ ରିଙ୍କୁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ସାଙ୍ଗସାଥୀ ହୋଇ ଭୋଜିଭାତ କରୁଥିବା ସମୟରେ ବନ୍ଧୁକ ପାଖରେ


ସୌମ୍ୟରଞ୍ଜନ ଜେନା

ରଖିବା ଏବଂ ବଚସାରୁ ଗୁଳିକରି ଜଣେ ସାଙ୍ଗକୁ ହତ୍ୟା କରିବା ଘଟଣାପଛର ଅନେକ ରହସ୍ୟ ରହିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି।

ମିଳିଥିବା ସୂଚନାନୁସାରେ ରିଙ୍କୁ ଓ ତାଙ୍କର ୫ରୁ ୬ଜଣ ସାଙ୍ଗ ପ୍ରେସ୍ କଲୋନୀର ଏକ ପରିତ୍ୟକ୍ତ ଘରେ ବୁଧବାର ଅପରାହ୍ନରେ ଭୋଜିଭାତ କରୁଥିଲେ। ତେବେ ଏହି ସମୟରେ କୌଣସି କାରଣରୁ ରିଙ୍କୁଙ୍କ ସହ ୨ଜଣ ସାଙ୍ଗଙ୍କର ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରିଙ୍କୁଙ୍କୁ ଜଣେ ସାଙ୍ଗ ଗୁଳି କରିଥିଲେ। ଗୁଳିଟି ରିଙ୍କୁଙ୍କ ଛାତିରେ ବାଜିବାରୁ ସେ ଟଳିପଡ଼ିଥିଲେ। ସେଠାରୁ ୨ଜଣ ସାଙ୍ଗ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏସ୍‌ସିବି ମେଡିକାଲ୍‌କୁ ନେଇଯାଇଥିବାବେଳେ ଡାକ୍ତର ସେଠାରେ ରିଙ୍କୁଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଅନ୍ୟ ସାମଙ୍ଗମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁଳିକାଣ୍ଡ ଖବରପାଇ କଟକ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓଙ୍କ ସମେତ ମଧୁପାଟଣା ଥାନା ପୋଲିସ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଗୁଳିକାଣ୍ଡ ଘଟିଥିବା ସ୍ଥାନରେ ପହଞ୍ଚି ଉକ୍ତ କୋଠରିକୁ ବନ୍ଦ କରିଦେଇଥିଲେ। ସାଇଣ୍ଟିଫିକ ଟିମ୍ ଆସିବା ପରେ ତଦନ୍ତ ଆଗକୁ ଯିବ। ମୃତ ଯୁବକଙ୍କ ଜଣେ ☞ପୃଷ୍ଠା-୪

# କେବଳ ୭ ମିନିଟ୍

**ରାଜ୍ୟରେ ଧାନକିଣା ଓ ଚାଷୀ ସମସ୍ୟା ନେଇ ସପ୍ତଦଶ ବିଧାନସଭାର ୬ଷ୍ଠ ଅଧିବେଶନର ଦ୍ୱିତୀୟ ଦିନ ଏକପ୍ରକାର ଅଚଳ ହୋଇଯାଇଛି। ଚାଷୀମାନଙ୍କ ଧାନ କିଣିବାରେ ସରକାର ବିଫଳ କହି ବିରୋଧୀ ବିଜେଡି ଓ କଂଗ୍ରେସ ଗୃହର ମଧ୍ୟଭାଗରେ ଧାନ ଥୋଇବା ସହ ହାତରେ ବ୍ୟାନର ଓ ପୋଷ୍ଟର ଧରି ହଟ୍ଟଗୋଳ କରିବା ଯୋଗୁ ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲି ପାରି ନ ଥିଲା। ପ୍ରଶ୍ନକାଳ, ଶୂନ୍ୟକାଳ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇଯାଇଥିବାବେଳେ ଅପରାହ୍ନରେ ମଧ ଗୃହ ସ୍ୱାଭାବିକ ଭାବେ ଚାଲି ନ ଥିଲା। ହଟ୍ଟଗୋଳ ମଧ୍ୟରେ ତିନୋଟି ପର୍ଯ୍ୟାୟରେ ମାତ୍ର ୭ ମିନିଟ୍ ଗୃହ ଚାଲିଥିଲା। ପ୍ରଥମ ପର୍ଯ୍ୟାୟ ୧୦ଟା ୩୦ମିନିଟ୍‌ରୁ ୧୦ଟା ୩୩ ମିନିଟ୍, ଦ୍ୱିତୀୟରେ ସାଢ଼େ ୧୧ଟାରୁ ୧୧ଟା ୩୨ ମିନିଟ୍ ଏବଂ ଅପରାହ୍ନରେ ୪ଟାରୁ ୪ଟା ୦୨ ମିନିଟ୍ ପର୍ଯ୍ୟନ୍ତ ଗୃହ ଚାଲିଥିଲା। ଗୃହରେ ବିରୋଧୀଙ୍କ ହଟ୍ଟଗୋଳ ଓ ନାରାବାଜି ଏତେ ତୀବ୍ର ଥିଲା ଯେ, ବାଚସ୍ପତି ସୁରମା ପାଢ଼ୀ ଆସନ୍ତା ଗୁରୁବାର ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଏଭଳି ଅଚଳାବସ୍ଥାକୁ ନେଇ ଗୃହ ବାହାରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଦୋଷାରୋପ ଜୋର୍ ଧରିଥିଲା।**

ଭୁବନେଶ୍ୱର,୧୮।୨
(ରବିନାରାୟଣ ଜେନା)

ବୁଧବାର ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଭାଜପା ସଦସ୍ୟ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କ ପ୍ରଶ୍ନର ଉତ୍ତର ରଖିବାକୁ ଡାକିଥିଲେ। ଏହି ସମୟରେ ମନ୍ତ୍ରୀ ଉତ୍ତର ରଖୁଥିବାବେଳେ ବିଜେଡି ଓ କଂଗ୍ରେସ ହାତରେ ବ୍ୟାନର, ପୋଷ୍ଟର ଧରି ଗୃହର ମଧ୍ୟଭାଗକୁ ପ୍ରବେଶ କରିଥିଲେ। ବିଜେଡି ସଦସ୍ୟମାନେ ବିଧାନସଭା ସଚିବଙ୍କ ଟେବୁଲ ଉପରେ ଧାନ ଥୋଇ ତୀବ୍ର ପ୍ରତିବାଦ ଜଣାଇଥିଲେ। ମା' କାନ୍ଦୁଛି, ଚାଷୀ କାନ୍ଦୁଛି, ମୋହନ ସରକାର ଛି ଛି ଏବଂ ଡବଲ ଇଞ୍ଜିନ ସରକାରରେ ଡବଲ କର୍ନି ଛର୍ନି ଭଳି ବିଭିନ୍ନ ବ୍ୟାନର ଧରିବା ସହ ନାରାବାଜି କରିଥିଲେ। କଂଗ୍ରେସ ସଭ୍ୟମାନେ ମଧ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଶୂନ୍ୟକାଳରେ ଭାଜପା ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରାୟ ଏବଂ ଆଶ୍ରିତ ପଟ୍ଟନାୟକଙ୍କୁ ବାଚସ୍ପତି ଡାକିଥିଲେ, ସଦସ୍ୟମାନେ ସ୍ଥାନୀୟ ଅଞ୍ଚଳର ରାସ୍ତା ଓ ବିଦ୍ୟୁତ୍ ସମସ୍ୟା ପ୍ରସଙ୍ଗରେ କହିଥିଲେ ହେଁ ହଟ୍ଟଗୋଳ ମଧ୍ୟରେ ତାହା ବୁଝାପଡୁ ନ ଥିଲା। ଫଳରେ ପ୍ରଥମାର୍ଦ୍ଧରେ ଦୁଇଟି ପର୍ଯ୍ୟାୟରେ ମାତ୍ର ୫ ମିନିଟ୍ ଗୃହ ଚାଲିବା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ସେହିପରି ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ପୁନର୍ବାର ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସମାନ ଢଙ୍ଗରେ ପ୍ରତିବାଦ ଜାରି ରଖିଥିଲେ। ନିଜ ନିଜ ଆସନକୁ ଫେରିଯିବାକୁ ବାଚସ୍ପତି ବାରମ୍ବାର ଅନୁରୋଧ କରିଥିଲେ ହେଁ ସଦସ୍ୟମାନେ ଶୁଣି ନ ଥିଲେ। ଗୃହରେ ଏଭଳି ଅସ୍ୱାଭାବିକ ସ୍ଥିତିକୁ ନେଇ ବାଚସ୍ପତି ଅପରାହ୍ନ ୪ଟା ୦୨ ମିନିଟ୍‌ରୁ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ।

ଗୃହ ବାହାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟ ସରକାରଙ୍କ କଥା ଅଧିକ କାମ କମ୍। ରାଜ୍ୟରେ ଚାଷୀମାନେ ଦୁର୍ଦ୍ଦିନ ଭିତରେ ଗତି କରୁଛନ୍ତି। ସରକାର କହିଲେ, ଚାଷୀଙ୍କ ସବୁ ଧାନ କିଣାଯିବ। ହେଲେ ଖାଦ୍ୟଯୋଗାଣ ମନ୍ତ୍ରୀ ଜଣେ ଚାଷୀଙ୍କଠାରୁ ଅତିବେଶିରେ ୧୫୦ କୁଇଣ୍ଟାଲ ଧାନ କିଣିବା ନେଇ ଫତୁଆ ଜାରିକଲେ। ଏହି ପ୍ରସଙ୍ଗରେ ରାଜ୍ୟପାଳଙ୍କ ଅଭିଭାଷଣରେ କିଛି ରହିଲା ନାହିଁ। ସରକାର ଓ ମନ୍ତ୍ରୀଙ୍କ କଥାରେ ତାଳମେଳ ନାହିଁ। କହୁଛନ୍ତି ଗୋଟାଏ କରୁଛନ୍ତି ଆଉ ଗୋଟାଏ। କୃଷିମନ୍ତ୍ରୀ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି କାଡାମ ଦାବି କରିଛନ୍ତି।

ବିଜେଡି ସଦସ୍ୟ ☞ପୃଷ୍ଠା-୪

**ନାଲ୍‌କୋ ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରସଙ୍ଗ**

# ବାଦବିବାଦରେ ସରିଲା ପରିବେଶ ମଞ୍ଜୁରୀ ଜନଶୁଣାଣି

ଅନୁଗୋଳ,୧୮।୨
(ମାନସ ବିଶ୍ୱାଳ)

ଅନୁଗୋଳ ସହର ଉପକଣ୍ଠରେ ଅବସ୍ଥିତ ନବରତ୍ନ କମ୍ପାନୀ ନାଲ୍‌କୋ ନିଜର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ସ୍ମେଲଟର କାରଖାନା ସମ୍ପ୍ରସାରଣ କରିବାକୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଛି। ଏଥିପାଇଁ ପ୍ରଶାସନିକସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ବୁଧବାର କାଙ୍ଗୁଲା, ଗୋପୀନାଥପୁର ଓ କୁଲାଡ଼ ମୌଜାର ଥିବା ଗୋପୀନାଥପୁର ପଡ଼ିଆରେ ପରିବେଶ ମଞ୍ଜୁରୀ ନିମନ୍ତେ ଜନଶୁଣାଣି ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବାଦବିବାଦ ଭିତରେ ଏହା ଶେଷ ହୋଇଥିବାବେଳେ ଏଥିରେ ଅନୁଗୋଳ ଅତିରିକ୍ତ ଜିଲାପାଳ ଉଦୟ ନାଥ ମହାପାତ୍ର ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶ ଚନ୍ଦ୍ର ଏକା ଉପସ୍ଥିତ ଥିଲେ।


ଏହି ଜନଶୁଣାଣିରେ ଜମି ହରାଉଥିବା ବ୍ୟକ୍ତି, ସାମାଜିକ କର୍ମୀଙ୍କୁ ମିଶାଇ ମୋଟ ୩୧ ଜଣ ମତ ରଖିଥିଲେ। ବ୍ରହ୍ମଦେବ ଜେନା, ବିଚିତ୍ରା ନନ୍ଦ ଭୋଇ, ତାପସ ପାଲ, ପ୍ରଦୀପ ତ୍ରିପାଠୀ, ଲଳିତ ପାଲ, ଚନ୍ଦନ କୁମାର ମହାରଣା, କବିଚନ୍ଦ୍ର ବେହେରା, ସୁଷମା ରଥ ପ୍ରମୁଖ ପରିବେଶକୁ ସୁରକ୍ଷିତ ରଖିବା ସହିତ ଜମିହରାମାନଙ୍କୁ ସ୍ଥାୟୀ ନିଯୁକ୍ତି ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏଥିସହିତ ରାସ୍ତା, ବିଦ୍ୟାଳୟ, ଉନ୍ନତମାନର ଚିକିତ୍ସାଳୟ, ଗଛ ଲଗାଇ ନୂତନ ଗ୍ରିନ୍ ବେଲଟ୍ ପ୍ରସ୍ତୁତ କରିବା, ପାନୀୟ ଜଳର ବ୍ୟବସ୍ଥା, ଜଳ ଓ ବାୟୁ ପ୍ରଦୂଷଣ ରୋକିବା ଦିଗରେ ଦୃଷ୍ଟି ରଖିବାକୁ ଦାବି କରିଥିଲେ। ଏ ନେଇ ନାଲ୍‌କୋ ଇଡି ସଚିଦାନନ୍ଦ ଜେନା କହିଛନ୍ତି, ଏହି ଜନଶୁଣାଣିକୁ ୩ଟି ମୌଜାର ଲୋକ ଆସିଥିଲେ। ୩୧ ଜଣ ନିଜର ମତ ରଖିଥିଲେ। ନାଲ୍‌କୋ କମ୍ପାନୀ ରାଜ୍ୟ ଓ କେନ୍ଦ୍ର ବାୟୁ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ନିୟମରେ ଚାଲୁଛି। କୌଣସି ପ୍ରକାରର ତ୍ରୁଟି ହେଲେ ସର୍ବଦା ରକ୍ଷଣାଶୀଳ ପଦକ୍ଷେପ ଗ୍ରହଣ କରାଯାଉଛି। ବାୟୁ ଓ ଜଳ ପ୍ରଦୂଷଣକୁ ରୋକିବା ପାଇଁ ନୂତନ ଜ୍ଞାନ କୌଶଳ ☞ପୃଷ୍ଠା-୪


# ଶ୍ୱଶୁର ଘରେ ସ୍ତ୍ରୀଙ୍କୁ ପେଟ୍ରୋଲରେ ପୋଡ଼ି ହତ୍ୟା ଉଦ୍ୟମ

## ଉଦ୍ଧାର କରିବାକୁ ଯାଇ ୩ ଗୁରୁତର

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/
ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ),୧୮।୨

ଶ୍ୱଶୁର ଘରେ ସ୍ତ୍ରୀଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଛନ୍ତି ଜଣେ ଯୁବକ। ଉକ୍ତ ମହିଳାଙ୍କୁ ଉଦ୍ଧାର କରିବାକୁ ଯାଇ ତାଙ୍କ ବାପା, ମା' ଓ ଭାଇ ନିଆଁରେ ପୋଡ଼ି ଗୁରୁତର ହୋଇଛନ୍ତି। ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁକରି ପୋଲିସ ଜିମା ଦେଇଛନ୍ତି। ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମରେ ମଙ୍ଗଳବାର ରାତିରେ ଏହି ଘଟଣା ଘଟିଛି। ନାରାୟଣପୁରର ରାଜେନ୍ଦ୍ର ସାମନ୍ତରାୟ ତାଙ୍କ ଝିଅ ଯୋଗମାୟାଙ୍କୁ ସୋର ଅଞ୍ଚଳର ମାଣତ୍ରୀ ଗ୍ରାମର କରୁଣାକର କବିଙ୍କୁ ବିବାହ ଦେଇଥିଲେ। ଉଭୟଙ୍କର ୨ ସନ୍ତାନ ଅଛନ୍ତି। ବିବାହକୁ ୭ବର୍ଷ ହୋଇଥିଲେ ହେଁ ଦୁହିଁଙ୍କ ମଧ୍ୟରେ ବିଭିନ୍ନ କାରଣରୁ କଳହ ହେଉଥିଲା। ନିର୍ଯାତନା ସହି ନ ପାରି ଯୋଗମାୟା ଆଇନର ଆଶ୍ରୟ ନେଇଥିଲେ। ମାସକ ତଳେ ସେ ଶାଶୁଘରୁ ଲୁଚି ବାପଘରକୁ ପଳାଇ ଆସିଥିଲେ। ମଙ୍ଗଳବାର ରାତିରେ କରୁଣାକର ଶ୍ୱଶୁରଘରେ ପହଞ୍ଚି ପାଟିତୁଣ୍ଡ କରିବା ସହ ସାଙ୍ଗରେ ଆଣିଥିବା ପେଟ୍ରୋଲ ଯୋଗମାୟାଙ୍କ ଉପରକୁ ପକାଇ ନିଆଁ ଲଗାଇବା ବେଳେ ପରିବାର ଲୋକେ ବିରୋଧ କରିଥିଲେ। ଫଳରେ ଶ୍ୱଶୁର, ଶାଶୁ ଓ ଶଳା ପୋଡ଼ି ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଶ୍ୱଶୁରଙ୍କ ଶରୀରର ୪୦% ପୋଡ଼ି ଯାଇଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଯୋଗମାୟାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୮୮/୨୬) ରୁଜୁ କରି କରୁଣାକରଙ୍କୁ ଗିରଫ ପରେ ବୁଧବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- 'ସଂସ୍କୃତି ଓ ସଂସ୍କୃତି' ଏବଂ 'ବିଦ୍ୟାକନକ ସୃଜନାନୁଷ୍ଠାନ' ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'କୁହୁଡ଼ି', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫ ।
- ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ବାଲିଅନ୍ତା ବ୍ଲକର ବେଣ୍ଟପୁରସ୍ଥିତ କଲ୍ୟାଣ ମଣ୍ଡପ ପରିସର, ସମୟ: ସକାଳ ୯ଟା ।
- ଶ୍ରୀରାମ ମନ୍ଦିରର ୧୭ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବାଲିଅନ୍ତା ବ୍ଲକର ବେଣ୍ଟପୁରସ୍ଥିତ ଶ୍ରୀରାମ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ।
- ବାଦି ପାଲା ଉଦ୍‌ଯାପନୀ, ସ୍ଥାନ: ବାଲିଅନ୍ତା ବ୍ଲକର ଶାଳେଶ୍ୱର ଗ୍ରାମ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।

## ବାଲେଶ୍ୱର

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର,ସ୍ଥାନ:ବ୍ଲକ୍ ପରିସର, ରେମୁଣା,ସମୟ:ପୂର୍ବାହ୍ନ ୧୦ଟା ।
- ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନ,ସ୍ଥାନ:ଚାରୁ ଓ କାରୁ କଳା ମହାବିଦ୍ୟାଳୟ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୧ଟା ।

## ଭଦ୍ରକ

- ଦକ୍ଷିଣେଶ୍ୱରୀ କାଳୀମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ନୂତନ ବସ୍‌ଷ୍ଟାଣ୍ଡ ନିକଟ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ।

## କେନ୍ଦୁଝର

- ପ୍ରସ୍ତାବିତ ମେଗା ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ଜନଶୁଣାଣି, ସ୍ଥାନ: ଚେମଣା ପଞ୍ଚାୟତ ରେଙ୍ଗାଲବେଡା, ପାଟଣା, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଶ୍ରୀମଦ୍ ଭାଗବତ କଥା ଜ୍ଞାନ ଯଜ୍ଞ, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ଅପରାହ୍ନ ୩ ଟା ।

## ମୟୂରଭଞ୍ଜ

- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା,ସ୍ଥାନ:ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା ।
- ସିଦ୍ଧି ବିନାୟକ ମନ୍ଦିରର ପ୍ରତିଷ୍ଠା ଅବସରରେ ସୂର୍ଯ୍ୟପୂଜା,ଗୋପୂଜା ଓ ଯଜ୍ଞ, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା ।
- ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା ବାରିପଦା,ସମୟ: ପୂର୍ବାହ୍ନ ୧୧ଟ ।

## ଢେଙ୍କାନାଳ

- ଆଦିବାସୀ ସମାବେଶ, ସ୍ଥାନ: ଲହଡା, ଗଁଦିଆ ବ୍ଲକ, ସମୟ: ଅପରାହ୍ନ ୧ଟା ।

## ଜଗତ୍‌ସିଂହପୁର

- ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନାରେ ରୁଟ୍ ସଂଶୋଧନ ସଂକ୍ରାନ୍ତୀୟ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହ, ସମୟ: ପୂର୍ବାହ୍ନ୧୧ଟା ।
- ଆଶା କାର୍ଯ୍ୟକଳାପ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହ, ସମୟ: ପୂର୍ବାହ୍ନ୧୧ଟା ୩୦ ।
- ଜିଲାର ସମସ୍ତ ବେସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ମାଲିକମାନଙ୍କ ସହ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା ।

## କେନ୍ଦ୍ରାପଡ଼ା

- ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ଖଡିଅଙ୍ଗ, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୦ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ଚାଷୀ ପଞ୍ଜୀକରଣ ଏବଂ ଡିଜିଟାଲ କ୍ରପ୍ ସର୍ଭେ ସଂକ୍ରାନ୍ତରେ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା ।
- ଇଣ୍ଟିଗ୍ରେଟେଡ ଫାର୍ମିଂ ସିଷ୍ଟମ ସଂକ୍ରାନ୍ତରେ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ମଧ୍ୟାହ୍ନ ୧୨ଟା ।
- ଫସଲ ବୀମା ଯୋଜନାର ଜିଲାସ୍ତରୀୟ ମନିଟରିଂ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା୩୦ ।
- ଅଷ୍ଟପ୍ରହରର ନଗର ପରିକ୍ରମା, ସ୍ଥାନ: ଧର୍ମଶାଳା ବ୍ଲକ୍‌ର କଣିପାଟିଆ ଗ୍ରାମ, ସମୟ: ଅପରାହ୍ନ ୨ଟା ।

## ନୟାଗଡ଼

- ଜାମାଲାଗି ବେଶର ୨୮ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ଜିଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ସନ୍ଧାନ ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ରଣପୁର ବ୍ଲକ ରାଜସୁନାଖଳା,ସମୟ: ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ ଟା ।
- ମହିଳା ଆତ୍ମରକ୍ଷା କୌଶଳ ଶିବିରର ଉଦ୍‌ଯାପନ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ମହାଶିବରାତ୍ରି ଅବସରରେ ଜାଗରଯାତ୍ରାର ୫ମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ:ସନ୍ଧ୍ୟା ୬ଟା ।

## ରାୟଗଡ଼ା

- ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଏଟିଏମ୍ ଛକ, ଗୁଡାରି, ସମୟ:ସନ୍ଧ୍ୟା ୬ଟା ।

## କୋରାପୁଟ

- ୭ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା, ସ୍ଥାନ: ନନ୍ଦପୁର ବ୍ଲକ, ସମୟ: ସକାଳ ୯ଟା ।
- ବଟ ଗଣେଶ ମନ୍ଦିର ପ୍ରତିଷ୍ଠା ନେଇ କଳସ ଯାତ୍ରା, ସ୍ଥାନ: କୋରାପୁଟ ଚନ୍ଦନ ପୋଖରୀ, ସମୟ: ସକାଳ ୯ ଟା ।
- ହିନ୍ଦୁ ସମାଜ ପକ୍ଷରୁ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଚନ୍ଦନ ଶ୍ରୀକ୍ଷେତ୍ର ମନ୍ଦିର ଆମ୍ବତୋଟା, ଦଶମନ୍ତପୁର, ସମୟ: ଅପରାହ୍ନ ୧ଟା୪୦ ।
- ରୋଗୀ କଲ୍ୟାଣ ସମିତି ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଡିଏଚ୍‌ଏଚ୍ ସଭାଗୃହ, ସମୟ: ଅପରାହ୍ନ ୪ ଟା ।
- ମା ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ସେମିଳିଗୁଡ଼ା ଗୋପବନ୍ଧୁ ନଗରସ୍ଥିତ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ ଟା ।

## ସମ୍ବଲପୁର

- ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜନରେ ଦୀନବନ୍ଧୁ ଗୋସ୍ୱାମୀ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର କୋଲକାତା ବିରାଟ ଏକାଡେମୀ ବନାମ ଜାମସେଦପୁର ଟାଟା ଏସଓସି ମ୍ୟାଚ, ସ୍ଥାନ : ହାୱା ମଇଦାନ, ହାୱା ମଇଦାନ, ସମୟ : ସକାଳ ୮ଟା ।
- ସମ୍ବଲପୁର ସେଲିବ୍ରିଟି କପ କ୍ରିକେଟ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା ।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା ।

## ବଲାଙ୍ଗୀର

- ମାଟ୍ରିକ ପରୀକ୍ଷା ଆରମ୍ଭ, ସ୍ଥାନ: ଜିଲାର ୧୬୮ ହାଇସ୍କୁଲ ପରୀକ୍ଷା କେନ୍ଦ୍ର, ବଲାଙ୍ଗୀର, ସମୟ: ସକାଳ ୯ଟା ।
- ଶ୍ରୀଗୁପ୍ତେଶ୍ୱର ମନ୍ଦିର ମହାଶିବରାତ୍ରି ମେଳା ଉଦ୍‌ଯାପନ, ସ୍ଥାନ: ଗୁପ୍ତେଶ୍ୱର ମନ୍ଦିର ପରିସର, ଖୁଟୁଲୁମୁଣ୍ଡା, ତୁରେକେଲା ବ୍ଲକ, ସମୟ : ପୂର୍ବାହ୍ନ ୧୦ଟା ୩୦ ମିନିଟ ।

## ରାଉରକେଲା

- ୫ମ ଦିବସ ଜାଗର ମେଳା, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା ।
- ଶୀତଳାମାତା ମନ୍ଦିର ପ୍ରତିଷ୍ଠା ଉତ୍ସବ, ୨ୟ ଦିନ, ସ୍ଥାନ: ବିଶ୍ରା ଡାହାର ହନୁମାନ ମନ୍ଦିର, ସମୟ: ସକାଳ ୮ଟା ।
- ଗାୟତ୍ରୀ ଶକ୍ତିପୀଠରେ ୨୪ କୁଣ୍ଡିୟ ଯଜ୍ଞ ଆରମ୍ଭ ଓ କଳସଯାତ୍ରା, ସ୍ଥାନ: ସେକ୍ଟର-୨, ସମୟ: ମଧ୍ୟାହ୍ନ ୧୨ଟା ।

## ବରଗଡ଼

- ସୁଭଦ୍ରା ଶକ୍ତି ମେଳା,ସ୍ଥାନ:ଆର୍‌ଏମ୍‌ସି ମାର୍କେଟ ୟାର୍ଡ ପଡ଼ିଆ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା ।

## କଳାହାଣ୍ଡି

- ଆଇସିଡିଏସ୍‌ର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- କେସିଙ୍ଗା ମାରୱାଡି ଯୁବମଞ୍ଚ ପକ୍ଷରୁ ମାଗଣାରେ ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ଓ ଉପକରଣ ପ୍ରଦାନ ଶିବିର, ସ୍ଥାନ: କେସିଙ୍ଗା ଥାନା ସମ୍ମୁଖ ଅଗ୍ରସେନ ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ଇସ୍ପାତ ଟ୍ରେନ୍ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଜୁନାଗଡ଼ ରେଳଷ୍ଟେଶନ, ସମୟ: ଅପରାହ୍ନ ୩ଟା ।

## ସୁବର୍ଣ୍ଣପୁର

- ଶିବ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ।
- ବୀରମହାରାଜପୁର ଦୋଳଯାତ୍ରା ଫଗୁନପୁନି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଉପ ଜିଲପାଳ ଅଫିସ ସଭାଗୃହ , ସମୟ: ଅପରାହ୍ନ ୨ଟା୩୦ ।
- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ୍, ସ୍ଥାନ:ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ, ସମୟ:ଅପରାହ୍ନ ୩ଟା ୩୦ ।
- ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟର ଷଷ୍ଠ ସନ୍ଧ୍ୟା, ସ୍ଥାନ:ସୁବର୍ଣ୍ଣପୁର ସହର ସ୍ଥିତ ରୟାଲ ପଡିଆ, ସମୟ:ସନ୍ଧ୍ୟା ୬ଟା ୩୦ ।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

## ନୂଆପଡ଼ା

- ଏସ୍‌ବିଆଇ ପକ୍ଷରୁ ନତନ ଏଟିଏମ୍‌ର ଶୁଭାରମ୍ଭ, ସ୍ଥାନ: ନୂତନ ବସ୍‌ଷ୍ଟାଣ୍ଡ ନୂଆପଡ଼ା, ସମୟ: ଅପରାହ୍ନ ୪ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ପାରିବାରିକ ଜୀବନରେ ସ୍ନେହ, ସହାନୁଭୂତିର ଅଭାବ ରହିବ ନାହିଁ । ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି । ଭ୍ରମଣଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେବ । ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତି ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହୋଇପାରନ୍ତି ।

**ବୃଷ** ବନ୍ଧୁପରିଜନଙ୍କ ସହିତ ଯାତ୍ରା ସମୟରେ କୌଣସି ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ଅର୍ଥହାନିର ଯୋଗ ରହିଛି । ସହକର୍ମୀଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ଅପ୍ରିୟତା ଅର୍ଜନ କରିବେ । ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁଦଉଡ଼ କରିବାକୁ ପଡ଼ିବ । ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ ।

**ମିଥୁନ** ସ୍ୱାସ୍ଥ୍ୟସମସ୍ୟା ବୃଦ୍ଧି ପାଉଥିବାରୁ ଚିନ୍ତାପ୍ରକଟ କରିପାରନ୍ତି । ସାଧାରଣ କଥାରେ ଉତ୍ତେଜିତ ହେବା ଦ୍ୱାରା ପଡ଼ୋଶୀମାନଙ୍କ ସହ ସମ୍ପର୍କରେ ହ୍ରାସ ଘଟିବ । କଚେରି ମାମଲାରେ ବାଇଦା ପଡିବା କାରଣରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି । ବ୍ୟବସାୟିକ ସ୍ଥିତି ଭଲ ରହିବ ଓ ବନ୍ଧୁଙ୍କ ସହିତ ଆଜିର ଆଲୋଚନା ଫଳପ୍ରଦ ହେବ ।

**କର୍କଟ** ବନ୍ଧୁଙ୍କ ଅବିବେକୀ କାମ, ସହକର୍ମୀଙ୍କ କୂଟନୀତି ଓ ଆତ୍ମୀୟଙ୍କ ବେଖାତିର କଥାରୁ ଦୁଃଖାନୁଭବ କରିପାରନ୍ତି । କର୍ମକ୍ଷେତ୍ରସ୍ଥ ବନ୍ଧୁଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କ ଅନୁଚିନ୍ତା ଦୂର ହୋଇଯିବ । ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ । ପାରିବାରିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି ।

**ସିଂହ** ଆଜି କୌଣସି କାମ କରିସାରିବା ପଶ୍ଚାତେ ଅନୁତାପ କରିପାରନ୍ତି । ଆବଶ୍ୟକ ଟଙ୍କା ପଇସା ଯୋଗାଡ଼ ସକାଶେ ବିଭିନ୍ନ ଯୋଜନା କରିବେ । ସହକର୍ମୀଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ । ଶିଳ୍ପ, ବାଣିଜ୍ୟ, ପରିବହନ, ଏଜେନ୍ସି, ଗଣଯୋଗାଯୋଗ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ ।

**କନ୍ୟା** ସାମାନ୍ୟ କଥାରୁ ମତାନ୍ତର ଘଟିଥିବା ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ । ତରବର ନ ହୋଇ କାମକଲେ ସମସ୍ୟା ସମାଧାନ ହେବାରେ ଅସୁବିଧା ରହିବ ନାହିଁ । ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି । ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ ।

**ତୁଳା** ସ୍ଥଗିତ କାମଟି ଆଜି ହିଁ ଶେଷ କରିବାକୁ ଭାବୁଥିଲେ ମଧ୍ୟ ତାହା ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ । କୌଣସି ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିବେ । ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ । ସଭାସମିତିରେ ସମ୍ମାନିତ ହୋଇପାରନ୍ତି ।

**ବିଛା** ନିଜକୁ ପୂର୍ଣ୍ଣ ଶୃଙ୍ଖଳିତ କରିବାକୁ ଚାହୁଁଥିଲେ ମଧ୍ୟ ପରିସ୍ଥିତି ତାହା କରାଇ ଦେଇ ନ ପାରେ । କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧର ସାମ୍ନା କରିବେ । ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କୁ ନିଜ କାମରେ ସହଭାଗିତା କରାଇପାରିବେ । ଅତୀତର ବିବାଦକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ବାକ୍‌ବିତଣ୍ଡା ସୃଷ୍ଟି ହେବାର ସୂଚନା ରହିଛି ।

**ଧନୁ** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ଭାବୁଥିବା କଥାଟି ଆଜି ସମ୍ପନ୍ନ ହୋଇଯିବ । ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି । ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ । ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତି ଓ ଆନୁଷ୍ଠାନିକ କାମରୁ ମନ ଖୁସି ରହିପାରେ ।

**ମକର** ସ୍ଥଗିତ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ସକାଶେ ବନ୍ଧୁଙ୍କ ସହଯୋଗର ଆବଶ୍ୟକତା ଅନୁଭବ କରିବେ । ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି । କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି କରିବା ସାଙ୍ଗକୁ ସୁନାମ ମଧ୍ୟ ପାଇବେ । ପ୍ରତ୍ୟାବର୍ତ୍ତନର ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି ।

**କୁମ୍ଭ** ଜମା ଭଲ ସମ୍ପର୍କ ନ ଥିବା ନିଜର ଲୋକମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି କରିପାରିବେ ନାହିଁ । ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ଯୋଗୁ ଖୁସି ହେବେ । ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ । ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ଯୋଗୁ ମନ ଭାରାକ୍ରାନ୍ତ ରହିପାରେ ।

**ମୀନ** ପରୋକ୍ଷ ଶତ୍ରୁତାରୁ କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦକୁ ଟାଣି ହୋଇପାରନ୍ତି । ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ନେବେ । ଆଜିର ଦିନଚର୍ଯ୍ୟାରେ ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହେବ । ମାଙ୍ଗଳିକ କାମ ସକାଶେ ଆତ୍ମୀୟଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି ।

ଆଜି ଫେବୃଆରୀ ୧୯ ତାରିଖ, ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ଗୁରୁବାର । ଶ୍ରୀରାମକୃଷ୍ଣ ପରମହଂସଙ୍କ ଜନ୍ମତିଥି, ରମ୍‌ଜାନ ମାସର ରୋଜା ଆରମ୍ଭ । ରାଶିନକ୍ଷତ୍ର-ପୂର୍ବାଭାଦ୍ରପଦ/କୁମ୍ଭ, ଦିବା ଘ.୦୨।୫୯ମି. ଗତେ ମୀନଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୬।୧୭ମି. ଗତେ ଘ.୦୭।୪୮ମି. ମଧ୍ୟେ, ଘ.୧୦।୫୧ମି. ଗତେ ଘ.୦୧।୦୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧।୨୬ମି. ଗତେ ଘ.୦୨।୫୨ମି. ମଧ୍ୟେ ରାହୁ କାଳ ।

## ବାଦବିବାଦରେ ସରିଲା...

ବ୍ୟବହାର ହେଉଛି । ଏଥିସହିତ ଲୋକମାନଙ୍କୁ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା ରହିଛି । ଏ ଦିଗରେ ଆର୍‌ପିଡିଏସି ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ନାଲ୍‌କୋ ଇଡି ପ୍ରକାଶ କରିଛନ୍ତି । ଅତିରିକ୍ତ ଜିଲାପାଳ ଉଦୟ ନାଥ ମହାପାତ୍ର କହିଛନ୍ତି, ଏହି ପରିବେଶ ମଞ୍ଜୁରୀ ଜନଶୁଣାଣି ସଫଳତାର ସହିତ ଶେଷ ହୋଇଛି । ୩ଟି ମୌଜାର ଲୋକମାନେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ । ପରିବେଶକୁ ନେଇ ଉଦ୍‌ବେଗ, ନିଯୁକ୍ତି ଭିତ୍ତିକ ସମସ୍ୟା, ନାଲ୍‌କୋ ପାରିପାର୍ଶ୍ୱିକ ଅଞ୍ଚଳରେ ଉନ୍ନତିମୂଳକ ସମସ୍ୟା ଉପରେ ଲୋକମାନେ କ୍ଷୋଭ ପ୍ରକାଶ କରିଥିଲେ । ଲୋକମାନଙ୍କ ମତାମତକୁ ଭିଡିଓଗ୍ରାଫି କରାଯାଇଛି । ଏସବୁର ତର୍ଜମା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ ।

## ଭୋଜିବେଳେ...

ସାଙ୍ଗଙ୍କ କହିବାନୁସାରେ ରିଙ୍କୁ ଭଲ କ୍ରିକେଟ ଖେଳନ୍ତି । ତାଙ୍କର କାହା ସହ ଶତ୍ରୁତା ନ ଥିଲା । ଅନ୍ୟପକ୍ଷରେ ମୃତ ଯୁବକଙ୍କୁ ମେଡିକାଲ ନେଇଯାଇଥିବା ୨ ସାଙ୍ଗଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ଉଲ୍ଲେଖଯୋଗ୍ୟ ଯେ, କଟକରେ ଚୋରା ବନ୍ଧୁକ କାରବାର ବଢ଼ି ଚାଲିଥିବାବେଳେ ଆପରାଧିକ କାର୍ଯ୍ୟକଳାପ ଏହି କାରଣରୁ ବଢ଼ିଚାଲିଛି । ସ୍ୱଚ୍ଛ ଦିବାଲୋକରେ ଏପରି ଅପରାଧ ଘଟିବା ପରେ ସାଧାରଣ ଲୋକେ ଅଧିକ ଭୟଭୀତ ହୋଇପଡ଼ିଛନ୍ତି । ପୁଣି ପ୍ରେସ୍ କଲୋନୀର ଉକ୍ତ ଖାଲି ଷ୍ଟାଫ୍ କ୍ୱାର୍ଟର୍ସରେ ଭୋଜି କରିବା ପାଇଁ କେମିତି ସୁଯୋଗ ଦିଆଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଅଧିକ ତଦନ୍ତର ଆବଶ୍ୟକତା ରହିଥିବା ମତପ୍ରକାଶ ପାଇଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଏ ବର୍ଷର ମନୁ
ଆର ବର୍ଷକୁ ବଇଦ ।**

ମଣିଷ ବିପଦରେ ପଡ଼ିଲେ ସେଥିରୁ ବର୍ତ୍ତିବା ପାଇଁ ଚେଷ୍ଟାକରେ , ଫଳସ୍ୱରୂପ ବୁଦ୍ଧି ଖଟାଇ କିଛି ଶିକ୍ଷା ହାସଲ କରେ । ବିପଦ ହିଁ ମଣିଷକୁ ଅଭିଜ୍ଞ କରାଏ । ଅଭିଜ୍ଞତାରୁ ଶିଖି କୌଣସି ବିଷୟରେ ଅଭିଜ୍ଞ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଏ ଘରେ ମୁଁ ରହିବି ନାହିଁ,
ଏ ଗଞ୍ଜଣା ମୁଁ ସହିବି ନାହିଁ ।**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ, ସେ ଘର ପ୍ରତି ବ୍ୟକ୍ତିର ମୋହ ମାୟା ତୁଟିଯାଇଥାଏ । ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ ମଧ୍ୟ କ୍ରମଶଃ ଫିକା ପଡ଼ିଯାଇଥାଏ । ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କ ଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ପ୍ରଥମ ପୃଷ୍ଠାରୁ...

## ଏଆଇ ସମିଟ୍‌ରେ ...

୧୬ରେ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଥିବାବେଳେ ସମିଟ୍ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଆଇ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ଭାରତର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ, ଆଇଟି ପ୍ରତିଷ୍ଠାନଗୁଡ଼ିକୁ ଏଥିରେ ଭାଗନେଇ ନିଜ ଉପକରଣ ପ୍ରଦର୍ଶନର ସୁଯୋଗ ମିଳିଛି । ଏହି ପରିପ୍ରେକ୍ଷୀରେ ଘରୋଇ ବିଶ୍ୱବିଦ୍ୟାଳୟ ଗାଲ୍‌ଗୋଟିଆସ୍ ୟୁନିଭର୍ସିଟିକୁ ସେଠାରେ ଏକ ଷ୍ଟଲ୍ ଦିଆଯାଇଥିଲା । ଉକ୍ତ ଷ୍ଟଲ୍‌ରେ ଥିବା ଏକ ରବୋଟିକ୍ ଡଗ୍‌କୁ ଗାଲ୍‌ଗୋଟିଆସ୍ ୟୁନିଭର୍ସିଟି ନିଜ ପ୍ରଡକ୍ଟ କହି ପ୍ରଦର୍ଶନ କରୁଥିଲା । ୟୁନିଭର୍ସିଟିର ଯୋଗାଯୋଗ ବିଭାଗ ପ୍ରଫେସର ନେହା ସିଂ ସରକାରଙ୍କ ଦ୍ୱାରା ପରିଚାଳିତ 'ଦୂରଦର୍ଶନ' ନ୍ୟୁଜ୍ ଚ୍ୟାନେଲକୁ କହିଥିଲେ, ଏହି ରୋବୋଟିକ୍ ଡଗ୍ ଗାଲ୍‌ଗୋଟିଆସ୍ ୟୁନିଭର୍ସିଟିର ସେଣ୍ଟର ଅଫ୍ ଏକ୍ସିଲେନ୍ସ (ଉତ୍କର୍ଷ କେନ୍ଦ୍ର) ଦ୍ୱାରା ବିକଶିତ ହୋଇଛି । ଆପଣଙ୍କୁ ଓରିଅନ୍‌କୁ ଭେଟିବାକୁ ପଡ଼ିବ । ନେହା ସିଂଙ୍କ ଏହି ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । କିନ୍ତୁ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀମାନେ ତତ୍‌କ୍ଷଣାତ୍ ଉକ୍ତ ରୋବୋକୁ ଚିହ୍ନିପାରିଥିଲେ । ଚାଇନା ପ୍ରସ୍ତୁତ ୟୁନିଟ୍ରି ରୋବୋଟିକ୍ସର ମୂଲ୍ୟ ୨,୮୦୦ ଆମେରିକୀୟ ଡଲାର, ଯାହାକୁ ବିଶ୍ୱବ୍ୟାପୀ ଗବେଷଣା ଓ ଶିକ୍ଷା କ୍ଷେତ୍ରରେ ବହୁଳ ଭାବେ ବ୍ୟବହାର କରାଯାଇଥାଏ । ଏହି ଉପାଖ୍ୟାନ ଭାରତର ଏଆଇ ମହତ୍ତ୍ୱାକାଂକ୍ଷାକୁ ଅଡୁଆରେ ପକାଇବା ସହ କେନ୍ଦ୍ର ସରକାରଙ୍କୁ ସମାଲୋଚିତ କରିଛି । ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିବାଦ ସୃଷ୍ଟି ହେବା ପୂର୍ବରୁ ଉକ୍ତ ଭିଡିଓ କ୍ଲିପ୍‌କୁ ସୋସିଆଲ ମିଡିଆରେ ଶେୟାର କରିଥିଲେ । ଅଶ୍ୱିନୀ ଏଥିରେ ଲେଖିଥିଲେ, ଭାରତର ସାର୍ବଭୌମ ମଡେଲ୍‌ଗୁଡ଼ିକ ବୈଶ୍ୱିକ ମାପଦଣ୍ଡ ଅନୁସାରେ କାର୍ଯ୍ୟ କରୁଛି । ଏହା ଆମ ଇଞ୍ଜିନିୟର ଓ ନବୋନ୍ମେଷକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା । ତେବେ ହଟହଟା ହେବା ପରେ ଅଶ୍ୱିନୀ ସେହି ପୋଷ୍ଟକୁ ଡିଲିଟ୍ କରିଦେଇଥିଲେ । ଏହା ଉପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର 'X'ରେ ସମାଲୋଚନା କରି କହିଛନ୍ତି, ପୋଷ୍ଟ ଡିଲିଟ୍ କରିଦେଲେ ବାସ୍ତବତା ବଦଳିଯାଏ ନାହିଁ । ଆପଣ ଭାରତକୁ ଉପହାସର ପାତ୍ର କରିଦେଇଛନ୍ତି । ଯଦି ନିଜ ଦାୟିତ୍ୱ ତୁଲାଇପାରୁ ନାହାନ୍ତି ତେବେ ମନ୍ତ୍ରୀପଦ ଛାଡ଼ି ଗାଲ୍‌ଗୋଟିଆସ୍‌ର ଘୂର୍ଣ୍ଣନ ପ୍ରଫେସର ଭାବେ ଯୋଗଦେଇପାରନ୍ତି ବୋଲି ମହୁଆ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ସେହିପରି କଂଗ୍ରେସ ନେତା ପଓ୍ୱନ ଖେରା କହିଛନ୍ତି, କେନ୍ଦ୍ରରେ ଏକ 'ଗାଲ୍‌ଗୋଟିଆସ୍ ସରକାର' ଚାଲିଛି । 'ଗାଲ୍‌ଗୋଟିଆସ୍ ସରକାର' ଭାରତରେ କେବଳ ଗାଲ୍‌ଗୋଟିଆସ୍ ଭଳି ବିଶ୍ୱବିଦ୍ୟାଳୟକୁ ପ୍ରୋତ୍ସାହନ ଦେଇଛନ୍ତି । ଭାରତରେ ଥିବା ଅନେକ ଅଗ୍ରଣୀ ତଥା ବୈଶ୍ୱିକ ଟେକ୍ ଏକ୍‌ଜିକ୍ୟୁଟିଭ୍ କଂଗ୍ରେସ ଦ୍ୱାରା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଠ ପଢ଼ିଛନ୍ତି । ସେପଟେ ବିବାଦୀୟ ଓ ସମାଲୋଚିତ ହେବା ପରେ ଉଭୟ ଗାଲ୍‌ଗୋଟିଆସ୍ ଏବଂ ପ୍ରଫେସର ନେହା ସିଂ ଉକ୍ତ ରୋବୋ ତାଙ୍କ ୟୁନିଭର୍ସିଟି ଦ୍ୱାରା ବିକଶିତ କରାଯାଇନାହିଁ । ୟୁନିଭର୍ସିଟି ଏହାକୁ କେବେ ନିଜର ବୋଲି ଦାବି କରିନାହିଁ । ଏହା ଦ୍ୱନ୍ଦ୍ୱ ଯୋଗୁ ସୃଷ୍ଟି ହୋଇଥିବା ଏକ ବିବାଦ କହି ବିଶ୍ୱବିଦ୍ୟାଳୟ ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି । ପ୍ରଫେସର ନେହା ସିଂ ଉକ୍ତ ରୋବୋ ଡଗ୍ ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ନ ଥିବାରୁ ଭୁଲ୍ ସୂଚନା ଦେଇଥିଲେ ବୋଲି ଗାଲ୍‌ଗୋଟିଆସ୍ ସଫେଇ ଦେଇଛି । ଆୟୋଜକଙ୍କ ଭାବାବେଗକୁ ବୁଝି ଭାରତ ମଣ୍ଡପମ୍‌ରେ ମିଳିଥିବା ଷ୍ଟଲ୍‌କୁ ଛାଡ଼ି ଦିଆଯାଇଥିବା ଗାଲ୍‌ଗୋଟିଆସ୍ କହିଛି । ସରକାରଙ୍କ ଆଇଟି ସଚିବ ଏସ୍. କ୍ରିଷ୍ଣନ୍ କହିଛନ୍ତି, ନିଜର ହୋଇ ନ ଥିବା କୌଣସି ଉପକରଣକୁ କେହି ନିଜର ବୋଲି ଦାବି କରନ୍ତୁ, ତାହା ସରକାର ଚାହାନ୍ତି ନାହିଁ ।

## ଆଜିଠୁ ମାଟ୍ରିକ୍...

ପରୀକ୍ଷାର୍ଥୀଙ୍କ ପରୀକ୍ଷା ଲାଗି ଅତିରିକ୍ତ ୫୦ ମିନିଟ ସମୟ ଦିଆଯିବ । ପ୍ରତିଦିନ ଗୋଟିଏ ସିଟିଂରେ ପରୀକ୍ଷା କରାଯିବ । ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ସେଣ୍ଟର ସହାୟକ ଲେଖାଳି ଯୋଗାଇଦେବେ । ଯଦି ନିଜେ ଚାହିଁବେ ତେବେ ଦଶମ ଶ୍ରେଣୀରୁ ତଳ ଶ୍ରେଣୀର ଛାତ୍ରଙ୍କୁ ସହାୟକ ଲେଖାଳି ଭାବେ ଭିନ୍ନକ୍ଷମ ପରୀକ୍ଷାର୍ଥୀ ଆଣି ପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି । ପରୀକ୍ଷା ପରିଚାଳନା ତଦାରଖ ପାଇଁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି । ଚଳିତବର୍ଷ ପ୍ରଶ୍ନପତ୍ର ଭାଇରାଲ ରୋକିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସମସ୍ତ ପରୀକ୍ଷା କେନ୍ଦ୍ର ସମେତ ନୋଡାଲ ସେଣ୍ଟରରେ ଲାଇଭଷ୍ଟ୍ରିମିଂ ବ୍ୟବସ୍ଥା ହୋଇଛି । କୌଣସି ବିଶୃଙ୍ଖଳା ହେଲେ ଏହି ବ୍ୟବସ୍ଥାରେ ବୋର୍ଡ ମୁଖ୍ୟାଳୟ ଜାଣିପାରିବ । ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ବୁକ୍‌ଲେଟର ପ୍ରତି ପୃଷ୍ଠା ତଥା ପ୍ରତି ନମ୍ବରରେ ୱାଟରମାର୍କ ରହିଛି । ପ୍ରଶ୍ନପତ୍ର ଭାଇରାଲ ହେଲେ, ତାହା ସହଜରେ ଧରିହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

## ରାଜ୍ୟ ସଭା: ମାର୍ଚ୍ଚ ୧୬ରେ...

ପାଟିଲ ରଜନୀ ଅଶୋକରାଓ, ଆଠୱାଲେ ରାମଦାସ ବନ୍ଧୁ ରହିଥିବାବେଳେ ତାମିଲନାଡୁର ଏନ୍. ଆର୍. ଇଲାଙ୍ଗୋ, ପି.ସେଲଭାରସୁ, ଏମ୍.ଥାମ୍ବିଦୁରାଇ, ତିରୁଚି ସିବ, ଡ. କାନିମୋଝି ଏନ୍‌ଭିଏନ୍ ସୋମୁ, ଜି.କେ. ଭାସନ, ପଶ୍ଚିମବଙ୍ଗର ସକେତ ଗୋଖଲେ, ରୀତାବ୍ରତ ବାନାର୍ଜୀ, ବିକାଶ ରଞ୍ଜନ ଭଟ୍ଟାଚାର୍ଯ୍ୟ, ମଉସମ ନୁର୍, ସୁବ୍ରତ ବକ୍ସି, ଆସାମର ରାମେଶ୍ୱର ନେଲି, ଭୁବନେଶ୍ୱର କଳିତା, ଅଜିତ କୁମାର ଭୂୟାଁ, ବିହାରର ଅମରେନ୍ଦ୍ର ଧରି ସିଂ, ପ୍ରେମଚାନ୍ଦ ଗୁପ୍ତା, ରାମନନାଥ ଠାକୁର, ଉପେନ୍ଦ୍ର ଖୁସ୍‌ୱାହା, ହରିବଂଶ ନାରାୟଣ ସିଂ, ଛତିଶଗଡ଼ର କବି ତେଜପାଲ ସିଂ ତୁଲସୀ, ଫଉଲୋଦେବୀ ନେତମ, ହରିୟାଣାର କିରଣ ଚୌଧରୀ, ରାମଚନ୍ଦେର ଜଙ୍ଗରା, ହିମାଚଳ ପ୍ରଦେଶର ଇନ୍ଦୁବାଳା ଗୋସ୍ୱାମୀ, ତେଲଙ୍ଗାନାର ଡ. ଅଭିଷେକ ମନୁ ସିଂଘଭୀ ଏବଂ କେ. ଆର୍. ସୁରେଶ ରେଡ୍ଡୀ ରହିଛନ୍ତି ।

ଅନୁ ସଚିବ ଦର୍ଶାଇଛନ୍ତି, ଏହି ନିର୍ବାଚନ ପ୍ରକ୍ରିୟା ବେଳେ ରିଟର୍ନିଂ ଅଫିସରମାନେ ପ୍ରଦତ୍ତ କରିଥିବା କେବଳ ବାଇଗଣୀ ରଙ୍ଗର ସ୍କେଚ୍ ପେନ୍‌କୁ ବାଲାଟ ପେପରରେ ବ୍ୟବହାର କରାଯିବ । ନିର୍ବାଚନ ପର୍ଯ୍ୟବେକ୍ଷକମାନେ ଯେଭଳି ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ତୀକ୍ଷ୍ଣ ଭାବେ ନିରୀକ୍ଷଣ କରିବେ ସେଥିପ୍ରତି ଦୃଷ୍ଟିଦେବାକୁ ଇସିଆଇ ନିର୍ଦ୍ଦେଶ ଦେଇଥିବା ରାଜେଶ କୁମାର ଦର୍ଶାଇଛନ୍ତି ।

## ଓଡ଼ିଶାବାସୀ ଖାଉଛନ୍ତି ...

ବାହାର ରାଜ୍ୟର ୧୨ଟି କମ୍ପାନୀ ରହିଛନ୍ତି । ଏହିସବୁ କମ୍ପାନୀର ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ମାନ ଯାଞ୍ଚ କରିବା ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଥିବା ଖାଦ୍ୟ ସୁରକ୍ଷା କମିଶନରେଟ୍ ଦ୍ୱାରା ପରୀକ୍ଷା କରାଯାଇଥାଏ । ତେବେ ଖାଦ୍ୟ ସୁରକ୍ଷା କମିଶନରେଟ୍ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଓଡ଼ିଶାରେ ବାହାର ରାଜ୍ୟର ଅଧିକ କମ୍ପାନୀ ଦୁଗ୍ଧ ତଥା ଦୁଗ୍ଧଜାତୀୟ ଖାଦ୍ୟ ବ୍ୟବସାୟ କରୁଛନ୍ତି ।

## ଗୋପୀନାଥପୁର...

ସହ ଏହାକୁ ଲୋକ ପାଇଁ ମୌଳିକ ସୁବିଧା ପ୍ରଦାନକୁ ଚ୍ୟାଲେଞ୍ଜ ଭାବେ ଅଭିହିତ କରିଛନ୍ତି । ଏଭଳି ପିଟିଶନ ଦାଖଲ କରି ସବୁକିଛିକୁ ବନ୍ଦ କରାଇବାକୁ ଆପଣ ଚାହୁଁଛନ୍ତି । ସେଠାରେ ଅନେକ ପୋଖରୀ ରହିଛି । ଯଦି ସ୍ଥାନୀୟ ଏସ୍‌ଏଚ୍‌ଜି ଏହି ବିଲ୍ଡିଂକୁ ବ୍ୟବହାର କରୁଛି ତେବେ ତାକୁ ନେଇ କୌଣସି ସମସ୍ୟା ରହିବା ଅନୁଚିତ ବୋଲି ସିଜେଆଇ କହିଛନ୍ତି ।

ଏହା ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଏହି ପ୍ରସଙ୍ଗକୁ ଜଳାଶୟ ପାଇଁ ଚିନ୍ତାଜନକ ବୋଲି ଯୁକ୍ତି ବାଢ଼ିଥିଲେ । ସିଜେଆଇ କହିଥିଲେ, ଏହି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକ କିପରି କାର୍ଯ୍ୟ କରିଥାଏ, ତାହା ତାଙ୍କୁ ଜଣା । ଏପରି ପ୍ରସଙ୍ଗରେ ଏନ୍‌ଜିଟି ଏକ ବିଶେଷଜ୍ଞ ସଂସ୍ଥାର ସହାୟତା ନେବା ଉଚିତ ବୋଲି ସିଜେଆଇ କହିଛନ୍ତି । ଖଣ୍ଡପୀଠ କହିଲେ, ଏକ ଝରଣାକୁ ଭୁଲ୍ ଭାବେ ଏକ ଜଳାଶୟ ରୂପେ ବର୍ଣ୍ଣନା କରାଯାଇଛି । ସିଜେଆଇ କହିଲେ, ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆତ୍ମନିଯୁକ୍ତି ଓ ନିରନ୍ତରତା ପ୍ରଦାନ କରିବା ଏକ ସାମ୍ବିଧାନିକ ଲକ୍ଷ୍ୟ, ଯାହାକୁ ଅଣଦେଖା କରାଯାଇପାରିବ ନାହିଁ । ଏହାର ସଂରକ୍ଷଣ ଜରୁରୀ, ଏପରି କି ନ୍ୟାୟିକ ମଞ୍ଚରେ ମଧ୍ୟ । ତେବେ ଆଇନର ଖୋଲା ଉଲ୍ଲଂଘନ ହେଲେ ସେନେଇ ବିଚାର କରାଯାଇପାରେ । ଏହି ପ୍ରସଙ୍ଗରେ ଆବେଦନକାରୀ ସେହି ଅଞ୍ଚଳର ଜଣେ ବାସିନ୍ଦା । ସେ ବିଲ୍ଡିଂ ନିର୍ମାଣ ପରେ ଆଇନର ଆଶ୍ରୟ ନେଇଛନ୍ତି । ତେବେ ଉକ୍ତ କୋଠା ଝରଣାର ସ୍ରୋତକୁ ରୋକୁଥିବା ନେଇ କୌଣସି ସ୍ଥାନରେ ଉଲ୍ଲେଖ କରାଯାଇ ନାହିଁ । କୋଠା ନିର୍ମାଣ ହୋଇସାରିବା ପରେ ଟ୍ରିବ୍ୟୁନାଲ ଉକ୍ତ ଆବେଦନର ଶୁଣାଣି କରିବାର କୌଣସି ଯଥାର୍ଥତା ନାହିଁ । ତେଣୁ କୋଠା ଭଙ୍ଗ ନେଇ ଏନ୍‌ଜିଟି ଏବଂ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବଳବତ୍ତର ରଖାଯାଇପାରିବ ନାହିଁ । କୋଠା ଅକ୍ଷୁର୍ଣ୍ଣ ରହିବ ବୋଲି ସିଜେଆଇ ନିର୍ଦ୍ଦେଶ ଦେଇଛନ୍ତି ।

## କେବଳ...

ସାରଦା ଜେନା ସରକାରଙ୍କ ଚାଷୀ ମାରଣନୀତିକୁ ନେଇ ତୀବ୍ର ନିନ୍ଦା କରିଛନ୍ତି । ରାଜ୍ୟ ସରକାର ରାଜ୍ୟପାଳଙ୍କ ମୁହଁରେ ମିଛ କୁହାଇଛନ୍ତି । ଚଳିତବର୍ଷ ସରକାର ଚାଷୀଙ୍କଠାରୁ ଧାନ କିଣିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଚାଷୀମାନେ ଏବେ କାନ୍ଦୁଛନ୍ତି । ନୈତିକତା ଦୃଷ୍ଟିରୁ ବିଭାଗୀୟ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଶାସକ ଦଳ ପକ୍ଷରୁ ସଦସ୍ୟ ବାବୁ ସିଂ କହିଛନ୍ତି, ରାଜ୍ୟପାଳଙ୍କ ଅଭିଭାଷଣ ପରେ ବିଧାନସଭା ମଙ୍ଗଳବାର ବନ୍ଦ ପରେ ବୁଧବାର ଆରମ୍ଭ ହୋଇଥିଲା । ପ୍ରଶ୍ନକାଳ ସାଢ଼େ ୧୦ଟାରୁ ସାଢ଼େ ୧୧ଟା ଯାଏ ଚାଲିବା କଥା । ଏହି ସମୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ହେଲେ ବିରୋଧୀମାନେ ଗୃହକୁ ଚଳାଇବାରେ ସହଯୋଗ କରୁନାହାନ୍ତି । ବିରୋଧୀମାନେ ରାଜ୍ୟର ବିକାଶ ଚାହୁଁନାହାନ୍ତି । ଯଦି ସଦସ୍ୟମାନେ ରାଜ୍ୟପାଳଙ୍କ ଅଭିଭାଷଣକୁ ନେଇ କିଛି କହିବାର ଥିଲା, ତାହା କହିପାରିଥାନ୍ତେ । ହେଲେ ରାଜ୍ୟ ସରକାରଙ୍କ ବିକାଶକୁ ବିରୋଧୀ ସହ୍ୟ କରିପାରୁନାହାନ୍ତି । ରାଜ୍ୟ ବିକାଶରେ ବିରୋଧୀ ବାଧକ ସାଜିଛନ୍ତି ବୋଲି ସେ କହିଛନ୍ତି ।


**ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାଫଳ ପ୍ରକାଶ**

**କଟକ(କାର୍ତ୍ତିକ ସାହୁ):** ମାଧମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ବୋର୍ଡ ୱେବ୍‌ସାଇଟ www.bseodisha.ac.inରେ ସନ୍ଧ୍ୟା ୬ଟାରୁ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ନିଜ ରୋଲ୍ ନମ୍ବର ଜରିଆରେ ଫଳ ଡାଉନଲୋଡ୍ କରି ଜାଣିପାରିବେ।

# ୩ ମାସରେ ୩୪,୬୪୧ ନିଯୁକ୍ତି ଦିଆଯିବ: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୧୮।୨(ସୁନିତ୍ ମିଶ୍ର)**

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୁଧବାର ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡିକୁ ପୂରଣ କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି। ଆସନ୍ତା ଜୁନ୍ ସୁଦ୍ଧା ୬୫ ହଜାର ନିଯୁକ୍ତି ଦେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ୩୯,୫୦୦ ଜଣଙ୍କୁ ନିଯୁକ୍ତି ଦିଆସରିଥିବା ବେଳେ ଆସନ୍ତା ୩ ମାସରେ ଆଉ ୩୪,୬୪୧ ନିଯୁକ୍ତି ଦେବା ପାଇଁ ବିଭିନ୍ନ ଆୟୋଗଙ୍କୁ ଅନୁରୋଧ କରାଯାଇଥିବା ନେଇ ଗର୍ଗ ସୂଚନା ଦେଇଛନ୍ତି। ବୈଠକରେ ଗର୍ଗ ବିକଶିତ ଓଡ଼ିଶା ୨୦୩୬ ଏବଂ ୨୦୪୭ ଲକ୍ଷ୍ୟ ରଖି ପ୍ରସ୍ତୁତ ହୋଇଥିବା ୨ ବର୍ଷିଆ ଆକ୍ସନ ପ୍ଲାନ୍‌କୁ ଆହୁରି ସରଳୀକରଣ କରିବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶିତ ୧୫ ଦଫା କାର୍ଯ୍ୟସୂଚୀ ମଧ୍ୟରେ ଭିଜନ ଡକ୍ୟୁମେଣ୍ଟ ଲକ୍ଷ୍ୟ କାର୍ଯ୍ୟକାରୀ କରିବା ଅନ୍ୟତମ ପ୍ରାଥମିକତା ରହିଥିବାରୁ ଓଡ଼ିଶାର ଦୀର୍ଘମିଆଦୀ ଲକ୍ଷ୍ୟ ହାସଲ ପାଇଁ ଏଥିପ୍ରତି ସମସ୍ତ ବିଭାଗ ଗୁରୁତ୍ୱ ଦେବା ଓ ନିୟମିତ ସମୀକ୍ଷା ସମ୍ପର୍କରେ ଆଲୋଚନା ହୋଇଛି। ବୈଠକରେ ମୁଖ୍ୟ ସଚିବ ୩୬ ଫର୍ ୩୬ର ପ୍ରମୁଖ ପଦକ୍ଷେପ ଅନ୍ତର୍ଗତ ପ୍ରତ୍ୟେକ ଜିଲାରେ ସନ୍ତୁଳିତ ଓ ସମନ୍ୱୟବଦ୍ଧ ବିକାଶ ଉପରେ ଗୁରୁତ୍ୱ ଦେଇ ବଡ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ନେଇ ସମୀକ୍ଷା ଓ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ପରାମର୍ଶ ଦିଆଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଖର୍ଚ୍ଚ ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ କୁହାଯାଇଛି। ଏହାସହ ବିଧାୟକ ଏବଂ ଏମ୍‌ପିମାନେ ବିଭିନ୍ନ ବିଭାଗକୁ ଦେଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ, ପରାମର୍ଶ ଏବଂ ପଦକ୍ଷେପ ସମ୍ପର୍କରେ ଦୃଷ୍ଟିଦେବା ପାଇଁ ସବୁ ସଚିବଙ୍କୁ ବୈଠକରେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।




# କୋଇଲା ଖଣି ପାଇଁ ମେଶିନ ସର୍ଭେକୁ ତୀବ୍ର ବିରୋଧ


ମେଶିନ ସର୍ଭେକୁ ମାରୁଢ଼ିପ ଗ୍ରାମବାସୀ ବିରୋଧ କରୁଛନ୍ତି।

**ଛେଣ୍ଡିପଦା,୧୮।୨ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲର ବୈତରଣୀ ପଶ୍ଚିମରେ ଥିବା କୋଡାନାଳି ଲୁବୁରୀ କୋଲ୍ ବ୍ଲକରେ କୋଇଲା ଖଣି ହେବ। ଏହି ଖଣି ସର୍ଭେ ପାଇଁ ୪୪ରୁ ଅଧିକ ବୋର୍‌ୱେଲ ଖନନ ଆବଶ୍ୟକ ରହିଥିବାବେଳେ ଏହି କୋଲ୍ ବ୍ଲକ୍ ପାଇଥିବା ଜିଏମ୍‌ଡିସି କମ୍ପାନୀ ପକ୍ଷରୁ ଏଥିପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଜିଏମ୍‌ଡିସି ପକ୍ଷରୁ ଏକ ଠିକା ସଂସ୍ଥା ବୁଧବାର ମେଶିନ ଧରି ଜଙ୍ଗଲ ନିକଟରେ ସର୍ଭେ ପାଇଁ ପହଞ୍ଚିବା ବେଳେ ଏହାକୁ କ୍ଷତିଗ୍ରସ୍ତ ହେବାକୁ ଥିବା ଗ୍ରାମବାସୀଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ଏହାକୁ ନେଇ ମାରୁଢ଼ିପ ଗାଁ ନିକଟରେ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏଠାରେ କୋଇଲା ଖଣି ହେଲେ ମାରୁଢ଼ିପ ସଂରକ୍ଷିତ ଜଙ୍ଗଲ ସମେତ କଣଲୋଇ ଓ ନୂଆଗାଁ ପଞ୍ଚାୟତ କ୍ଷତିଗ୍ରସ୍ତ ହେବ। ମାରୁଢ଼ିପ ଜଙ୍ଗଲରୁ ଗ୍ରାମବାସୀ ଦୀର୍ଘଶହେ ବର୍ଷ ହେବ ଉପକୃତ ହେଉଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଓ ବନବିଭାଗ କାହାକୁ ନ ଜଣାଇ ଏହି ଜଙ୍ଗଲରେ କୋଇଲା ଖଣି ପାଇଁ ଯୋଜନା ଚଳାଇଛନ୍ତି। ଏହି ଜଙ୍ଗଲ ହାତୀଙ୍କ ବାସସ୍ଥାନ ହୋଇଥିବା ବେଳେ ଏଠାରେ କୋଇଲା ଖଣି ହେଲେ ହାତୀପଲ ଗାଁରେ ପଶିବେ। ତେଣୁ ଏଠାରେ କୋଇଲା ଖଣି କରାଇ ଦିଆଯିବ ନାହିଁ। ଗ୍ରାମକୁ ସର୍ଭେ ପାଇଁ ଆସିଥିବା ବୋର୍ ମେଶିନକୁ ଗ୍ରାମବାସୀ ଅଟକାଇବା ସହିତ ସପକ୍ଷବାଦୀ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ପୋଲିସ ଗାଁରେ ପହଞ୍ଚି ସର୍ଭେ ମେଶିନକୁ ଗାଁରୁ ବାହାର କରିଦେଇଥିଲେ। ମେଶିନ ଗାଁରୁ ବାହାର କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ସମ୍ପର୍କରେ କଣଲୋଇ ସରପଞ୍ଚ ଜନ୍ମେଞ୍ଜୟ ମାଝୀ କହିଛନ୍ତି, ପଞ୍ଚାୟତବାସୀ ଓ ଜଙ୍ଗଲ କମିଟିକୁ ନ ଜଣାଇ ସର୍ଭେ ପାଇଁ ଉଦ୍ୟମ କରାଯାଇଥିଲା। ଏହାକୁ ବିରୋଧ କରାଯାଇଛି। ଏଠାରେ କୌଣସି କୋଇଲା ଖଣି କରାଯାଇ ଦିଆଯିବ ନାହିଁ। ବାଗେଡିଆ ଥାନା ଏଏସ୍‌ଆଇ ଅଜୟ କୁମାର ସ୍ୱାଇଁ କହିଛନ୍ତି, ବର୍ତ୍ତମାନ କାମ ସ୍ଥଗିତ ରଖାଯାଇଛି। ଗ୍ରାମବାସୀ, କମ୍ପାନୀ ଓ ପ୍ରଶାସନକୁ ନେଇ ଆଲୋଚନା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ।

# ‘ପଞ୍ଚାୟତ, ପୌରସଂସ୍ଥା ନିର୍ବାଚନରେ ପଛୁଆବର୍ଗଙ୍କ ସଂରକ୍ଷଣ ବ୍ୟବସ୍ଥା ଅଣାଯାଉ’

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଶ୍ରୀକାନ୍ତ**

**ଭୁବନେଶ୍ୱର, ୧୮।୨(ସୁନିତ୍ ମିଶ୍ର)**

ନବଗଠିତ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଏବଂ ପୌରସଂସ୍ଥାଗୁଡ଼ିକରେ ହେବାକୁ ଥିବା ସ୍ଥାନୀୟ ସ୍ୱାୟତ୍ତ ଶାସନ ନିର୍ବାଚନ ବିଷୟ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଙ୍ଗଳବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏକ ଚିଠି ଲେଖିଛନ୍ତି। ଚିଠିରେ ଶ୍ରୀକାନ୍ତ ଉଲ୍ଲେଖ କରିଛନ୍ତି, ରାଜ୍ୟ ପଞ୍ଚାୟତ ଓ ପୌରସଂସ୍ଥାଗୁଡିକରେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ମାତ୍ର ପଛୁଆବର୍ଗଙ୍କ ପାଇଁ କୌଣସି ସଂରକ୍ଷଣ ନାହିଁ। ବହୁଦିନରୁ ପଛୁଆବର୍ଗଙ୍କ ପକ୍ଷରୁ ଏନେଇ ଦାବି ହୋଇଆସୁଥିଲେ ମଧ୍ୟ ସରକାର ଏହାକୁ ଉପେକ୍ଷା କରିଛନ୍ତି। ଅପରପକ୍ଷରେ ଅନ୍ୟ ରାଜ୍ୟଗୁଡିକରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗଙ୍କ ସହ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ଓଡ଼ିଶାରେ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ନ ରହିବା ସାମାଜିକ ନ୍ୟାୟ ପ୍ରତି ଏକ ଉପହାସ। ଏହି ପରିପ୍ରେକ୍ଷୀରେ ଆଗାମୀ ସ୍ୱାୟତ୍ତ ଶାସନ ନିର୍ବାଚନ ପୂର୍ବରୁ ପଛୁଆବର୍ଗ ସମୁଦାୟଙ୍କ ପାଇଁ ସଂଖ୍ୟାନୁପାତିକ ଆସନ ସଂରକ୍ଷଣ ନିଶ୍ଚିତ କରିବା ସହ ଏହାର ଆଇନଗତ ପ୍ରକ୍ରିୟା ଆରମ୍ଭ ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ। ଚଳିତ ବିଧାନସଭା ଅଧିବେଶନରେ ଆବଶ୍ୟକ ବିଧେୟକ କିମ୍ବା ସଂଶୋଧନ ଆଗତ ଏବଂ ଗୃହୀତ କରିବାକୁ ଶ୍ରୀକାନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# କଂଗ୍ରେସରୁ ଇସ୍ତଫା ଦେଲେ ଜୟରାମ ପାଙ୍ଗି

**ପଟ୍ଟାଙ୍ଗି, ୧୮।୨(ଶରତ କୁମାର ଧଳ):** କୋରାପୁଟର ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ ବୁଧବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। କଂଗ୍ରେସରେ ଯୋଗଦେବା ପରଠାରୁ ଦଳ ପାଇଁ ସମୟ ଦେଇ ପାରୁ ନ ଥିବା ଇସ୍ତଫାପତ୍ରରେ ସେ ଦର୍ଶାଇଛନ୍ତି। ବିଭିନ୍ନ ଦଳରେ ରହି ୪୮ବର୍ଷ ଧରି ରାଜନୀତି କରିଛି। ବର୍ତ୍ତମାନ ନିର୍ଦ୍ଦଳୀୟ ଭାବେ କାର୍ଯ୍ୟ କରି ଦଣ୍ଡକାରଣ୍ୟ ପର୍ବତମାଳା ବିକାଶ ପରିଷଦର କାର୍ଯ୍ୟକ୍ରମ ଓ ସ୍ୱତନ୍ତ୍ର ରାଜ୍ୟ ପାଇଁ ଲଢ଼େଇ ଜାରି ରଖିବି ବୋଲି ପାଙ୍ଗି କହିଛନ୍ତି। କଂଗ୍ରେସରୁ ଇସ୍ତଫା ନେଇ ଜିଲା ସଭାପତିଙ୍କଠାରୁ ଆରମ୍ଭ କରି ରାଜ୍ୟ ସଭାପତି ଏବଂ ବିଭିନ୍ନ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ପୋଷ୍ଟ କରି ଜଣାଇ ଦେଇଥିବା ସେ କହିଛନ୍ତି।

NACO No.-10001/66/2526 OSACS
ଯଦି ଆପଣ ଏଚ୍‌ଆଇଭି ପଜିଟିଭ୍ ତେବେ:
ଯଥାଶୀଘ୍ର ଚିକିତ୍ସା ଆରମ୍ଭ କରିବା ପାଇଁ ନିଜକୁ ନିକଟସ୍ଥ ଏଆରଟି କେନ୍ଦ୍ରରେ ପଞ୍ଜୀକରଣ କରନ୍ତୁ। ମନେ ରଖନ୍ତୁ
ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଡାକ୍ତର କିଛି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେବେ।
ରୋଗ ନିର୍ଣ୍ଣୟ ପରେ ଚିକିତ୍ସା ଆରମ୍ଭ ହେବ।
ଏଆରଟି ବେଳେ ଝାଡ଼ା, ଜ୍ୱର ଏବଂ ଥକ୍କାପଣ ଭଳି କିଛି ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ, କିନ୍ତୁ ସମୟ ସହିତ ସେଗୁଡ଼ିକ ଚାଲିଯାଏ।
ଯଦି ଆପଣ ଏହି ପାର୍ଶ୍ୱ ପ୍ରତିକ୍ରିୟା ଅନୁଭବ କରନ୍ତି ତେବେ ଆପଣଙ୍କର ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ କିନ୍ତୁ ଆପଣଙ୍କର ଚିକିତ୍ସା ଜାରି ରଖନ୍ତୁ।
ଏଆରଟି ଗ୍ରହଣ କରିବାର ଲାଭ:
1 ଏକ ସୁସ୍ଥ ଏବଂ ଦୀର୍ଘ ଜୀବନ ବଞ୍ଚିବାରେ ସାହାଯ୍ୟ କରେ।
2 CD4 ଗଣନା ବୃଦ୍ଧି ରୋଗ ପ୍ରତିରୋଧକ ଶକ୍ତିରେ ସାହାଯ୍ୟ କରେ।
3 ଭାଇରାଲ୍ ଲୋଡ୍ ହ୍ରାସ ହେବା ଦ୍ୱାରା ହୃଦୟ, ଯକୃତ ଏବଂ ମସ୍ତିଷ୍କ ପରି ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ କ୍ଷତିଗ୍ରସ୍ତ ହୁଏ ନାହିଁ।
4 ଯଦି ଭାଇରାଲ୍ ଭାର ଅଧିକ ନ ଥାଏ ଯୌନ ସମ୍ପର୍କ ସମୟରେ ସଂକ୍ରମଣ ହେବାର ଆଶଙ୍କା କମିଯାଏ, କିନ୍ତୁ ଯୌନ ସମ୍ପର୍କ ସମୟରେ ସର୍ବଦା କଣ୍ଡୋମ ବ୍ୟବହାର କରନ୍ତୁ।
5 କମ୍ ଭାଇରାଲ୍ ଲୋଡରେ ଗର୍ଭାବସ୍ଥାରେ କିମ୍ବା ସ୍ତନ୍ୟପାନ କରାଇବା ସମୟରେ ମା'ଠାରୁ ଶିଶୁକୁ ସଂକ୍ରମଣ ହେବାର ଆଶଙ୍କା କମିଯାଏ।
AIDS Helpline 1097 ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ।
Follow us on: BREAKFREE https://breakfreeindia.org
OIPR-10001/10060/2/25-26/0003

BEST WISHES TO THE EXAMINEES OF HSC EXAM - 2026
WISHING YOU A GRAND SUCCESS
CHSE TOP PERFORMERS 2025




| TOTAL APPEARED | 404 |
|---|---|
| 14 STUDENTS WITHIN TOP 20 OF STATE RESULT | |
| ABOVE 95% | 8 |
| ABOVE 90% | 60 |
| ABOVE 89% | 76 |
| ABOVE 88% | 88 |
| ABOVE 85% | 143 |
| ABOVE 500 | 169 |
| ABOVE 80% | 215 |

100% RESULT SINCE LAST 10 YEARS
NEET ACHIEVERS - 2025 25/70 STUDENTS



SUMMER COURSE STARTS FROM 26TH MARCH
eTech Residential College Dhenkanal Since-2009
e-TECH RESIDENTIAL & e-TECH WOMEN'S HIGHER SECONDARY SCHOOL
MANGALPUR, DHENKANAL - 759015, PH.: 9439626264, 9337463950

AI IMPACT SUMMIT भारत 2026 INDIA
सर्वजन हिताय | सर्वजन सुखाय
WELFARE FOR ALL | HAPPINESS OF ALL
ଫେବୃଆରୀ ୧୬-୨୦, ୨୦୨୬ । ନୂଆଦିଲ୍ଲୀ, ଭାରତ
ଏଆଇ କ୍ଷେତ୍ରରେ ଭାରତର ଲମ୍ଫ: କାର୍ଯ୍ୟରୁ ପ୍ରଭାବ ପର୍ଯ୍ୟନ୍ତ
ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ ୨୦୨୬
ଉଦ୍‌ଘାଟନ କରିବେ
ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ଫେବୃଆରୀ ୧୯, ୨୦୨୬ । ସମୟ: ପୂର୍ବାହ୍ଣ ୯.୪୦ ଘଟିକା । ଭାରତ ମଣ୍ଡପମ୍, ନୂଆଦିଲ୍ଲୀ, ଭାରତ



ଦୂରଦୃଷ୍ଟିରୁ ପ୍ରଭାବ ପର୍ଯ୍ୟନ୍ତ
୨୦ ରାଷ୍ଟ୍ରମୁଖ୍ୟ
୫୯ ମନ୍ତ୍ରୀସ୍ତରୀୟ ପ୍ରତିନିଧିତ୍ୱ
୧୧୮ ଦେଶ, ସେମାନଙ୍କର ସରକାରୀ ପ୍ରତିନିଧିଙ୍କ ସହ
୧୦୦+ ଗ୍ଲୋବାଲ ଏଆଇ ଲିଡର୍, ସିଇଓ ଏବଂ ସିଏକ୍ସଓ
୫୦୦ ଅଗ୍ରଣୀ ଏଆଇ ବିଶେଷଜ୍ଞ (ସାରା ବିଶ୍ୱର)
୫୦୦+ ପାର୍ଶ୍ୱବର୍ତ୍ତୀ କାର୍ଯ୍ୟକ୍ରମ, ସମ୍ମିଟ୍ ସମୟରେ ଓ ତାହା ପୂର୍ବରୁ
୩୦୦,୦୦୦+ ପଞ୍ଜୀକରଣ (ସମ୍ମିଟ ପାଇଁ)
୫୫୦ ପ୍ରି-ସମ୍ମିଟ କାର୍ଯ୍ୟକ୍ରମ ୩୦ଟି ଦେଶରେ ଆୟୋଜିତ
ଜଗତର କଲ୍ୟାଣ ପାଇଁ ଏଆଇର ନିୟୋଜନ
ଭାରତ ଓ ପୃଥିବୀ ପାଇଁ ଭାରତରେ ଆତ୍ମନିର୍ଭର ଭାରତ ଏଆଇ ସମାଧାନର ନିର୍ମାଣ, ବିଶ୍ୱବ୍ୟାପୀ ପ୍ରଭାବ ନିମନ୍ତେ
ଜନକଲ୍ୟାଣ ପାଇଁ ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା ଏବଂ ଶାସନ କାର୍ଯ୍ୟକୁ ରୂପାନ୍ତରିତ କରିବା ଲାଗି ଏଆଇ ଶକ୍ତିର ଉପଯୋଗ
ଭାରତର ଅଭିମତ ସହ ବିଶ୍ୱବ୍ୟାପୀ ଏଆଇ ମାନକ ଓ ଢାଞ୍ଚାର ନିର୍ମାଣ, ଯାହା ଗ୍ଲୋବାଲ ସାଉଥ୍‌ର ପ୍ରାଥମିକତାକୁ ପ୍ରତିଫଳିତ କରିବ
ଦାୟିତ୍ୱବାନ୍ ଏବଂ ସମାବେଶୀ ଏଆଇ ଉପରେ ପର୍ଯ୍ୟବସିତ ଜାଗତିକ ବିତର୍କରେ ଏଆଇ ସ୍ୱରର ସଶକ୍ତୀକରଣ
ଭାରତର ମୂଲ୍ୟବୋଧ, ଦୂରଦୃଷ୍ଟି ଏବଂ ସ୍ୱରକ୍ରମ ସହିତ ବୈଶ୍ୱିକ ଏଆଇ ସଂଳାପର ନେତୃତ୍ୱ
ପଞ୍ଜୀକରଣ ପାଇଁ ସ୍କାନ୍ କରନ୍ତୁ
କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ ରେ
CBC 06124/13/0002/2526

ସ୍ୱର୍ଗରେ ନିର୍ମାଣ କରିବା କେତେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ- ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାରେ ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ।-ଶ୍ରୀଅରବିନ୍ଦ

-ରମଜାନ୍ ମାସ ଆରମ୍ଭ, ରାମକୃଷ୍ଣ ପରମହଂସ ଜୟନ୍ତୀ ଓ ଶରଣ ଶେଷ



# ଚିତାରେ ସତୀ



ଦେବଦତ୍ତ ପଟ୍ଟନାୟକ

ୟୁରୋପରେ ସଇତାନଙ୍କୁ ପୂଜା କରୁଥିବା ସନ୍ଦେହରେ ମହିଳାଙ୍କୁ ଡାହାଣୀ ଆଖ୍ୟା ଦେଇ ଖ୍ରୀଷ୍ଟିଆନ୍ ଧର୍ମଯାଜକମାନେ ସେମାନଙ୍କୁ ଜିଅନ୍ତା ପୋଡ଼ିଦେଉଥିଲେ। ଆରବରେ ଇସ୍‌ଲାମ ଛାଡ଼ିବାକୁ ମନା କରୁଥିବା ଲୋକଙ୍କୁ ଏକ ଖାଲରେ ପୋଡ଼ି ଦିଆଯାଉଥିଲା। ଏଭଳି ମୃତ୍ୟୁକୁ ପସନ୍ଦ କରୁଥିବା ଲୋକ ଶହୀଦ ହେଉଥିଲେ। ଧର୍ମୀୟ ବିଶ୍ୱାସକୁ ଦେଖିଲେ ମୃତ୍ୟୁର ରଙ୍ଗମଞ୍ଚ ମାନବ ସଂସ୍କୃତିର ଏକ ବଡ଼ ଅଂଶ ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ଭାରତର ସତୀଦାହ ପ୍ରଥା କଥାକୁ ଦେଖାଯାଉ। ଉକ୍ତ ପ୍ରଥାନୁଯାୟୀ ହିନ୍ଦୁ ବିଧବା ଚିତାରେ ଝାସ ଦେଉଥିଲେ। ୧୮୨୯ରେ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ସତୀ ପ୍ରଥାକୁ ବନ୍ଦ କରିବାକୁ ଏକ ଆଇନ ପ୍ରଣୟନ କରିଥିଲା। ଖ୍ରୀଷ୍ଟଧର୍ମ ପ୍ରଚାରକମାନେ ବହୁ ଦିନ ଧରି ୟୁରୋପୀୟ ଦେଶଗୁଡ଼ିକରେ ଏହି ପ୍ରଥାକୁ ସାମ୍ନାକୁ ଆଣିବା ସହ ବିରୋଧ କରୁଥିଲେ। ସେମାନଙ୍କ ଯୁକ୍ତି ଥିଲା, ଭାରତୀୟ ଦର୍ଶନ ଶ୍ରେଷ୍ଠ ହେଲେ ମଧ୍ୟ ଭାରତ ଏକ ବର୍ବର ଭୂମି ଏବଂ ଏହାର ସଭ୍ୟତାକୁ ବଞ୍ଚାଇବା ଦରକାର। ତେବେ ଏକ ଦଶନ୍ଧି ପରେ ଇଂରେଜ ସରକାରଙ୍କ ପ୍ରତିବନ୍ଧକକୁ ଅସ୍ୱୀକାର କରି ଶିଖ୍ ସାମ୍ରାଜ୍ୟରେ ରାଜା ରଣଜିତ୍ ସିଂହଙ୍କ ଚିତାଗ୍ନିରେ ଚାରି ଜଣ ରାଜପୁତ ରାଣୀ ଏବଂ ସାତ ଜଣ ଦାସୀ ଝାସ ଦେଇଥିଲେ। ଏକ କଙ୍ଗଡ଼ା ଚିତ୍ରକଳାରେ ଏହି ଘଟଣା ଦେଖିବାକୁ ମିଳେ।

୧୮୬୧ରେ ମାଇକେଲ ମଧୁସୂଦନ ଦତ୍ତ ମେଘନାଦ ବଧ ଗୀତିନାଟ୍ୟ ରଚନା କରିଥିଲେ। ଏଥିରେ ସେ ରାବଣର ପୁତ୍ରବଧୂ ତଥା ଇନ୍ଦ୍ରଜିତଙ୍କ ବିଧବା ରାଣୀ ପ୍ରମିଳାଙ୍କ ସତୀତ୍ୱର କାହାଣୀ ବର୍ଣ୍ଣନା କରିଥିଲେ। ବାସ୍ତବରେ ଏହାର ମୂଳ କାହାଣୀ ୭୦୦ ବର୍ଷ ପୁରୁଣା ତେଲୁଗୁ ରଙ୍ଗନାଥ ରାମାୟଣରେ ଉଲ୍ଲେଖ କରାଯାଇଥିଲା। ଏପରିକି ସତୀ ପ୍ରଥା ବନ୍ଦକୁ ସମର୍ଥନ କରୁଥିବା ହିନ୍ଦୁ ସମାଜ ସଂସ୍କାରକମାନେ ମଧ୍ୟ ଏହି ବେଙ୍ଗଲୀ ଗୀତିନାଟ୍ୟକୁ ପ୍ରଶଂସା କରିବା ତାହାକୁ ସାହିତ୍ୟର ଉତ୍କୃଷ୍ଟ କୃତି ବୋଲି କହିଥିଲେ।

ନାରୀମାନେ ସେମାନଙ୍କ ସ୍ୱାମୀଙ୍କ ମୃତଦେହ ସହ କିମ୍ବା ମୃତଦେହ ନ ଥାଇ ଅଗ୍ନିରେ ଝାସ ଦେଇ 'ସତୀ' ହେଉଥିଲେ। ତେବେ ଏହି ପରମ୍ପରା ଭାରତରେ କେବେଠୁ ପ୍ରଚଳିତ ହୋଇଛି ତାହା କେହି ଠିକ୍ ଭାବେ କହିପାରନ୍ତି ନାହିଁ। ସତୀ ଶବ୍ଦର ଅର୍ଥ ପତିବ୍ରତା ନାରୀ। ସତୀ ପ୍ରଥା ଅତ୍ୟନ୍ତ ଅମାନବୀୟ। ସତୀ ସିଦ୍ଧାନ୍ତରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବ୍ୟତୀତ ଅନ୍ୟ କାହା କଥା ବି ଚିନ୍ତା କରେ ନାହିଁ। ସତୀ ନାରୀର ଅଲୌକିକ ଶକ୍ତି ଏବଂ ସେ ଅଧାଗଢ଼ା ମାଠିଆରେ ପାଣି କାଢ଼ି



ପାରୁଥିଲେ। ଏଭଳି କଥା ସତୀ ରେଣୁକାଙ୍କ କାହାଣୀରେ ବର୍ଣ୍ଣନା କରାଯାଇଛି। ସତୀ ନାରୀ ସୂର୍ଯ୍ୟ ଉଦୟକୁ ଅଟକାଇ ଦେଇପାରୁଥିବା କଥା ସତୀ ଶିଳାବତୀ କାହାଣୀରେ ଉଲ୍ଲେଖ ଅଛି। ସତୀ ସାବିତ୍ରୀ ଯମ କବଳରୁ ତାଙ୍କ ସ୍ୱାମୀଙ୍କୁ ରକ୍ଷା କରିପାରିଥିଲେ। ଏଣୁ ଏହା ଗ୍ରହଣ କରି ନିଆଗଲା ଯେ, ଜଣେ ସତୀ ନାରୀ ତାଙ୍କ ସ୍ୱାମୀଙ୍କୁ ମୃତ୍ୟୁରୁ ରକ୍ଷା କରିପାରିବ।

ସତୀ ପ୍ରଥା ସମ୍ପର୍କରେ ବୈଦିକ ସାହିତ୍ୟରେ କୌଣସି ବର୍ଣ୍ଣନା ନାହିଁ। କେବଳ ଋକ୍‌ବେଦରେ ଉଲ୍ଲେଖ ରହିଛି ଯେ, ଜଣେ ବିଧବା ତାଙ୍କ ସ୍ୱାମୀଙ୍କ ମୃତଦେହ କଡ଼ରେ ଶୋଇ ରହିବା ପରେ ଅନ୍ୟ ଜଣେ ପୁରୁଷଙ୍କୁ ବିବାହ କରି ପୁନର୍ବାର ନୂଆ ଜୀବନ ଗଢ଼ନ୍ତି। ଏଭଳି ସିଦ୍ଧାନ୍ତ ଉତ୍ତର ଭାରତର ପଶୁପାଳକ ଗୋଷ୍ଠୀର 'ଚାଦର ଚଢ଼ାଣ' ପରମ୍ପରାରେ ଦେଖିବାକୁ ମିଳେ ଏବଂ ଏଥିରେ ଜଣେ ବିଧବା ତାଙ୍କ ସ୍ୱାମୀଙ୍କ ସମ୍ପର୍କୀୟଙ୍କୁ ବିବାହ କରନ୍ତି। ଇହୁଦୀ ବାଇବେଲ୍‌ରେ ମଧ୍ୟ ଏହି ପ୍ରକାର ପରମ୍ପରା ଦେଖିବାକୁ ମିଳେ, ଯେଉଁଠି ତମାର (ରାଜା ଡାଭିଡ୍‌ଙ୍କ କନ୍ୟା ତଥା ଜୁଦାଙ୍କ ପୁତ୍ରବଧୂ)ଙ୍କ ସହ ତାଙ୍କ ଦିଅରଙ୍କ ବିବାହକୁ ବାଧ କରାଯାଇଥିଲା। ତେବେ ବିଧବାଙ୍କ କୌଣସି ପ୍ରଭାବ ନ ଥିବାରୁ ଏଭଳି ପୁନଃ ବିବାହକୁ ନାରୀ ଅଧିକାର ପାଇଁ ଲଢୁଥିବା ବ୍ୟକ୍ତିମାନେ ପୁରୁଷପ୍ରାଧାନ୍ୟ ସାମାଜିକ ବ୍ୟବସ୍ଥା ବୋଲି ବିଚାର କରୁଥିଲେ।

ବ୍ରାହ୍ମଣ ଓ ରାଜପୁତ ବର୍ଗର ଲୋକେ ପୁନର୍ବିବାହକୁ ନିମ୍ନ ଜାତିର ପରମ୍ପରା ଭାବେ ଦେଖୁଥିଲେ ଏବଂ ଗ୍ରହଣ କରୁ ନ ଥିଲେ। ଜଣେ ଉଚ୍ଚଜାତିର ବିଧବା ତାଙ୍କ ସ୍ୱାମୀଙ୍କ ଚିତାରେ ଝାସ ନ ଦେଇ ଲଣ୍ଡା ହୋଇ ଶରୀରକୁ ଗହଣାରେ ଢାଙ୍କି ହେବା ସହ ବିନା ଲୁଣ କିମ୍ବା ମସଲାରେ ପ୍ରସ୍ତୁତ ଖାଦ୍ୟ ଖାଇଲେ ହିଁ ତାଙ୍କୁ ସମ୍ମାନ ମିଳୁଥିଲା। ସେ ଏକାକୀ ମଥୁରା ଓ ବୃନ୍ଦାବନର ମନ୍ଦିରଗୁଡ଼ିକରେ ରହୁଥିଲେ। ଷୋଡ଼ଶ ଶତାବ୍ଦୀରେ ଏଭଳି ଘଟିଥିଲା ରାଜପୁତ ରାଜକୁମାରୀ ମୀରାଙ୍କ ଜୀବନରେ। ସେ ସତୀ ହେବା ପାଇଁ ମନା କରିଦେଇ ତାଙ୍କ ପରିବାରକୁ ଅପମାନିତ କରିଥିଲେ ଏବଂ କୃଷ୍ଣ ଭଜନ ଗାଇବାରେ ବାକି ଜୀବନ କଟାଇ ଦେଇଥିଲେ। ଫଳରେ ମୀରାଙ୍କ ପରିବାର ଓ ସମ୍ପର୍କୀୟମାନେ ତାଙ୍କୁ ସମସ୍ୟାରେ ପକାଇବାକୁ ଚେଷ୍ଟା କରିବାରୁ ଅଲୌକିକ ଭାବେ ସେ ଦ୍ୱାରକାରେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ।

ନେପାଳ, କେନ୍ଦ୍ର ଓ ପଶ୍ଚିମ ଭାରତରୁ ମିଳିଥିବା ୧୬୦୦ ବର୍ଷ ପୁରୁଣା ପୁରାତନ ପ୍ରତ୍ନତାତ୍ତ୍ୱିକ ଓ ଶିଳାଲେଖରୁ ବିଧବା ନିଆଁରେ ଝାସ ଦେଇ ମୃତ୍ୟୁବରଣ କରିବାର ପ୍ରମାଣ ମିଳେ। ସେହି ସମୟରେ ରାଜା ସାତବାହନ ଗୋଦାବରୀ ନଦୀ ଅବବାହିକାକୁ ଅଧିକାର କରିଥିଲେ। ସେତେବେଳର ଏକ ତାମିଲ ସଙ୍ଗମ କବିତାରେ ମଧ୍ୟ ଏହାର ବର୍ଣ୍ଣନା ରହିଛି। ସେଥିରେ ଜଣେ ବିଧବା ଯାହା କହିଛନ୍ତି, ତାହା ହେଉଛି- ''ମୋଟା କାଠଗଣ୍ଡିର ଚିତା ବା ଅଗ୍ନିଶିଖା ତୁମକୁ ଡରାଇଦେବ, କିନ୍ତୁ ମୋ ସହିତ ବୀର ସ୍ୱାମୀ ରହିଥିବାରୁ ତା' ପ୍ରତି ଭୟ ନାହିଁ। ଏକ ପଦ୍ମପୋଖରୀ ଏବଂ ଏକ ଅଗ୍ନିଶିଖାର ବେଦି ଉଭୟ ମୋ ପାଇଁ ସମାନ (ପୁରାଣନୁରୁ, ୨୪୬)।'' ସେହି ସମୟର ପ୍ରକୃତି ସାହିତ୍ୟର ଗହା ସତ୍ତାସି (କବିତା ୪୦୭)ରେ ଚିତାରେ ନିଜ ସ୍ୱାମୀକଡ଼ରେ ଥିବା ଜଣେ ବିଧବା ଶରୀରରୁ ବୁନ୍ଦାବୁନ୍ଦା ଜଳ ନିଗିଡ଼ି ଚିତାକୁ ଲିଭାଇଦିଏ ବୋଲି ବର୍ଣ୍ଣନା ରହିଛି। ପ୍ରାୟ ୧୩୦୦ ବର୍ଷ ପୂର୍ବର ପୁରାତନ ବ୍ରାହ୍ମଣୀୟ ଗ୍ରନ୍ଥ (ପରାଶର ଓ ବିଷ୍ଣୁ ଧର୍ମଶାସ୍ତ୍ର)ରେ ସତୀ ପ୍ରଥା ସମ୍ପର୍କରେ ଉଲ୍ଲେଖ ରହିଛି। ଏହାକୁ ସତୀତ୍ୱ ବଜାୟ ରଖିବା ଏବଂ ସ୍ୱର୍ଗକୁ ଯିବାର ପଥ ଭାବେ ଦର୍ଶାଯାଇଛି। ହେଲେ ଏହି ପ୍ରଥା କେବଳ ଯୋଦ୍ଧା ସମୁଦାୟଙ୍କ ମଧ୍ୟରେ ସୀମିତ ରହିଥିଲା ଏବଂ ଏଥିରେ ସେମାନଙ୍କୁ ସମ୍ମାନ ମିଳୁଥିଲା। ରାଜସ୍ଥାନ, କେନ୍ଦ୍ର ଭାରତ, ନର୍ମଦା ଅବବାହିକା ଏବଂ ଓଡ଼ିଶା ପର୍ଯ୍ୟନ୍ତ ରହିଥିବା ସତୀ ପଥରରୁ ଏହାର ସଙ୍କେତ ମିଳେ। ମହମ୍ମଦ ତୋଗଲକ ପ୍ରଥମ ରାଜା ଭାବେ ଚତୁର୍ଦ୍ଦଶ ଶତାବ୍ଦୀରେ ଏହାକୁ ଔପଚାରିକ ଭାବେ ବିରୋଧ କରିଥିଲେ। କିନ୍ତୁ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ମରାଠା ଓ ରାଜପୁତମାନେ ସତୀ ଝାସ ଦେଇଥିବା ସ୍ଥାନରେ ସ୍ମାରକ ନିର୍ମାଣ କରିଥିଲେ। ପାଖାପାଖି ୩୦୦ ବର୍ଷ ପୂର୍ବେ ପଶ୍ଚିମବଙ୍ଗର କୁଳୀନ ବ୍ରାହ୍ମଣମାନେ ଏହି ପ୍ରଥାକୁ ଗ୍ରହଣ କରିଥିଲେ। ଜାତି ଶୁଦ୍ଧତାର ସେବାରେ ନିଃସନ୍ତାନ ବାଲ୍ୟ ବିଧବାଙ୍କ ପାଇଁ ପୂଜକ ଗୋଷ୍ଠୀଙ୍କ ଦ୍ୱାରା ଏହା ଯୁକ୍ତିଯୁକ୍ତ ଥିଲା। ସେଥିପାଇଁ ବ୍ରିଟିଶ୍ ଧର୍ମଯାଜକମାନେ ୟୁରୋପରେ ଜୋରସୋର ପ୍ରଚାର କରବା ସହ ଏହା ଉପରେ ପ୍ରତିବନ୍ଧକ ଲଗାଇବାକୁ ଚାହୁଁଥିଲେ।

-devduttofficial@gmail.com

## ଏଇ ଭାରତରେ

ପରିବେଶ ସଚେତନ ବ୍ୟକ୍ତି ଓ ସଙ୍ଗଠନଗୁଡ଼ିକର ସଂଖ୍ୟା ଏବେ ବଢ଼ିବାରେ ଲାଗିଛି। ସେଥିମଧ୍ୟରେ କୋଟାର ଯୁବ ସ୍ୱେଚ୍ଛାସେବୀମାନେ ନିଜକୁ ସାମିଲ କରିପାରିଛନ୍ତି। ସେମାନେ କୋଟା ସହରକୁ ସ୍ୱଚ୍ଛ ରଖିବା ସକାଶେ ସେଠାକାର ହ୍ରଦ ଓ ରାସ୍ତାଘାଟ ସଫା କରୁଛନ୍ତି। ଏହି ଯବଗୋଷ୍ଠୀଙ୍କ ମଧ୍ୟରେ ଅନେକେ ବିଭିନ୍ନ ବୃତ୍ତିରେ ନିୟୋଜିତ ଥିବାରୁ ପ୍ରତି ରବିବାର ସେମାନେ ସଫେଇ ଅଭିଯାନ ଚଳାଉଛନ୍ତି। 'ପେହେଲ ଏକ୍ କଦମ୍' ନାମରେ ଏହି ଅଭିଯାନ ଚାଲିଛି। ଯୁବ ସ୍ୱେଚ୍ଛାସେବୀମାନେ ଏବେ ସୁଦ୍ଧା ୩୦ଟି ମନ୍ଦିର ଓ ୪୫ଟି ସାର୍ବଜନୀନ ସ୍ଥାନରେ ମୋଟ ୭୫ଟି ସଫେଇ ଅଭିଯାନ ଶେଷ କରିସାରିଲେଣି। କୋଟା କମ୍ୟୁନିଟିର ଗୁଲ୍‌ସନ ମାନୱାନି ପ୍ରଥମେ ୫ ଯୁବକଙ୍କୁ ନେଇ ଏହି ସଫେଇ ଅଭିଯାନ ଆରମ୍ଭ କରିଥିଲେ। ପରେ ଏଥିରେ ଅଧିକ ଯୁବକ ଯୋଗଦେବା ସହ ଏହାକୁ ସାରା ସହରକୁ ସମ୍ପ୍ରସାରିତ କରାଯାଯାଇଛି। ଏବେ ବର୍ଜ୍ୟ ସଂଗ୍ରହ କରାଯିବା ପରେ ମ୍ୟୁନିସିପାଲିଟି ସହ କୋଟା କମ୍ୟୁନିଟି ଯୋଗସୂତ୍ର ରକ୍ଷା କରି ତାହାକୁ ରିସାଇକେଲିଂ ଓ ଖତ ତିଆରି ପାଇଁ ପଠାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧୯ ଫେବୃଆରୀ ୧୯୭୭

- ଢେଙ୍କାନାଳ ଜିଲା କଂଗ୍ରେସ କମିଟି ସଭ୍ୟ ତଥା ଓଡ଼ପଡ଼ାର ବ୍ଲକ୍ କଂଗ୍ରେସ ନେତା ଅନାଦି ଚରଣ ସାହୁ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି।
- ଜନତା ପାର୍ଟିରୁ ବହିଷ୍କୃତ ଏମ୍.ଏଲ୍.ଏ. ବୃନ୍ଦାବନ ନାୟକଙ୍କ କଂଗ୍ରେସ ଦଳରେ ଯୋଗଦାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | | | | |
| 9 | | 4 | 6 | | | | 1 | |
| | | 5 | 4 | | | | 2 | 3 |
| 7 | | | | 4 | | | 8 | |
| | | 1 | | | | | 9 | |
| 5 | 6 | | | 7 | | 1 | | 2 |
| | | 9 | | 8 | | 2 | | |
| | 7 | | 2 | | 9 | | 3 | 1 |
| | 5 | 2 | 7 | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 9 | 6 | 5 | 3 | 1 | 4 | 2 |
| 5 | 2 | 4 | 8 | 1 | 7 | 3 | 6 | 9 |
| 3 | 6 | 1 | 4 | 2 | 9 | 7 | 8 | 5 |
| 1 | 7 | 6 | 2 | 3 | 5 | 8 | 9 | 4 |
| 8 | 4 | 2 | 9 | 7 | 6 | 5 | 1 | 3 |
| 9 | 3 | 5 | 1 | 8 | 4 | 2 | 7 | 6 |
| 6 | 5 | 7 | 3 | 4 | 1 | 9 | 2 | 8 |
| 2 | 9 | 3 | 7 | 6 | 8 | 4 | 5 | 1 |
| 4 | 1 | 8 | 5 | 9 | 2 | 6 | 3 | 7 |

ଗତକାଲିର ଉତ୍ତର


# ଭାରତୀୟ ଗଣତନ୍ତ୍ରରେ ଅଭାବୀ ବିକଳ୍ପ



ବିଶ୍ୱଜିତ ପାଣି

ଥରେ ଏକ ଚା' ଖଟିରେ ଦୁଇ ବନ୍ଧୁ ପରସ୍ପର ରାଜନୀତି ବିଷୟରେ ଚର୍ଚ୍ଚା କରୁଥିଲେ ଏବଂ ଜଣେ ବନ୍ଧୁ ଅନ୍ୟ ଜଣେ ବନ୍ଧୁଙ୍କ ସହିତ କଥୋପକଥନ ଛଳରେ କହୁଥା'ନ୍ତି- ଅମୁକ ଲୋକ ଏବଂ ସମୁକ ଲୋକଙ୍କ ବିକଳ୍ପ କାହାନ୍ତି। ତେଣୁ ସେହିମାନେ ହିଁ ନେତୃତ୍ୱ ନେବା ପାଇଁ ସବୁଠାରୁ ଯୋଗ୍ୟ ବୋଲି ଭାରତର ଭୋଟରମାନେ ସେମାନଙ୍କ ସପକ୍ଷରେ ବାରମ୍ବାର ମତଦାନ କରିଆସୁଛନ୍ତି। ଏ କଥା ଶୁଣି ମୋ ମନକୁ ଅନେକ ପ୍ରଶ୍ନ ଆନ୍ଦୋଳିତ କରୁଥିଲା। ସେଥିମଧ୍ୟରୁ ଗୋଟିଏ ବଡ଼ ପ୍ରଶ୍ନ ହେଲା, ପ୍ରତ୍ୟେକ ରାଜନୈତିକ ଦଳରେ ପ୍ରଥମେ ଗଣତନ୍ତ୍ର ଅଛି ତ ? ଯଦି ଗଣତନ୍ତ୍ର ଅଛି, ତେବେ ଜଣେ ବ୍ୟକ୍ତି କୌଣସି ପ୍ରାଦେଶିକ ସ୍ତରରେ କିମ୍ବା କେନ୍ଦ୍ରସ୍ତରରେ ବାରମ୍ବାର ନେତୃତ୍ୱ ନେବା କେତେଦୂର ଗଣତାନ୍ତ୍ରିକ ଯୁକ୍ତିଯୁକ୍ତ, ତାହା ନିରପେକ୍ଷତାର ସହ ବିଚାର କରାଯିବାର ସମୟ ଆସିଯାଇଛି, ବରଂ ଏହାଦ୍ୱାରା ମେଧା ମାରଣ ନୀତିକୁ ପ୍ରୋତ୍ସାହନ ଦିଆଯାଉଛି ବୋଲି କହିଲେ ଆଦୌ ଭୁଲ୍ ହେବ ନାହିଁ। ଭାରତରେ କାହିଁ କେତେ ଯୁଗରୁ ଅନେକ ଜ୍ଞାନୀ, ଗୁଣୀ ତଥା ବହୁମୁଖୀ ପ୍ରତିଭାମାନଙ୍କ ଆବିର୍ଭାବ ହୋଇ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଥିବାବେଳେ ସମ୍ପ୍ରତି ରାଜନୈତିକ ନେତୃତ୍ୱ ଏକ ସଙ୍କଟଜନକ ସ୍ଥିତିରେ ଅଛି ବୋଲି ବିଭିନ୍ନ ଗଣମାଧ୍ୟମ ଚର୍ଚ୍ଚାରେ ସୀମିତ ହୋଇ ରହିଆସୁଛି। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ। ଯଦି ତଥାକଥିତ ନେତାମାନେ ପରବର୍ତ୍ତୀ ରାଜନୈତିକ ଉତ୍ତରାଧିକାରୀଙ୍କ ସୃଷ୍ଟି କିମ୍ବା ପରବର୍ତ୍ତୀ ପ୍ରତିଭାଙ୍କୁ ସୁଯୋଗ ନ ଦିଅନ୍ତି, ତେବେ ନେତୃତ୍ୱ ସଙ୍କଟ ଆସିବା ସ୍ୱାଭାବିକ। ଏହି ପ୍ରସଙ୍ଗରେ ଶିବସେନା ଦଳ ପ୍ରତିଷ୍ଠାତା ବାଲାସାହେବ ଥାକ୍‌ରେଙ୍କ ଉକ୍ତି ଗୁରୁତ୍ୱ ରଖେ- ''ମୁଁ କୌଣସି ପଦପଦବୀ ପରିସୀମାରେ ରହିବାକୁ ଚାହେଁ ନାହିଁ ବରଂ ମୁଁ ଅନେକ ପ୍ରତିଭାଦୀପ୍ତ ନେତୃତ୍ୱ ସୃଷ୍ଟି କରି ନିଜକୁ ଧନ୍ୟ ମନେକରିବି।'' କିନ୍ତୁ ଆଜିକାଲିର ନେତାମାନେ ଭୋଟ ମାଧ୍ୟମରେ ରାଜନୈତିକ ଅମର ବରଦାନ ପ୍ରାପ୍ତ ପାଇଥିବାରୁ ନିଜକୁ ଧନ୍ୟ ମନେକରି ଅନ୍ୟମାନଙ୍କ ପାଇଁ ସମସ୍ତ ଦ୍ୱାର ବନ୍ଦ କରିଆସୁଛନ୍ତି ଏବଂ ବହୁ ସମୟ ରାଜୁତି କରିବା ଦ୍ୱାରା ଅନେକ ରାଜନୈତିକ ଚାଟୁକାର ସୃଷ୍ଟି କରି ଗୋଟିଏ ଅହଂ ପରିବେଶ ସୃଷ୍ଟି କରିଥା'ନ୍ତି। ତାହାଦ୍ୱାରା ଜନସାଧାରଣଙ୍କୁ ଅନେକ ବୋଝରେ ଭାରାକ୍ରାନ୍ତ ହେବାକୁ ପଡ଼ିଥାଏ। କିନ୍ତୁ ଆମେ ଉପଯୁକ୍ତ ସମୟରେ ଉପନୀତ ଯେ ଏକ ସାମ୍ବିଧାନିକ ବିଧି ବ୍ୟବସ୍ଥା ଦ୍ୱାରା ଯଦି ଜଣେ ନିର୍ବାଚିତ ଲୋକ ପ୍ରତିନିଧି ପାଇଁ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ପଦକୁ ସର୍ବାଧିକ ଦୁଇଟି କାର୍ଯ୍ୟକାଳ ମଧ୍ୟରେ ସୀମିତ ରଖାଯାଏ, ତେବେ ଅନେକ ପ୍ରତିଭାଙ୍କ ମେଧାକୁ ସଦୁପଯୋଗ କରାଯାଇପାରିବ।

ବିଶ୍ୱର ଅନେକ ବିକାଶଶୀଳ ରାଷ୍ଟ୍ର ବ୍ୟକ୍ତି ବିଶେଷରେ ତାଙ୍କର ରାଷ୍ଟ୍ର ମୁଖ୍ୟଙ୍କର କାର୍ଯ୍ୟକାଳକୁ ସୀମିତ କରିଥିବା ବେଳେ ଭାରତ ଭଳି ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ କାହିଁକି ଏହି ବ୍ୟବସ୍ଥାକୁ ଆପଣା ଯାଇପାରିବ ନାହିଁ ତାହା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହାର ମୁଖ୍ୟ କାରଣ ହେଲା ଆଜିକାଲିର ନେତାମାନେ ପଲିଟିକାଲ ବସ୍ ବା ରାଜନୈତିକ ମାଲିକ ହେବାକୁ ଚାହାନ୍ତି, କିନ୍ତୁ ଜଣେ ଉଚ୍ଚ ଧରଣର ନେତା ହେବାକୁ ଚାହାନ୍ତି ନାହିଁ ; ଯାହା ଗଣତାନ୍ତ୍ରିକ ବ୍ୟବସ୍ଥାର ପରିପନ୍ଥୀ। ଯୁକ୍ତରାଷ୍ଟ୍ର ଆମେରିକା, ଫ୍ରାନ୍ସ, ଜର୍ମାନୀ, ଗ୍ରୀସ୍, ଫିଲିପାଇନ୍ସ, ଦକ୍ଷିଣ ଆଫ୍ରିକା ଭଳି ଅନେକ ରାଷ୍ଟ୍ରରେ ରାଷ୍ଟ୍ରମୁଖ୍ୟ



ଭାବେ ଅବସ୍ଥାପିତ ବ୍ୟକ୍ତିଙ୍କ କାର୍ଯ୍ୟକାଳକୁ ଲଗାତାର ଦୁଇଟି କାର୍ଯ୍ୟକାଳ ମଧ୍ୟରେ ସୀମିତ କରି ଅନେକ ଉଦାହରଣ ସୃଷ୍ଟି କରିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନ୍ ପ୍ରଥମ ବ୍ୟକ୍ତି, ଯିଏକି ନିଜକୁ ଦୁଇଟି କାର୍ଯ୍ୟକାଳ ମଧ୍ୟରେ ସୀମିତ ରଖି ଅନେକ ରାଜନୈତିକ ଉତ୍ତରାଧିକାରୀ ସୃଷ୍ଟି କରି ଏକ ଆଦର୍ଶ ପ୍ରତିପାଦନ କରିଥିଲେ, ଯାହା ୧୯୪୦ ମସିହା ପର୍ଯ୍ୟନ୍ତ ପରବର୍ତ୍ତୀ ରାଷ୍ଟ୍ରପତିମାନେ ଯଦିଓ ଏହା ଏକ ଅଲିଖିତ ବ୍ୟବସ୍ଥା, ତେବେବି ଏହାକୁ ସମସ୍ତେ ମାନିନେଇଥିଲେ। କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ୩୨ତମ ରାଷ୍ଟ୍ରପତି ଏଫ୍ ଡି ରୁଜଭେଲ୍ଟ ପ୍ରଥମ ବ୍ୟକ୍ତି ଭାବରେ ୧୯୪୦ ଏବଂ ୧୯୪୪ରେ ତୃତୀୟ ତଥା ଚତୁର୍ଥ ଥର ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଥିଲେ, ଯଦିଓ ତାଙ୍କ କାର୍ଯ୍ୟକାଳ ସମୟରେ ଅତ୍ୟନ୍ତ ଆର୍ଥିକ ମାନ୍ଦାବସ୍ଥା ତଥା ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସ୍ଥିତି ମଧ୍ୟ ଭୟାନକ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଅର୍ଥାତ୍ ୧୯୫୧ ଫେବୃଆରୀ ୨୭ରେ ୨୨ତମ ସଂଶୋଧନ ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନ ବ୍ୟକ୍ତି ବିଶେଷରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ସୀମାକୁ ଦୁଇଟି କାର୍ଯ୍ୟକାଳ ମଧ୍ୟରେ ସୀମିତ ରଖିବା ପାଇଁ ସାମ୍ବିଧାନିକ ସ୍ୱୀକୃତି ପାଇଲା, ଯାହା ଅଦ୍ୟାବଧି ଚାଲିଆସୁଛି। ଯଦି ବିଶ୍ୱର ଅନ୍ୟ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଏହି ବ୍ୟବସ୍ଥାକୁ ଆପଣାଇପାରୁଛନ୍ତି, ତେବେ ଭାରତରେ କାହିଁକି ଆପଣା ଯାଇପାରିବ ନାହିଁ, କିନ୍ତୁ କ୍ଷମତା ମୋହରେ ଅନ୍ଧ ହୋଇଥିବା କାରଣରୁ ଏଥିପ୍ରତି ରାଜନେତାମାନେ ଆଦୌ ଆନ୍ତରିକତା ପ୍ରଦର୍ଶନ କରି ନ ଥା'ନ୍ତି।

ଭାରତରେ ଅଦ୍ୟାବଧି ବ୍ୟକ୍ତିକୈନ୍ଦ୍ରିକ ଶାସନ ବ୍ୟବସ୍ଥାକୁ ଅନେକ ପ୍ରାଧାନ୍ୟ ଦିଆହୋଇଆସୁଛି, ଯାହା ବାସ୍ତବରେ ଏକ ଅଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି କରିବା ସହିତ ଅନେକ ସାମାଜିକ ବିଶୃଙ୍ଖଳାର ନିଚ୍ଛକ ପ୍ରତିଫଳନ ହୋଇସାରିଲାଣି। ଏବେ କୌଣସି ରାଜନୈତିକ ଦଳରେ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସମ୍ମାନ ଥିବା ଭଳି ମନେହୁଏ ନାହିଁ। ତେଣୁ ଏହି ଅଭାବୀ ବିକଳ୍ପ ନେତୃତ୍ୱ ନିଶ୍ଚିତ ଭାବରେ ମନୁଷ୍ୟକୃତ ଏବଂ ଏହାକୁ ଦୂର କରିବାକୁ ହେଲେ ପ୍ରତ୍ୟେକ ଜାତୀୟ ତଥା ଆଞ୍ଚଳିକ ରାଜନୈତିକ ଦଳ ମଧ୍ୟରେ ପ୍ରଚଳିତ ନେତୃତ୍ୱର ବିକେନ୍ଦ୍ରୀକରଣ ହେବା ଜରୁରୀ ମନେହୁଏ, ଅର୍ଥାତ୍ ପରବର୍ତ୍ତୀ ଯୋଗ୍ୟ ପିଢ଼ିଙ୍କ ପାଇଁ ପଥ ପରିଷ୍କାର କରାଯିବା ଉଚିତ। ଯେତେବେଳେ ରାଜନେତାମାନେ ଭାବନ୍ତି ଯେ, ଆମେ ହିଁ ଦଳ ତଥା ରାଷ୍ଟ୍ର ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ, ସେତେବେଳେ 'ଆମେ' ବଦଳରେ 'ମୁଁ'ର ଆଧିପତ୍ୟ ଦେଖିବାକୁ ମିଳିଥାଏ। ଆଉ ଏକ ବିଶେଷତ୍ୱ ହେଲା, ଯଦି ଜଣେ ବ୍ୟକ୍ତି ବହୁଦିନ ଧରି ଶାସନରେ ରୁହେ, ତେବେ ପ୍ରଶାସନ ଗତିଶୀଳ ପରିବର୍ତ୍ତେ ସ୍ଥାଣୁ ପାଲଟିଯାଏ। କାରଣ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହା ସେମାନଙ୍କ ପାଇଁ ସହଜ ତଥା ଆରାମ ପରିବେଶ ସୃଷ୍ଟି କରିଦେଇଥାଏ। କିନ୍ତୁ ମୂଳ ଉଦ୍ଦେଶ୍ୟ ହେଲା ଜଣେ ବ୍ୟକ୍ତିବିଶେଷ ବହୁଦିନ ଧରି ଶାସନ କରିବା ଦ୍ୱାରା ଅନ୍ୟମାନଙ୍କ ପ୍ରତିଭା ତଥା ମେଧାର ସଙ୍କୁଚିତ ହେବା ସହ ଦେଶ ପ୍ରଗତିରେ ସେହି ଅବହେଳିତ ରାଜନୈତିକ ପ୍ରତିଭାମାନଙ୍କୁ ସେମାନଙ୍କର ସୁକଳ୍ପିତ ଲୋକାଭିମୁଖୀ ଚିନ୍ତାଧାରାରୁ ବଂଚିତ ହେବାକୁ ପଡ଼ିଥାଏ। ତେଣୁ ଏହି ପରିପ୍ରେକ୍ଷୀରେ ଶାସନ ଗାଦିରେ ଅଧିଷ୍ଠିତ ବ୍ୟକ୍ତିମାନଙ୍କ କାର୍ଯ୍ୟକାଳକୁ ସାମ୍ବିଧାନିକ ବିଧି ବ୍ୟବସ୍ଥା ଦ୍ୱାରା ଦୁଇଟି କାର୍ଯ୍ୟକାଳ ମଧ୍ୟରେ ସୀମିତ କରାଗଲେ ଭାରତୀୟ ଲୋକତନ୍ତ୍ରର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିବ ଏବଂ ଭାରତ ଅନେକ ଲୁକ୍କାୟିତ ତଥା ଅବହେଳିତ ରାଜନୈତିକେ ପ୍ରତିଭାଙ୍କୁ ଉପଯୁକ୍ତ ନ୍ୟାୟ ଦେଇପାରିବ।

ଆଡ୍‌ଭୋକେଟ, ଅରୁଣୋଦୟ ନଗର, କଟକ, ମୋ : ୭୦୦୮୬୯୧୪୩୪

## ପାଠକ ଶ୍ରେଷ୍ଠ ବିଚାରକ

### ବିକାଶରୁ ବଞ୍ଚିତ କାହିଁକି ସୁବର୍ଣ୍ଣପୁର

ମହାଶୟ,

ସବୁଠାରୁ ଚିନ୍ତାଜନକ ତଥ୍ୟ ହେଉଛି ସୁବର୍ଣ୍ଣପୁରର ୩ଟି ବ୍ଲକ୍‌କୁ ନେଇ ଗଠିତ ଏକ ନିର୍ବାଚନମଣ୍ଡଳୀ ତଥା ବୀରମହାରାଜପୁର ଉପଖଣ୍ଡ ଏବେ ମଧ୍ୟ ରେଳ ମାନଚିତ୍ରରୁ ବାହାରେ ରହିଛି। ପ୍ରଶ୍ନ ହେଉଛି, ଏହା ପାଇଁ ଦାୟୀ କିଏ ? ଏହି ଜିଲାରେ ଜଳ, ଜଙ୍ଗଲ, ଖଣିଜ ସମ୍ପଦ ଏବଂ ପର୍ଯ୍ୟଟନର ଅପାର ସମ୍ଭାବନା ଅଛି। କିନ୍ତୁ ଏହି ସମ୍ପଦ ସବୁକୁ ଠିକ୍‌ଭାବେ ଦେଶର ଅର୍ଥନୀତି ସହ ଯୋଡ଼ାଯାଇପାରୁନାହିଁ। କାରଣ ଉପଯୁକ୍ତ ଗମନାଗମନ ବ୍ୟବସ୍ଥାର ଅଭାବ ରହିଛି। ରେଳପଥ ନ ଥିବାରୁ ଚାଷୀ ତାଙ୍କ ଫସଲର ଉଚିତ ମୂଲ୍ୟ କିମ୍ବା ଯୁବକ ଚାକିରି ପାଇପାରୁନାହାନ୍ତି। ନିବେଶକମାନେ ମଧ୍ୟ ଏଠାକୁ ଆସିବାକୁ ଆଗ୍ରହ ଦେଖାଉନାହାନ୍ତି। ସମ୍ବଲପୁର ସହ ରେଳପଥ ଯୋଡ଼ାଯାଇପାରିଲେ ସୁବର୍ଣ୍ଣପୁର ପାଇଁ ଉନ୍ନତିର ନୂତନ ଦ୍ୱାର ଖୋଲିଯିବ। ପ୍ରଶ୍ନ ହେଉଛି, ଏହି ଦାବି କେବେ ପୂରଣ ହେବ ? ରେଳ ସଂଯୋଗ ବିକାଶର ପ୍ରଥମ ସର୍ତ୍ତ। ସରକାର ଓ ପ୍ରଶାସନଙ୍କୁ ଏହା ବୁଝିବାକୁ ହେବ ଯେ, ସୁବର୍ଣ୍ଣପୁରର ଉନ୍ନତି କେବଳ ଏକ ଜିଲାର ଉନ୍ନତି ନୁହେଁ, ଏହା ପଶ୍ଚିମ ଓଡ଼ିଶାର ସାମଗ୍ରିକ ଉନ୍ନତି। ଯଦି ସରକାର ସତରେ ସମାନ ବିକାଶର କଥା କହୁଛନ୍ତି, ତେବେ ସମ୍ବଲପୁର-ସୁବର୍ଣ୍ଣପୁର ରେଳ ପ୍ରକଳ୍ପ ତୁରନ୍ତ ଘୋଷଣାକରି କାମ ଆରମ୍ଭ କରିବା ଦରକାର।

-ସିତାଂଶୁ ଶେଖର ମିଶ୍ର, ଶାନ୍ତି ନଗର, ସୋନପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୁରୁଷ, ନାରୀ ଓ ସଭ୍ୟତା



ପ୍ରଭାତ କୁମାର ବୈଦ୍ୟ

ଓଡ଼ିଶା ଆଜି ନିଜକୁ ଉନ୍ନତି ପଥରେ ଆଗେଇ ନେବାକୁ ଦୃଢ଼ ଚେଷ୍ଟା କରୁଛି। ନୂଆ ରାସ୍ତା, ବଡ଼ ବଡ଼ କୋଠା, ଶିଳ୍ପ ପାର୍କ, ଡିଜିଟାଲ ସେବା, ସରକାରୀ ଯୋଜନାସବୁକୁ ନେଇ ଉନ୍ନତିର ଦାବି କରାଯାଉଛି। ଜିଡିପି ରିପୋର୍ଟ ଓ ପୁରସ୍କାର ମାଧ୍ୟମରେ ଓଡ଼ିଶାକୁ ଏକ ପ୍ରଗତିଶୀଳ ରାଜ୍ୟ ଭାବେ ପ୍ରତିଷ୍ଠା କରାଯାଉଛି। କିନ୍ତୁ ଏହି ସମସ୍ତ ଆଡମ୍ବର ଭିତରେ ଗୋଟିଏ ମୂଳ ପ୍ରଶ୍ନ ଅନୁତ୍ତରିତ ରହିଯାଉଛି ସଭ୍ୟତା କ'ଣ କେବଳ ଢାଞ୍ଚାଗତ ଉନ୍ନତିରେ ମପାଯାଏ? ସଭ୍ୟତାର ପ୍ରକୃତ ମାପକ ହେଉଛି ଏକ ସମାଜ ମନୁଷ୍ୟକୁ କିପରି ଦେଖେ ବିଶେଷକରି ପୁରୁଷ ଓ ନାରୀଙ୍କୁ। ଶକ୍ତିଶାଳୀ ଅର୍ଥନୀତି ଥିଲେ ମଧ୍ୟ ଯଦି ନାରୀ ଅସୁରକ୍ଷିତ ଓ ପୁରୁଷ ନୀରବ ଯନ୍ତ୍ରଣାରେ ବଞ୍ଚେ, ତେବେ ସେ ସମାଜକୁ ସଭ୍ୟ ବୋଲି କହିବା କେତେ ଯୁକ୍ତିଯୁକ୍ତ? ଓଡ଼ିଶାର ଗାଁଠାରୁ ସହର ପର୍ଯ୍ୟନ୍ତ ନାରୀ ଆଜି ଅନେକ ଭୂମିକାରେ ଦେଖାଯାଉଛି। ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ସେ ଆର୍ଥିକ ସ୍ୱାଧୀନତା ଦିଗକୁ ଆଗେଇଛି। ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ମିଶନ ଶକ୍ତିର ମା'ମାନେ ସମାଜର ମୂଳ ଢାଞ୍ଚାକୁ ଧରି ରଖିଛନ୍ତି। କାର୍ଯ୍ୟସ୍ଥଳ, ପ୍ରଶାସନ, ଶିକ୍ଷା, ଚିକିତ୍ସା, କ୍ରୀଡ଼ାସବୁ କ୍ଷେତ୍ରରେ ଓଡ଼ିଆ ନାରୀ ନିଜ ସାମର୍ଥ୍ୟ ପ୍ରମାଣ କରୁଛି।

ତଥାପି, ଦୈନିକ ଖବରକାଗଜର ପୃଷ୍ଠା ଖୋଲିଲେ ଦେଖାଯାଏ ସେଥିରେ ଗଭୀର ବିରୋଧାଭାସ ରହିଛି। ନାରୀ ଉପରେ ହିଂସା, ଯୌନ ଉତ୍ପୀଡ଼ନ, ଗୃହହିଂସା, ମନୋବୃତ୍ତିକ ନିର୍ଯାତନା, ଅସୁରକ୍ଷା ଏସବୁ ଖବର ଆଜି ମଧ୍ୟ ଥମିନାହିଁ। ଆଇନ ରହିଛି, ଯୋଜନା ରହିଛି, ସ୍ଲୋଗାନ ରହିଛି ; କିନ୍ତୁ ମନୋଭାବ କେତେ ଦୂର ବଦଳିଛି ? ନାରୀକୁ ଆଜି ମଧ୍ୟ ଅନେକ ସମୟ ସମ୍ମାନ ନାମରେ ନିୟନ୍ତ୍ରଣ କରାଯାଉଛି। ସେ କ'ଣ ପିନ୍ଧିବ, କେଉଁଠି ଯିବ, କେତେ ଡେରିରେ ଫେରିବ ଏହି ପ୍ରଶ୍ନଗୁଡ଼ିକ ତା'ର ସ୍ୱାଧୀନତାକୁ ଧୀରେ ଧୀରେ ଛଡେଇ ନେଉଛି। ସଭ୍ୟତା ଯଦି ନାରୀକୁ ସୁରକ୍ଷା ଦେବାରେ ଅସମର୍ଥ, ତେବେ ଉନ୍ନତି କାହା ପାଇଁ ?

ଅନ୍ୟ ପଟେ, ପୁରୁଷକୁ ନେଇ ଥିବା ସାମାଜିକ ଆଶା ମଧ୍ୟ ଅତ୍ୟନ୍ତ କଠୋର ଓ ଅମାନବୀୟ। ଓଡ଼ିଆ ସମାଜରେ ପୁରୁଷକୁ ଆଜି ମଧ୍ୟ ଦେଖାଯାଏ ଅର୍ଥ ଅର୍ଜନକାରୀ, ପରିବାରର ସମସ୍ତ ଦାୟିତ୍ୱର ବୋଝ ବୋହୁଥିବା ମଣିଷ, ଯିଏ କେବେ କ୍ଲାନ୍ତ ହୁଏନି, କେବେ କାନ୍ଦେନି, କେବେ ଦୁର୍ବଳ ହୁଏନି। ଏହି ପୁରୁଷତ୍ୱର ସଂଜ୍ଞା ଅନେକ ପୁରୁଷଙ୍କୁ ଭିତରୁ ଭାଙ୍ଗିଦେଉଛି। ବେକାରି, ଋଣଭାର, କାମର ଚାପ, ପାରିବାରିକ ଦାୟିତ୍ୱ, ସାମାଜିକ ଆଶା ଏସବୁ ମଧ୍ୟରେ ପୁରୁଷର ମାନସିକ ସ୍ୱାସ୍ଥ୍ୟ ଆଜି ଏକ ଅଣଦେଖା ସମସ୍ୟା। ସେ ଯଦି କହେ ମୁଁ ଭଲ ନାହିଁ, ସମାଜ ହସିଦେଉଛି। ସେ ଯଦି କାନ୍ଦେ, ତା'କୁ ଦୁର୍ବଳ ବୋଲି ଚିହ୍ନଟ କରାଯାଏ। ଏହି ନୀରବତା ଓ ଅସ୍ୱୀକୃତି ଅନେକ ସମୟ ଭୟାବହ ପରିଣାମ ଆଣୁଛି ଆତ୍ମହତ୍ୟା, ଆସକ୍ତି, ହିଂସା।

ଦୁଃଖର କଥା, ଆଜି ଲିଙ୍ଗଭିତ୍ତିକ ଆଲୋଚନା ଧୀରେ ଧୀରେ ସମାଧାନମୂଳକ ନ ହୋଇ, ମୁହାଁମୁହିଁର ରୂପ ନେଉଛି। ନାରୀ ସଶକ୍ତୀକରଣର କଥା ହେଲେ କିଛି ଲୋକ ଭାବନ୍ତି ପୁରୁଷକୁ ଦୋଷୀ କରିବା ହିଁ ଏହାର ଉଦ୍ଦେଶ୍ୟ। ପୁରୁଷ ସମସ୍ୟା ଉପରେ କଥା ହେଲେ ତାକୁ ନାରୀ ବିରୋଧୀ ଭାବେ ଦେଖାଯାଏ। ଏହି ଚିନ୍ତାଧାରା ସଭ୍ୟତାକୁ ଆଗକୁ ନୁହେଁ, ପଛକୁ ଟାଣୁଛି।

ନାରୀ ସଶକ୍ତୀକରଣର ଅର୍ଥ ପୁରୁଷକୁ ପଛକୁ ଠେଲିଦେବା ନୁହେଁ। ଏବଂ ପୁରୁଷ ଯନ୍ତ୍ରଣାକୁ ସ୍ୱୀକାର କରିବାର ଅର୍ଥ ନାରୀ ଉପରେ ହେଉଥିବା ଅନ୍ୟାୟକୁ ଅସ୍ୱୀକାର କରିବା ମଧ୍ୟ ନୁହେଁ। ସଭ୍ୟତା କେବେ ଏକ ପକ୍ଷର ଜୟରେ ଗଢ଼ିଉଠେନି; ସେ ସମବେଦନା, ସମତା ଓ ପରସ୍ପର ବୁଝାମଣାରେ ଗଢ଼ିଉଠେ। ଓଡ଼ିଶାର ଭବିଷ୍ୟତ ସେଠି ନିର୍ଭର କରେ, ଯେଉଁଠାରେ ନାରୀ ରାସ୍ତାରେ ଚାଲିବାବେଳେ ଭୟଭୀତ ହୁଏ ନାହିଁ, ଆଉ ପୁରୁଷ ନିଜ ଦୁର୍ବଳତା କହିବାକୁ ଲଜ୍ଜା ବୋଧ କରେ ନାହିଁ। ଯେଉଁଠାରେ ପିଲାମାନେ ଶିଖନ୍ତି ସମ୍ମାନ ଜନ୍ମସିଦ୍ଧ, ଲିଙ୍ଗଭିତ୍ତିକ ଦୟା ନୁହେଁ।

ଏହି ପରିବର୍ତ୍ତନ କେବଳ ଆଇନ, ପୋଲିସ ବା ଯୋଜନା ଦ୍ୱାରା ସମ୍ଭବ ନୁହେଁ। ଏହା ପାଇଁ ପରିବାରରୁ ଆରମ୍ଭ କରି ଶିକ୍ଷା ପ୍ରଣାଳୀ, ସାମାଜିକ ଆଲୋଚନା, ମାଧ୍ୟମର ଭୂମିକା ସବୁଠାରେ ମନୋଭାବର ପରିବର୍ତ୍ତନ ଆବଶ୍ୟକ। ଝିଅକୁ ସାହସୀ ଓ ପୁଅକୁ ସମବେଦନଶୀଳ ହେବା ଶିଖାଇବା ହିଁ ସତ୍ୟ ସଭ୍ୟତାର ଆରମ୍ଭ। ପୁରୁଷ ଓ ନାରୀ ଦୁହେଁ ସଭ୍ୟତାର ଦୁଇଟି ସମାନ ଶକ୍ତିଶାଳୀ ସ୍ତମ୍ଭ। ଏକକୁ ଦୁର୍ବଳ କରି ଅନ୍ୟକୁ ସଶକ୍ତ କରାଯାଇପାରେ ନାହିଁ। ଯେଦିନ ଆମେ ଏହି ସତ୍ୟକୁ ହୃଦୟଙ୍ଗମ କରିବୁ, ସେଦିନ ଓଡ଼ିଶା କେବଳ ଉନ୍ନତ ନୁହେଁ ସତ୍ୟରେ ସଭ୍ୟ ହେବ।

କାଶୀପୁର, ରାୟଗଡ଼ା
ମୋ: ୯୦୭୮୧୭୫୧୪୮

## ଚିରନ୍ତନୀ

କର ପରକାଶ ଜୀବନେ ତୋର
ସହଜ ଆଶା
ଶଇଶବ କାଳୁଁ ଶିଖିଚୁ ଯେଉଁ
ସହଜ ଭାଷା ।

-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜିଲାରେ ୯୫ କେନ୍ଦ୍ରରେ ୧୬,୭୭୭ ପରୀକ୍ଷାର୍ଥୀ

## ଆଜିଠୁ ମାଟ୍ରିକ୍ ପରୀକ୍ଷା

ଢେଙ୍କାନାଳ,୧୮।୨(ରତନ ନାୟକ)

ଗୁରୁବାରଠାରୁ ଆରମ୍ଭ ହେଉଥିବା ମାଟ୍ରିକ୍ ପରୀକ୍ଷାରେ ଚଳିତବର୍ଷ ଢେଙ୍କାନାଳ ଜିଲାରେ ମୋଟ ୯୫ଟି ପରୀକ୍ଷା କେନ୍ଦ୍ରରେ ୧୬, ୭୭୭ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସକାଳ ସାଢେ ୭ଟାରେ ସମସ୍ତ ପରୀକ୍ଷା କେନ୍ଦ୍ର ଖୋଲାଯିବ। ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ସାଢେ ୧୧ଟା ପର୍ଯ୍ୟନ୍ତ ଚାଲିବ। କପି ରୋକିବା ପାଇଁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ୩ଟି ସ୍କ୍ୱାଡ ଗଠନ ହୋଇଥିବା ବେଳେ ବୋର୍ଡ ଓ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ସ୍କ୍ୱାଡ ରହିଛନ୍ତି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା ହୋଇଛି। ପରୀକ୍ଷା କେନ୍ଦ୍ର ପରିସରକୁ ମୋବାଇଲ ନିଷେଧ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଉଛି। ଭୁବନ ବ୍ଲକରେ ୧୧ଟି, ଢେଙ୍କାନାଳରେ ୧୭ଟି, ଗୋଣ୍ଡିଆ, ହିନ୍ଦୋଳ ଓ କାମାକ୍ଷାନଗରରେ ୧୨ଟି ଲେଖାଏଁ, କଙ୍କାଡ଼ାହାଡ଼ରେ ୯ଟି, ଓଡ଼ାପଡ଼ା ବ୍ଲକରେ ୧୩ଟି ଓ ପରଜଙ୍ଗ ବ୍ଲକରେ ୧୦ଟିକୁ ମିଶାଇ ମୋଟ ୯୫ଟି ପରୀକ୍ଷା କେନ୍ଦ୍ର ରହିଛି। ସେହିପରି ଜିଲାରେ ୨୬୯ଟି ହାଇସ୍କୁଲର ମୋଟ ରେଗୁଲାର ୧୬୬୦୮ ପରୀକ୍ଷାର୍ଥୀ, ପତ୍ର ବିନିମୟରେ ୧୦ଜଣ ଓ ଏସ୍‌ଓଏସ୍‌ରେ ୧୫୯ଜଣ ପରୀକ୍ଷାର୍ଥୀ ରହିଛନ୍ତି। ପ୍ରଶ୍ନପତ୍ର ରଖିବା ପାଇଁ ୧୦ଟି ନୋଡାଲ ସେଣ୍ଟର କରାଯାଇଛି। ଢେଙ୍କାନାଳ ଓ କଙ୍କାଡ଼ାହାଡ଼ ବ୍ଲକରେ ୨ଟି ନୋଡାଲ ସେଣ୍ଟର ରହିଥିବା ବେଳେ ଅନ୍ୟ ସମସ୍ତ ବ୍ଲକରେ ଗୋଟିଏ ଲେଖାଏଁ ନୋଡାଲ ସେଣ୍ଟର ରହିଛି। ପରୀକ୍ଷା କେନ୍ଦ୍ରରେ ଆବଶ୍ୟକୀୟ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀ ପରେଶଚନ୍ଦ୍ର ପାତ୍ର କହିଛନ୍ତି, ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି ହୋଇଛି। ପ୍ରଶ୍ନପତ୍ର ସମସ୍ତ ନୋଡାଲ ସେଣ୍ଟରରେ ପହଞ୍ଚି ସାରିଛି। ସକାଳ ସାଢେ ୭ଟାରେ ପରୀକ୍ଷା କେନ୍ଦ୍ରଗୁଡିକ ଖୋଲିବ। ୯ଟାରେ ପରୀକ୍ଷା ଆରମ୍ଭ ହେବ।

# ଅପହଞ୍ଚ ଗ୍ରାମ ଏକୁଲ ସେକୁଲ ପରିଦର୍ଶନ କଲେ ଜିଲାପାଳ



ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏକୁଲ ସେକୁଲ ଗ୍ରାମ ପରିଦର୍ଶନ କରି ଲୋକମାନଙ୍କ ସହ ଆଲୋଚନା କରୁଛନ୍ତି।

## ଏପ୍ରିଲ ସୁଦ୍ଧା ରାସ୍ତାକାମ ସରିବ, ଲେବରକାର୍ଡ ବ୍ୟବସ୍ଥା ହେବ

ଢେଙ୍କାନାଳ,୧୮।୨(ରତନ ନାୟକ)

ଢେଙ୍କାନାଳ ଜିଲାର ଆଦିବାସୀ ବହୁଳ କଙ୍କାଡ଼ାହାଡ଼ ବ୍ଲକର ଅପହଞ୍ଚ ଅଞ୍ଚଳ ଓ ଘନଜଙ୍ଗଲ, ପାହାଡ଼ ଘେରାରେ ଅବସ୍ଥିତ ଏକୁଲ ଓ ସେକୁଲ ଗ୍ରାମକୁ ବୁଧବାର ଜିଲାପାଳ ଆଶିଷ ଈଶ୍ୱର ପାଟିଲ ପରିଦର୍ଶନରେ ଯାଇଥିଲେ। ଏହି ଅବସରରେ ସେ ବ୍ଲକ ମହକୁମାରୁ ଏକୁଲ ସେକୁଲ ଗ୍ରାମକୁ ଯାଉଥିବା ରାସ୍ତା କାର୍ଯ୍ୟ, କଲଭର୍ଟ ଏବଂ ବ୍ରିଜ୍ ନିର୍ମାଣର ସମୀକ୍ଷା କରିଥିଲେ। ଉଭୟ ଗ୍ରାମରେ ଚାଳିଥିବା ସ୍କୁଲଗୁଡ଼ିକୁ ବୁଲି ଦେଖିଥିଲେ। ପିଲାମାନଙ୍କ ସହିତ ଆଲୋଚନା କରିଥିଲେ। ପିଏମ୍ କିଶାନ ଓ ସିଏମ୍ କିଶାନ ଯୋଜନାରେ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ। ସେହିପରି ଶ୍ରମ କାର୍ଡ ମଧ୍ୟ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା ହେବ ବୋଲି ଜିଲାପାଳ କହିଥିଲେ। କଲଭର୍ଟ ଓ ବ୍ରିଜ୍ କାର୍ଯ୍ୟ ଚାଲିଛି। ଆସନ୍ତା ମାର୍ଚ୍ଚ ଓ ଏପ୍ରିଲ ସୁଦ୍ଧା ଗମନାଗମନ ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ପାଇଁ ନିଷ୍ପତ୍ତି ନେଇଛୁ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ଜିଲାପାଳ ଅଞ୍ଚଳବାସୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ କଙ୍କାଡ଼ାହାଡ଼ ବିଡିଓ ଯଶୋବନ୍ତ ବେହୁରା ଉପସ୍ଥିତ ଥିଲେ।

# ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପରଜଙ୍ଗ ବିଧାୟକ



ପରଜଙ୍ଗ,୧୮।୨ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନମଣ୍ଡଳୀର କୁତୁରିଆ ପଞ୍ଚାୟତର ଅବସ୍ଥାପିତ ବନ୍ଧୁ ପୁରାତନ ମା' ବିଲେଇଶୁଣୀଙ୍କ ପୀଠ ରହିଛି। ଏହି ପୀଠରେ ପ୍ରତ୍ୟେକ ରବିବାର ମା'ଙ୍କର ପୂଜା ହୋଇଥାଏ। ବହୁ କୋଣ ଅନୁକୋଣରୁ ପୂଜାର୍ଚ୍ଚନା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ମା'ଙ୍କ ନିକଟରେ ବଳିପ୍ରଥା ଥିବାରୁ ଭକ୍ତମାନେ ନିକଟସ୍ଥ ଜଙ୍ଗଲରେ ରୋଷେଇ କରି ପ୍ରସାଦ ସେବନ କରନ୍ତି। କିନ୍ତୁ ଦୀର୍ଘବର୍ଷ ହେବ ଏହି ମା'ଙ୍କ ପୀଠରେ କିଛି ଉନ୍ନୟନମୂଳକ କାର୍ଯ୍ୟ ହୋଇଥିବା ବେଳେ ଆଉ କିଛି ବାକି ରହିଛି। ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ଭୋଜି ପାଇଁ ପିଣ୍ଡି ପରି ମୌଳିକ ସୁବିଧାରୁ ଶ୍ରଦ୍ଧାଳୁମାନେ ବଞ୍ଚିତ ହେଉଛନ୍ତି। ତେଣୁ ମା'ଙ୍କ ପୀଠ କିପରି ଆହୁରି ଉନ୍ନତି ହୋଇପାରିବ ସେଥିପାଇଁ ମଙ୍ଗଳବାର ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ସାକ୍ଷାତକରି ମା' ବିଲେଇଶୁଣୀଙ୍କ ଶକ୍ତିପୀଠର ଉନ୍ନତିକରଣ ପାଇଁ ଦାବି ଜଣାଇଛନ୍ତି। ଏଥିସହ ଖୁବଶୀଘ୍ର ମା'ଙ୍କ ପୀଠର ଉନ୍ନତୀକରଣ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଶାନ୍ତିପୂର୍ଣ୍ଣ ଭାବେ ଛଦେଶ ବନ୍ଦ ସଫଳ



## ବ୍ଲକ ଗଠନ ଓ ଥାନା ପ୍ରତିଷ୍ଠା ଦାବି ଜୋର ଧରିଲା

ଭାପୁର,୧୮।୨(ରାଜକୁମାର ପ୍ରଧାନ)

ଢେଙ୍କାନାଳ ଜିଲା ସଦର ବ୍ଲକ ଅଧୀନ ଛଦେଶ ଅଞ୍ଚଳକୁ ବ୍ଲକରେ ପରିଣତ କରିବା, ଛଦେଶ ଅଞ୍ଚଳରେ ଥିବା ଫାଣ୍ଡିକୁ ଥାନାରେ ପରିଣତ କରିବା, ଭାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା, ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ପୁରୁଣା କଟକ-ସମ୍ବଲପୁର ରାସ୍ତା ମରାମତି କରିବା ଆଦି ମୌଳିକ ସମସ୍ୟାକୁ ନେଇ ଛଦେଶ ବିକାଶ ପରିଷଦ ପକ୍ଷରୁ ବୁଧବାର ବନ୍ଦ ଡାକରା ଦିଆଯାଇଥିଲା। ଛଦେଶ ଅଞ୍ଚଳରେ ଥିବା ବ୍ୟବସାୟ ପ୍ରତିଷ୍ଠାନ, କଳକାରଖାନା, ସରକାରୀ କାର୍ଯ୍ୟାଳୟ ବନ୍ଦ କରି ଛଦେଶବାସୀ ବନ୍ଦକୁ ପୂର୍ଣ୍ଣ ସମର୍ଥନ କରିଥିଲେ। ବିକାଶ ପରିଷଦ ସଭ୍ୟ ଓ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଭାପୁର ଛକରେ ଧାରଣାରେ ବସିଥିଲେ। ଫଳରେ ଏହି ରାସ୍ତା ଦେଇ ଯାଉଥିବା ଯାନବାହାନ ଅଟକି ରହିଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧିକାରୀ, ଓଡ଼ିଶା ତହସିଲଦାର, ଉପଖଣ୍ଡ ପୋଲିସ ଅଧିକାରୀ, ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଭାପୁର ଫାଣ୍ଡି ଅଧିକାରୀ ବିଶ୍ୱରଞ୍ଜନ ମଲ୍ଲିକ ଓ ପ୍ରଦୀପ ରଞ୍ଜନ ପାତ୍ର ପ୍ରମୁଖ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିବା ସହ ଦାବିଗୁଡ଼ିକ ପ୍ରତି ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଜନବସତି ନିକଟରୁ ମଦଭାଟି ସ୍ଥାନାନ୍ତର ଦାବି

ରାସୋଲ,୧୮।୨(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାସୋଲ ଥାନା ନାଉକିଆରୀ ଗ୍ରାମ ନିକଟରେ ଏକ ଦେଶୀ ମଦଭାଟି ରହିଛି। ଏହି ମଦ ଭାଟିଟି ଦୀର୍ଘ ୧୦ବର୍ଷ ହେବ ଚାଲିଛି। ଗ୍ରାମରେ ଜନବସତି ଧୀରେ ଧୀରେ ବଢ଼ିବା ଫଳରେ ମଦ ଭାଟିଟି ବର୍ତ୍ତମାନ ଜନବସତି ଭିତରକୁ ଚାଲିଆସିଲାଣି। ଫଳରେ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ମଦଭାଟିଟି ରାଜପଥ କଡ଼ରେ ରହିଥିବାରୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇ ଗାଡି ରୋକିବା, ପଥଚାରୀଙ୍କୁ ମାରଧର କରିବା, ଟଙ୍କା ଲୁଟ୍ କରିବା ଘଟଣା ବଢ଼ିବାରେ ଲାଗିଛି। ଏପରିକି ମଦଭାଟିରୁ ନିୟମକୁ ଉଲ୍ଲଂଘନ କରି ବିଭିନ୍ନ ଗ୍ରାମକୁ ମଦ ଚାଲାଣ ହେଉଛି। ଆଖପାଖ ଗ୍ରାମର ଯୁବକମାନେ ଦେଶୀ ମଦ ପିଇବା ଫଳରେ ରୋଗାକ୍ରାନ୍ତ ହୋଇ ଜୀବନ ହରାଉଛନ୍ତି। ଏନେଇ ଗ୍ରାମବାସୀ ଓ ଅଞ୍ଚଳବାସୀ ଚିନ୍ତାରେ ପଡ଼ିଯାଇଛନ୍ତି। ଗ୍ରାମର ଶୁକଦେବ ସାହୁ, ବସନ୍ତ ସାହୁ, ପ୍ରଫୁଲ୍ଲ ସାହୁ, ପଠାଣୀ ବିଶ୍ୱାଳ, ଲଳିତ ବିଶ୍ୱାଳ, ଗ୍ରାମ ସଭାପତି ମହେଶ୍ୱର ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, କୁମୁଦ ବେହେରା, ବିପ୍ରବର ସାହୁ, ବାମ ସାହୁ, କୌଶଲ୍ୟା ଦେଇ ଓ ରେଣୁ ସାହୁ ପ୍ରମୁଖ କହିଛନ୍ତି ଯେ, ଏହି ମଦ ଭାଟିକୁ ଆଗାମୀ ଦିନରେ ସରକାର ଯଦି ସ୍ଥାନାନ୍ତର ନ କରନ୍ତି ଗ୍ରାମରେ ପରିସ୍ଥିତି ସୃଷ୍ଟି ହେବ। ରାସୋଲ ଥାନା ଅଧିକାରୀ ବିଧୁ ଭୂଷଣ ମିଶ୍ର କୁହନ୍ତି, ଏହି ମଦ ଭାଟିଟି ଏକ ଲାଇସେନ୍ସପ୍ରାପ୍ତ ଦୋକାନ। ଯଦି ଅସାମାଜିକ କାର୍ଯ୍ୟକଳାପ ଘଟୁଛି ସେଥିପ୍ରତି ଆମେ ଧ୍ୟାନ ଦେବୁ। ହିନ୍ଦୋଳ ଉପଜିଲାପାଳ ପ୍ରଭାସ କୁମାର ବେହେରିଆ କୁହନ୍ତି, ମଦ ଭାଟିଟି ଯଦି ଜନବସତି ମଧ୍ୟରେ ରହିଛି ତେବେ ଅନୁସନ୍ଧାନ କରି ଆମେ ଅବକାରୀ ବିଭାଗ ସହିତ ଯୋଗାଯୋଗ କରି ପଦକ୍ଷେପ ନେବୁ। ଅବକାରୀ ବିଭାଗର ହିନ୍ଦୋଳ ଦାୟିତ୍ୱରେ ଥିବା ଅଧିକାରୀ ପୁଷ୍ପିତା କେରକେଟା କୁହନ୍ତି ଯେ, ମୁଁ ନୂଆକରି ଦାୟିତ୍ୱ ନେଇଛି। ମଦଭାଟି ସ୍ଥାନକୁ ନିରୀକ୍ଷଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବସୁଲେଇ ପଞ୍ଚାୟତରେ ମଦମୁକ୍ତ ଅଭିଯାନ ଆରମ୍ଭ




## ମଦ ବିକ୍ରି ଓ ପିଇବା ନେଇ ସୂଚନା ଦେଲେ ମିଳିବ ପୁରସ୍କାର

ପରଜଙ୍ଗ,୧୮।୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବସୁଲେଇ ପଞ୍ଚାୟତରେ ବୁଧବାର ଆରମ୍ଭ ହୋଇଛି ମଦମୁକ୍ତ ଅଭିଯାନ। ବିଶାଳ ଶୋଭାଯାତ୍ରାରେ ବିଭିନ୍ନ ନାରା ଦେଇ ପଞ୍ଚାୟତର ଗାଁ ଗାଁ ବୁଲି ସଚେତନତା କରିଛନ୍ତି ୮ଟି ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା। ବସୁଲେଇ ଗାଁ ରାମ ମନ୍ଦିରଠାରୁ ଏହି ଶୋଭାଯାତ୍ରା ବାହାରି ସମ୍ପୂର୍ଣ୍ଣ ପଞ୍ଚାୟତ ପରିଭ୍ରମଣ କରିଥିଲା। ପଞ୍ଚାୟତରେ ମଦ ବିକ୍ରି ଓ ମଦ ପିଇବା ଉପରେ କଟକଣା ଲାଗିବା ନାରା ଦେଇଥିଲେ। ଯିଏ ମଦ ବିକ୍ରି କରିବ ସେ ୧୦ ହଜାର ଟଙ୍କା ଓ ଯିଏ ମଦ ପିଇବ ସେ ୫ ହଜାର ଟଙ୍କା ଜୋରିମାନା ଦେବେ ବୋଲି ସ୍ଲୋଗାନ ଦେଇଥିଲେ। ଏଥିସହିତ ଯିଏ ଚୋରା ମଦ ବିକ୍ରି କିମ୍ବା ମଦ ପିଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେବ ସେହି ବ୍ୟକ୍ତିଙ୍କୁ ୨ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ମହିଳା କମିଟି ପକ୍ଷରୁ ଘୋଷଣା କରାଯାଇଛି। ପଞ୍ଚାୟତର ସରପଞ୍ଚ ଅଶାନ୍ତି ରାଉତଙ୍କ ନେତୃତ୍ୱରେ ଶତାଧିକ ମହିଳା ଏହି ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଯିଏ ଅମାନିଆ କରିବ ସେ ଆଇନ ଅନୁଯାୟୀ ଦଣ୍ଡିତ ହେବ ବୋଲି କମିଟି ନିଷ୍ପତ୍ତି ନେଇଥିବା କହିଥିଲେ। ସରପଞ୍ଚ କହିଛନ୍ତି, ମଦ ପାଇଁ ଗ୍ରାମରେ ଅଧିକାଂଶ ସମୟରେ ବିଶୃଙ୍ଖଳା ଉପୁଜୁଥିବା ବେଳେ ଅଳ୍ପ ବୟସର ବ୍ୟକ୍ତିମାନେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ତେଣୁ ସମସ୍ତ ମହିଳାମାନଙ୍କ ସହମତିରେ ଏହି ମଦ ବନ୍ଦ ଅଭିଯାନ ଆରମ୍ଭ ହୋଇଛି।


**GOVERNMENT OF ODISHA, "e"-PROCUREMENT NOTICE**

**OFFICE OF THE NOTIFIED AREA COUNCIL, DASPALLA**

3rd Corrigendum on Tender Call Notice No.66 Dt.08.01.2026
Bid Identification No.NAC-Daspalla-(SAN)-2025-26

No.516 Dt.12.02.2026

No.13001/278/2526 : Corrigendum hereby issued for Tender Call Notice No.66/Dt.08.01.2026 for Sanitation Work of Daspalla NAC regarding extension of date opening of Financial Bid due to unavoidable circumstances.

1. Date & time of opening of Financial Bid : Dt.20.02.2026 at 11.00 A.M.
*All other terms & conditions remain unaltered.

Sd./- Executive Officer
OIPR-13001/13141/1/25-26/0003 Notified Area Council, Daspalla

**ZILLA SWASTHYA SAMITI, NAYAGARH**
(Department of Health & FW, Govt. of Odisha)
**Expression of interest (EoI)**

Adv No: 02/11/NTEP/ DPMUNGR Date: 18.02.2026

No.10001/67/2526 : The District Health Society invites **Expression of Interest (EoI)** from the Individuals/ Firms/Society/Company which meets all the conditions and eligible criteria mentioned in Terms of Reference (ToR) of RFP for carry out X-Ray of identified vulnerable Population under Intensified TB elimination programme in Nayagarh District. The detail regarding RFP has been web hosted on the website http://nayagarh.odisha.gov.in which may be downloaded. The interested Individuals/Firms/Society/ Company are requested to submit their proposal to the office of the undersigned in the prescribed formats on or before 7th March,2026, by 05.30 PM through Regd. Post, Speed post & Courier only. The undersigned reserves the right to accept or reject any or all the quotations without assigning any reason thereof.

**Important Dates :-**
I. Opening of technical Bids: 09th March, 2026 at 04:00: PM (In the Presence of the Bidder/ Authorized Person)

**Venue of meeting :** Opening of technical bids will be held at DTU-I, O/o the CDM & PHO, Nayagarh.

OIPR-10001/10050/1/25-26/0001 Sd/- CDM & PHO-Cum-DMD, Nayagarh

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BHADRAK**
**(SUB STORE, DHH, BHADRAK)**
Email : substorebhadrak@gmail.com
Open Tender Notice No. : 1817/SUB-STORE/Bhadrak/Dated. 18.02.2026

No.10001/68/2526 : Sealed tenders are invited by the CDM & PHO, Bhadrak from register firms / agencies / companies / authorized dealers / suppliers / authorized distributors / Manufacturers for supply of Medicines, Consumables, Chemicals, Reagents, EIF & BCL and other items. The tender proposal in the prescribed format, along with all supporting documents must reach the Office of the CDM & PHO, Bhadrak on or before 17.03.2026 up to 5:00 P.M. through registered post, speed post, courier only. The technical bid will be opened on 18.03.2026 at 11:30 A.M. at the Conference Hall of the Office of the CDM & PHO, Bhadrak. The detailed tender documents, terms and conditions and other relevant information can be downloaded from the official district website https://bhadrak.odisha.gov.in

The undersigned reserves the right to accept or reject any or all tenders without assigning any reason thereof.

Sd./- (Dr. P.K. Praharaj)
Chief District Medical & Public Health Officer, Bhadrak
OIPR-10001/10123/1/25-26/0001

**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. II BHUBANESWAR**
eerb2 bbsr@yahoo.com
**INVITATIONS FOR BIDS THROUGH e-Procurement**
Bid Identification No.- C.C. (R&B) - 02
e - Procurement Notice No. 47 of 2025-26

No.34001/93/2526 : The Superintending Engineer, Bhubaneswar (R&B) Division No.-II, Bhubaneswar on behalf of the Governor of Odisha invites percentage rate bids for Three Numbers Building works to be received in online bidding, Single cover system as detailed in: https://tendersorissa.gov.in. The details of bid documents will be available in the above website from 19.02.2026 to 5.00 P.M of 02.03.2026. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 05.03.2026 in the Office of the Superintending Engineer, Bhubaneswar (R&B) Division No.-II, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer,
OIPR-34001/34088/1/25-26/0001 BBSR (R&B) Division No.II, BBSR

No.4001/34/2526
idco ODISHA
**OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR**
Bid Identification No. Civil/EST-41/2025-26
TCN No.3188 dt.03.02.25
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of Block level Stadium in Remuna under Balasore District with O&M for 05 years.
2. Value of the Work (Approx. excluding O&M) : Rs.12.99 Crore
3. Period of completion : 12 (Twelve) Calendar Months
4. Availability of tender online for Bidding :
I. Start Date : 18:00 Hours of dt.20.02.2026
II. End date : 15:00 Hours of dt.10.03.2026
III. Opening date : 16.00 Hours of dt.10.03.2026

Tender details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Chief General Manager (Civil),
OIPR-4001/4075/1/25-26/0014 IDCO, Bhubaneswar

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**TENDER ALERT**

1)E-Tender Call Notice No. EHT(C)/CLE/SBP/OT/07/25-26: Supply of 2T capacity Split Air Conditioning units (Dual Inverter, Five star or better type latest model) with copper condenser having remote temperature & operation control facility for 132/33kV GSS Jharbandh under EHT (Projects) Circle, Sambalpur.

2)Tender Call Notice No. OTCN:15/BBSR-DIV/2025-26: Jumper tightening work of 200kV Pratapsasan- Pandiabili DC line & 132kV Pratapsasan-Phulnakhara DC line under EHT (O&M) Division, Bhubaneswar.

3)Tender Call Notice No. 06/MEN/2025-26: Repair of 10KL Transformer oil filter machine (Make-Fowler Westrup) along with supply of required spare materials at 400kV Grid S/S, Mendhasal under EHT (O&M) Division, Mendhasal.

4)Tender Call Notice No. 12/2025-26: (I)Different Civil works for 220/132/33kV Grid S/S, Bidanasi (ii) Different Civil works for 132/33kV Grid S/S, Jagatsinghpur under EHT (O&M) Division, Cuttack.

For more details please visit OPTCL's website: www.optcl.co.in.

FIPR-99/2025-26
/optcl.odisha /optcl_odisha

No.8001/86/2526
**CHILIKA DEVELOPMENT AUTHORITY**
PLOT NO. 493(P), PALASPALLI, POKHARIPUT ROAD, BHUBANESWAR-751020, ODISHA
Phone : 91-674-2591544, Fax : 91-674-2590485, Email : chilika@chilika.com
**e-PROCUREMENT**
**Tender Call Notice No.274/CDA/2026 Dtd.16.02.2026**

| | | |
|---|---|---|
| 01 | Name of the Work | Construction of Community Centre at Badaora, G.P. Badal under Kanas Block |
| 02 | Estimated Cost | Rs.7,29,153.00 (Excluding GST) |
| 03 | Period of completion | One Calendar Month |
| 04 | Date & Time of availability of Bid Document in the portal | 17.02.2026 at 11.00 A.M. to 26.02.2026 upto 5.00 P.M. |
| 05 | Last Date/Time for submission of Bids in the portal | 26.02.2026 upto 5.00 P.M. |
| 06 | Date & Time of opening of Bids | 27.02.2026 at 11.30 A.M. in the O/o the Chief Executive, Chilika Development Authority, Plot No.493(P), Palaspalli, Bhubaneswar-751020 |
| 07 | Name and Address of the Officer Inviting Tender (O.I.T) | Addl. Chief Executive, Chilika Development Authority, Odisha, Bhubaneswar, Plot No.493(P), Palaspalli, Pokhariput Road, Bhubaneswar-751020 |

Further information and other details are available for downloading from the e-procurement portal "https://tendersodisha.gov.in". Addendum/Corrigendum if required will be available only in the Website e-procurement portal "https://tendersodisha.gov.in"

Sd./- Addl. Chief Executive
OIPR-8001/8138/1/25-26/0003 Chilika Development Authority

**JHARIA REHABILITATION AND DEVELOPMENT AUTHORITY, DHANBAD**
**e-Procurement Notice**
**Tender Reference No: JRDA/CIVIL/25-26/52**
**Date: 17.02.2026**

| | | |
|---|---|---|
| 1. | Name of Work | Construction of Mega Skill Development Centre at Belgaria, Dhanbad |
| 2. | Estimated Cost | Rs. 3,70,99,400.00 |
| 3. | EMD | Rs. 3,71,000.00 |
| 4. | Tender Document Cost | Rs. 10,000.00 |
| 5. | Time of Completion | 06 months |
| 6. | Date/Time from which bid is available for online bidding | 21.02.2026 at 01:00 PM |
| 7. | Last Date/Time for on-line submission of bids | 07.03.2026 at 03:00 PM |
| 8. | Date and Time of Bid Opening | 09.03.2026 at 11:30 AM |
| 9. | Name and Address of Officer inviting tender | Head of Department (Civil), JRDA, Dhanbad Hatia More, Golf Ground Road, Hirapur, Dhanbad - 826001 Jharkhand, India Email: infojrda.dhn@gmail.com |

Note : 1. Only e-tenders will be accepted.
2. Further details can be seen on website – https://jharkhandtenders.gov.in Sd/-
Head of Department (Civil), JRDA, Dhanbad
PR 373223 (District)25-26*D

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାତିରୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ, ବାଇକ୍, ଆଧାର କିମ୍ବା ପାନ୍ କାର୍ଡ। ଡେଲିଭରୀ ଉପରଲୁ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ: 61-KUR-TRD-OT-2025-26
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳରେ ଗାଲ୍ଭାନାଇଜ୍ଡ (Galvanized) ଷ୍ଟିଲ୍ ଓ ଆଣ୍ଟି କ୍ରିପ୍ (Anti creep) ଓ କ୍ୟାଟେନାରୀ (Catenary) ପ୍ରଦାନ ବ୍ୟବସ୍ଥା।
ଆନୁମାନିକ ମୂଲ୍ୟ : ₹ 79,10,763.04, EMD : ₹ 1,58,200/-, ସମାପ୍ତି ଅବଧି : 365 ଦିନ।
ବିଡ୍ ଖୋଲିବା ତାରିଖ : 01.19.02.2026
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 01.05.03.2026 1300 ଘଣ୍ଟା।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫର ଗ୍ରହଣ କରାଯିବ ନାହିଁ। ଇ-ଟେଣ୍ଡର ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ଏବଂ ସୂଚନା ଓ୍ୱେବସାଇଟ୍ www.ireps.gov.in ରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-1130/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ନଂ. ବି.ଆର୍.-ଏସ୍‌ଏକ୍ସ-ଏବିଏ-ଆକ୍ସ୍‌ବର୍କ୍-୨୫-୨୬-୧୬ ... www.ireps.gov.in ...
(PR-1203)

**PUBLIC NOTICE**

Notice is hereby given to the general public, clients, customers, vendors, creditors, bankers and all other concerned stakeholders that **K C Nath Resources & Co**, carrying on business under the said name as a Proprietorship has been **acquired and converted into a Private Limited Company** in accordance with applicable provisions of the Companies Act, 2013.

Pursuant to such **acquisition and conversion** the business shall hereafter be carried on in the name and style of:

**"K C NATH RESOURCES PRIVATE LIMITED"**

**Effective Date: 10th January 2026**

Upon acquisition, all business operations, assets, liabilities, contracts, agreements, rights, obligations and undertakings of **K C Nath Resources & Co.** have been taken over and vested in **K C Nath Resources Private Limited** with effect from the above date. The continuity of business operations remains unaffected and all existing contracts and arrangements shall continue to be valid and binding on the Company. All persons having any dealings with the erstwhile firm are requested to take note of the above change and update their records accordingly.

**For K C NATH RESOURCES PRIVATE LIMITED**
(Company incorporated pursuant to acquisition of K C Nath Resources & Co.)
**Kanhu Charan Nath**
Managing Director
Place:Jajpur

## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଅନୁଗୋଳ,୧୮।୨(ମାନସ ବିଶ୍ୱାଳ)**

ଅନୁଗୋଳ ସହର ଉପକଣ୍ଠ ଲିଙ୍ଗରାଯୋଡ଼ି ଗ୍ରାମବାସୀ ତଥା ଭକ୍ତବୃନ୍ଦଙ୍କ ସହାୟତାରେ ନବନିର୍ମିତ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ୩ ଦିନ ଧରି ପାଳନ କରାଯିବ। ୨୦ ତାରିଖ ପୂର୍ବାହ୍ନ ୧୧ଟାରେ କଳସ ଶୋଭାଯାତ୍ରା ସହ ଅନ୍ୟ ପୂଜା କାର୍ଯ୍ୟ କରାଯିବ। ୨୧ ତାରିଖ ସକାଳ ସାଢ଼େ ୬ଟାପରେ ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳାଦି ପୂଜା ଆଦି ଅନୁଷ୍ଠିତ ହେବ। ୨୨ ତାରିଖ ସକାଳ ସାଢ଼େ ୭ଟା ପରେ ସୂର୍ଯ୍ୟପୂଜା, ଗୋ ପୂଜା, ବିଗ୍ରହମାନଙ୍କ ଜୀବନ୍ୟାସ ଓ ପ୍ରାଣ ପ୍ରତିଷ୍ଠା, ଷୋଡ଼ଶ ଉପଚାର ପୂଜା ଏବଂ ବିଗ୍ରହଙ୍କ ନଗର ପରିକ୍ରମା ପରେ ଅପରାହ୍ନରେ ମନ୍ଦିରରେ ଦିଅାଁ ପ୍ରବେଶ ଓ ମହାସ୍ନାନ ଉପଚାର ପୂଜା ପରେ ପୂର୍ଣ୍ଣାହୁତି ଆଳତି, ଚରୁ ବିତରଣ କରାଯିବ। ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ତଥା ଗ୍ରାମବାସୀ ଉକ୍ତ ଧାର୍ମିକ ଉତ୍ସବରେ ଯୋଗଦେବାକୁ ଭକ୍ତବୃନ୍ଦଙ୍କୁ ଆମନ୍ତ୍ରଣ କରିଛନ୍ତି।

# ୱାର୍ଡ ପୁନର୍ଗଠନ ପରିବର୍ତ୍ତନ ଦାବି



ବୈଠକରେ ପୂର୍ବତନ ବିଧାୟକଙ୍କ ସହ ବିଜେଡି ନେତାମାନେ।

**ବିଜୁ ଜନତା ଦଳର ସାଧାରଣ ବୈଠକ**

**ପାଲଲହଡ଼ା,୧୮।୨(ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିଜିଗଡ଼ ପଞ୍ଚାୟତରେ ନୁଆ ଏନ୍‌ଏସି ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ଏନ୍‌ଏସିର ୱାର୍ଡ ପୁନର୍ଗଠନ ତ୍ରୁଟିପୂର୍ଣ୍ଣ ରହିଛି ବୋଲି ପ୍ରତିବାଦ କରି ଆଗାମୀ ଦିନରେ ଏହାର ପୁନର୍ବିଚାର ପାଇଁ ଅନୁଗୋଳ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରାଯିବ ବୋଲି ବୁଧବାର ବିଜୁ ଜନତା ଦଳ ପକ୍ଷରୁ ଏକ ସାଧାରଣ ବୈଠକରେ ମତପ୍ରକାଶ ପାଇଛି। ପାଲଲହଡ଼ାର ପୂର୍ବତନ ବିଧାୟକ ମୁକେଶ କୁମାର ପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାଲିପସି ପଞ୍ଚାୟତର ଯୁଗୀମୁଣ୍ଡା ପୁନର୍ଗଠନରେ ସାମିଲ ହେବନାହିଁ, ଦ୍ୱିବେଦୀ କଲୋନୀର ୱାର୍ଡକୁ ବାରହାକୁଦାର ଓ ନୂଆଁ ସିଡିଙ୍ଗରେ ସାମିଲ କରାଯାଉ, ତଳସାହି ୱାର୍ଡକୁ ବଦଳାଯାଉ ବୋଲି ବିଜେଡି ଦାବି ଉଠାଇବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସୂଚନା ଅନୁଯାୟୀ, ବିଜ୍ଞପ୍ତିରେ ନିଜିଗଡ଼ ପଞ୍ଚାୟତ ବାଲିପସି ଓ ଶ୍ରୀକୃଷ୍ଣନଗର ପଞ୍ଚାୟତର ୧୬ଟି ଗାଁର ୧୧ଟି ୱାର୍ଡକୁ ନେଇ ନୂତନ ଏନ୍‌ଏସି ପୁନର୍ଗଠନ କରାଯାଇଛି। ବୈଠକରେ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରାମରାଣୀ ନାଏକ, ଜିଲ୍ଲା ପରିଷଦ ସଦସ୍ୟା ସାବିତ୍ରୀ ମାଝୀ, ବ୍ଲକ ବିଜେଡି ସମ୍ପାଦକ ନରେନ୍ଦ୍ର ଭୁକ୍ତା, ଦିଳୀପ କୁମାର ଉଦାବଳ ଓ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ଯୁକ୍ତ ୨ ପରୀକ୍ଷା ଦେବାକୁ ବୁଧବାର ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ପ୍ରବେଶ କରୁଥିବା ପରୀକ୍ଷାର୍ଥୀମାନେ ଆଡମିଟ୍‌କାର୍ଡ ଦେଖାଉଛନ୍ତି। (ଫଟୋ- ବୁବୁ)

## ଅଗ୍ନିକାଣ୍ଡରେ ଜଳିଗଲା ଘର

**ପବିତ୍ରନଗର,୧୮।୨(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ କମରେଇ ଗ୍ରାମରେ ବୁଧବାର ସକାଳେ ଗ୍ରାମର ହରିହର ବେହେରା (୫୭)ଙ୍କ ଘରେ ନିଆଁ ଲାଗିବାରୁ ସମ୍ପୂର୍ଣ୍ଣ ଘର ଜଳିପୋଡି ପାଉଁଶ ହୋଇଯାଇଛି। ଘର ଭିତରେ ଥିବା ଲକ୍ଷାଧିକ ଟଙ୍କାର ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଯାଇଛି। ଖବରପାଇ କଣିହାଁ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକୁ ନିୟନ୍ତ୍ରଣ କରିଥିଲା। ହାବିଲଦାର ଏସ୍ ମିଶ୍ରଙ୍କ ନେତୃତ୍ୱରେ କର୍ମଚାରୀମାନେ ନିଆଁ ଆୟତ୍ତ କରିଥିଲେ। ଘଟଣା ସମ୍ପର୍କରେ ଘର ମାଲିକ ପୋଲିସରେ ଅଭିଯୋଗ କରିବା ପରେ କଣିହାଁ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ୧୨ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ୧୯୯୧ ଛାତ୍ରୀଛାତ୍ର

**ପାଲଲହଡା,୧୮।୨ (ଦିବ୍ୟଜ୍ୟୋତି ଦାଶ)**

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହେବ। ଏଥିରେ ପାଲଲହଡା ଶିକ୍ଷା ଜିଲାର ୧୨ଟି ପରୀକ୍ଷା କେନ୍ଦ୍ରରେ ୧୯୯୧ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ନୋଡାଲ ସେଣ୍ଟର ଭାବେ ମହତାବ ଉଚ୍ଚ ବିଦ୍ୟାଳୟ, ଫଂପଣ୍ଡ ଉଚ୍ଚ ବିଦ୍ୟାଳୟ ଓ ଖମାର ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲାଗିଛି। ସୂଚନା ଅନୁଯାୟୀ, ମହତାବ ଉଚ୍ଚ ବିଦ୍ୟାଳୟରେ ୨୯୧, ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୪୩, ଫଂପଣ୍ଡ ଉଚ୍ଚ ବିଦ୍ୟାଳୟରେ ୧୭୩, ମାଲ୍ୟଗିରି ଉଚ୍ଚ ବିଦ୍ୟାଳୟ ମୁକ୍ତାପୁରରେ ୨୬୬, ନମପଶି ଉଚ୍ଚ ବିଦ୍ୟାଳୟରେ ୯୩, ଗୁରୁସୁଲେଇ ହାଇସ୍କୁଲରେ ୧୩୩ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୨, ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ଶଙ୍ଖମୁରରେ ୧୪୩, ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖମାରରେ ୨୧୧, ଜନତା ଉଚ୍ଚ ବିଦ୍ୟାଳୟ ମୁଣ୍ଡିରିବେଡାରେ ୧୧୬, ଅଚ୍ୟୁତାନନ୍ଦ ଉଚ୍ଚ ବିଦ୍ୟାଳୟ ଇଞ୍ଜିଡ଼ରେ ୧୨୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଚଳିତ ବର୍ଷ ନୂତନ ପରୀକ୍ଷା କେନ୍ଦ୍ର ହେଇଥିବା ସାଇଡ଼ା ଗ୍ରାମ ପଞ୍ଚାୟତ ହାଇସ୍କୁଲ ଲକ୍ଷ୍ମୀପ୍ରିୟାପୁରରେ ୯୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ମହତାବ ହାଇସ୍କୁଲ ନୋଡାଲ ସେଣ୍ଟର ପାଇଁ ମାଜିଷ୍ଟ୍ରେଟ ଦାୟିତ୍ୱରେ ପାଲଲହଡା ଡେପୁଟି କଲେକ୍ଟର ସୁଶ୍ରୀ ବିଦ୍ୟୁସ୍ମିତାଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ୧୨ଟି ସେଣ୍ଟର ପାଇଁ ୧୨ ଜଣ ପର୍ଯ୍ୟବେକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ମହତାବ ହାଇସ୍କୁଲର ତରଣୀସେନ ସାହୁ, ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ରଞ୍ଜନ କୁମାର ଦେହୁରୀ, ଫଂପଣ୍ଡ ହାଇସ୍କୁଲର ହିମାଂଶୁ ଶେଖର ଦେହୁରୀ, ମାଲ୍ୟଗିରି ହାଇସ୍କୁଲ ମୁକ୍ତାପୁରର ଆଶିଷ ରଞ୍ଜନ ପ୍ରଧାନ, ନମପଶି ପାଇଁ ରଶ୍ମିତା ବେହେରା, ଗୁରୁସୁଲେଇ ହାଇସ୍କୁଲ ପାଇଁ ଦିଲେଶ୍ୱର ସାହୁ ଓ ବାଳିକା ଉଚ୍ଚ ବିଦ୍ୟାଳୟର ଲିଙ୍ଗରାଜ ପ୍ରଧାନ, ଶଙ୍ଖମୁର ପାଇଁ ପ୍ରସନ୍ନ କୁମାର ଜ୍ୟୋତିଷ, ଖମାର ପାଇଁ ନରୋତ୍ତମ ପ୍ରଧାନ, ମୁଣ୍ଡୁରିବେଡା ପାଇଁ ଦିଲେଶ୍ୱର ସାହୁ, ଇଞ୍ଜିଡ଼ ପାଇଁ ରେବତୀ ବଲ୍ଲଭ ପ୍ରଧାନ, ଲକ୍ଷ୍ମୀପ୍ରିୟାପୁର ପାଇଁ ଶିରିଲ ଅନ୍ତୋନୀ ଆଗେରା ନିଯୁକ୍ତି ପାଇଛନ୍ତି।

## ବଁଅରପାଳରେ ପରୀକ୍ଷା ଦେଲେ ୨୨

**ସନ୍ତ୍ରିଛକ,୧୮।୨ (ସନ୍ତୋଷ ପରିଡ଼ା)**



ଅନୁଗୋଳ ଜିଲା ବଁଅରପାଳ ବ୍ଲକ ଅନ୍ତର୍ଗତ ପାଞ୍ଚଗଡ଼ ସୋମନାଥ ସିଂହ ଜଗଦେବ ଉଚ୍ଚ ମହାବିଦ୍ୟାଳୟରେ ବିଜ୍ଞାନରେ ପରୀକ୍ଷା ଦେଇଛନ୍ତି ୨୨ ଜଣ ପରିକ୍ଷାର୍ଥୀ। ଏମାନଙ୍କ ମଧ୍ୟରେ ୧୦ ଜଣ ଛାତ୍ରୀ ଥିବାବେଳେ ଓ ୧୨ଜଣ ଛାତ୍ର ରହିଛନ୍ତି। ମାର୍ଚ୍ଚ ମାସ ୨୨ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବାକୁଥିବା କାର୍ଯ୍ୟକାରୀ ଅଧ୍ୟକ୍ଷା ଅନୁପମା ଦାସ ସୂଚନା ଦେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ବଁଅରପାଳ ପୋଲିସ ଓ ପରୀକ୍ଷା ପର୍ଯ୍ୟବେକ୍ଷକ ତଦାରଖ କରିଥିଲେ।

## ମହାଦେବଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ

**ଛେଣ୍ଡିପଦା, ୧୮।୨ (ଅଜିତ ଧଳ)**

ଅନୁଗୋଳ ଜିଲା ଜରପଡ଼ା ଥାନା ଓଗି ପଞ୍ଚାୟତର ସୁରଙ୍ଗ ଗ୍ରାମଠାରେ ମହାଦେବଙ୍କ ଭବ୍ୟ ମନ୍ଦିରର ରତ୍ନମୁଦ ଉତ୍ସବ ବୁଧବାର ସମ୍ପନ୍ନ ହୋଇଛି। ମନ୍ଦିର କମିଟି ସଭାପତି ସୋମନାଥ ରାଉଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କଳସ ଯାତ୍ରା ହୋଇଥିଲା। ପରେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୁରୁପୂଜା, ହୋମ ଯଜ୍ଞ, ପୁରାଣ ପାଠ, ଶିବ ମହିମା ଗାନ, ହରିହର ଭେଟ, ନାମସଂକୀର୍ତ୍ତନ ହୋଇଥିଲା। ଯଜ୍ଞ କର୍ତ୍ତା ଭାବେ ଶାନ୍ତନୁ ରାଉଳ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଗ୍ରାମବାସୀ ସହଯୋଗ କରିଥିଲେ। ଆଞ୍ଚଳିକ ସେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ପାନୀୟ ଜଳ ଓ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ପୁରାତନ ଛାତ୍ର ସଙ୍ଗଠନ ତୁକୁଡା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ସିପିପି କୋଲ୍ ଟ୍ରାନ୍ସପୋର୍ଟ ଫାଟକ ସମ୍ମୁଖରେ ଆନ୍ଦୋଳନ



ନାଲକୋ ପେରିଫେରି ଟ୍ରକ୍ ଓନର ଆସୋସିଏଶନ ପକ୍ଷରୁ ଆନ୍ଦୋଳନ କରାଯାଉଛି।

**ବଁଅରପାଳ,୧୮।୨ (ସୁବାସ ସାହୁ)**

କୋଇଲା ଟ୍ରକ ମାଲିକ ସଂଘ ପକ୍ଷରୁ ନାଲ୍‌କୋ ସିପିପି କୋଲ ଟ୍ରାନ୍ସପୋର୍ଟ ଫାଟକ ନିକଟରେ ବୁଧବାର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଥିଲା। ସୂଚନା ଅନୁଯାୟୀ, ନାଲକୋ ପେରିଫେରି ଟ୍ରକ୍ ଓନର ଆସୋସିଏଶନ ପକ୍ଷରୁ ଟ୍ରକ୍ ଚାଳକଙ୍କ ବିଭିନ୍ନ ସମସ୍ୟା ନେଇ ନାଲ୍‌କୋ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସମାଧାନର ବାଟ ନ ବାହାରିବାରୁ ସକାଳୁ ଆନ୍ଦୋଳନ ଆରମ୍ଭ କରାଯାଇଥିଲା। ଫଳରେ ଛେଣ୍ଡିପଦା କୋଲ୍ ମାଇନ୍ସରୁ ପ୍ରାୟ ୨ଶହ କୋଇଲା ବୋଝେଇ ଟ୍ରକ୍ ଓ ପ୍ଲାଣ୍ଟ ପରିସରରେ ଥିବା ୨ଶହ ଖାଲି ଟ୍ରକ୍ ଅଟକି ରହିଥିଲା। ଟ୍ରକ୍ ମାଲିକ ସଂଘର ଅଭିଯୋଗ ଅନୁଯାୟୀ, କୋଇଲା ଖାଲି କରିସାରିବା ପରେ ଟ୍ରକ୍‌ଗୁଡ଼ିକୁ ବାହାରକୁ ନ ଛାଡିବା ଦ୍ୱାରା ଟ୍ରକ୍ ଚାଳକମାନେ ଖାଇବା ପିଇବା ଓ ଗାଡ଼ିର ମରାମତି କରିପାରିନାହାନ୍ତି। ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସକାଳ ୮ଘଡିକା ଠାରୁ ଖବର ଲେଖା ହେବା ପର୍ଯ୍ୟନ୍ତ ନାଲ୍‌କୋ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଆନ୍ଦୋଳନକାରୀ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ନାଲ୍‌କୋ ପରିସରକୁ କୋଇଲା ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

## ୨୮ରେ ବ୍ରାହ୍ମଣୀ ପରିକ୍ରମା

**ଢେଙ୍କାନାଳ,୧୮।୨(ରତନ ନାୟକ)**

ଢେଙ୍କାନାଳ ସିଦ୍ଧ ଶ୍ରୀକ୍ଷେତ୍ର ପରିବାର ପରିକ୍ରମା ପକ୍ଷରୁ ବୁଧବାର ସ୍ଥାନୀୟ ଦଧିବାବନ ଜୀଉ ମଠ ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ୨୮ ତାରିଖ ଓ ମାର୍ଚ୍ଚ ୧ ତାରିଖ ଦୁଇଦିନ ଧରି ଦ୍ୱିତୀୟ ଦ୍ୱାଦଶକ୍ରୋଶ ଲିଙ୍ଗ ଓ ବ୍ରାହ୍ମଣୀ ପରିକ୍ରମା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଏହି ଅବସରରେ ବିଶିଷ୍ଟ ସାଧୁ ମହନ୍ତ ସଦାନନ୍ଦ ଦାସ ମହାରାଜ ବୈଠକରେ ସଭାପତିତ୍ୱ କରି ଜଗନ୍ନାଥ ସଂସ୍କୃତିରେ ଶ୍ରୀଚୈତନ୍ୟ ଏବଂ ଜଗନ୍ନାଥ ଦାସଙ୍କ ଭକ୍ତିରସ ଓ ନାମ ସଙ୍କୀର୍ତ୍ତନ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କପିଳାସ ପୀଠାଧୀଶ ମହାପ୍ରଭୁ ଶ୍ରୀଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ଦର୍ଶନ କାର୍ଯ୍ୟ ଶେଷ ହେବା ପରେ ଏହି ପରିକ୍ରମା କାର୍ଯ୍ୟକ୍ରମ ଆରମ୍ଭ ବୋଲି ଆଲୋଚନା ହୋଇଥିଲା। ବୈଠକରେ ଆର୍ଯ୍ୟରତ୍ନ ଚକ୍ରଧର, ଦିପ୍ତୀଶ ପ୍ରସାଦ ପଟ୍ଟନାୟକ, ପରେଶ କୁମାର ପଟ୍ଟନାୟକ, ସଞ୍ଜୟ କୁମାର ପୃଷ୍ଟି, ପ୍ରେମାନନ୍ଦ ଶତପଥୀ, ପ୍ରଶାନ୍ତ କୁମାର ମହାନ୍ତି, ଅକ୍ଷୟ କୁମାର ନାୟକ, କମଳ ନନ୍ଦ, ଅଭୟ କୁମାର ସାହୁ, ଅଜିତ କୁମାର ହୋତା, ବିକାଶ କୁମାର ରଥ, ଶୈଳବାଳା ମିଶ୍ର, ରାଜନନ୍ଦିନୀ ହୋତା ପ୍ରମୁଖ ଯୋଗଦେଇଥିଲେ। ସ୍ନିଗ୍ଧା ନନ୍ଦ ଓ ଅକ୍ଷୟ ନାୟକ ଭଜନ ପରିବେଷଣ କରିଥିଲେ। ଶେଷରେ ସର୍ବେଶ୍ୱର ବ୍ରହ୍ମ ଧନ୍ୟବାଦ ପ୍ରଦାନ କରିଥିଲେ।

---

GOVERNMENT OF ODISHA E-mail: rwd.bonai@yahoo.com

**OFFICE OF THE EXECUTIVE ENGINEER, RURAL WORKS DIVISION, BONAI**

No. 25001/186/2526

TENDER CALL NOTICE

BID IDENTIFICATION NO. ONLINE-EEBNI-08 of 2025-26

1. Name of the Work : Road Works
2. Total No. of Works : 03 (Three) Nos.
3. Estimated Cost : Rs.5.45 - 21.89 lakhs
4. Class of Contractor : "B", "C" & "D" Class
5. Period of Completion : 01 (One) Month
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bonai | Online - EEBNI-08 of 2025-26 | 19.02.2026 from 05.00 P.M. | 26.02.2026 upto 5.00 P.M. | 25.02.2026 upto 5.00 P.M. | 27.02.2026 11.00 A.M. |

Further details can be seen from the website **www.tendersorissa.gov.in** & for more information please visit the office.

OIPR-25001/25200/1/25-26/0002 Sd./- Executive Engineer, R.W. Division, Bonai

---

GOVT. OF ODISHA E-Mail: eerw_anandapur@yahoo.co.in

**OFFICE OF THE SUPERINTENDING ENGINEER, RURAL WORKS DIVISION, ANANDAPUR**

NOTICE INVITING TENDER

NATIONAL COMPETITIVE BIDDING THROUGH e-PROCUREMENT NOTICE

Online - 17/EE/RW/AND/2025-26

Annual Maintenance Plan of Rural Roads under Administrative Expenditure

No. 952 Date: 16.02.2026

No. 25001/185/2526: Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Annual Maintenance Plan of Rural Roads through e-Procurement as per annexure. The bid should be submitted Online in the website **www.tendersorissa.gov.in** by eligible class of contractors having legal competency & expertise, registered with the State Government & contractors of equivalent grades/class registered with Central Govt./MES/Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in O/o. the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 17/EE/RW/AND/2025-26 | 20.02.2026 at 10.00 A.M. | 25.02.2026 upto 5.00 P.M. | 24.02.2026 upto 5.00 P.M. | 26.02.2026 at 11.30 A.M. |

OIPR-25001/25055/1/25-26/0015 Sd./- Executive Engineer, R.W. Division, Anandapur

---

ଓଡ଼ିଶା ସରକାର

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର**

**(ଜଳସମ୍ପଦ ସମ୍ପର୍କିତ ପ୍ରକଳ୍ପ)**

**ଅଧିସୂଚନା**

ପତ୍ର ସଂଖ୍ୟା: ୨୧ ତାରିଖ: ୨୦।୦୧।୨୦୨୬

No. 32001/102/2526: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବଲାଙ୍ଗୀର ଜିଲ୍ଲାର ଅପର ଲାନ୍ଥ ଜଳସେଚନ ପ୍ରକଳ୍ପର ଜଳ ଭଣ୍ଡାର ନିମନ୍ତେ ମୌଜା: ଚିଖିଲି, ଥାନା: ବେଲପଡ଼ା ନଂ. ୦୪, ତହସିଲ: ବେଲପଡ଼ା ନଂ. ୧୩୧, ଜିଲ୍ଲା: ବଲାଙ୍ଗୀରରେ ନିମ୍ନ ତଫସିଲମତେ ପ୍ରାୟ ଏ.୫.୦୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡ଼ା, ବଲାଙ୍ଗୀର।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: ନିର୍ବାହୀ ଯନ୍ତ୍ରୀ, ଅପର ଲାନ୍ଥ ଜଳସେଚନ ବିଭାଜନ, ବେଲପଡ଼ା, ବଲାଙ୍ଗୀର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ: ଅପର ଲାନ୍ଥ ଜଳସେଚନ ଯୋଜନାର ଜଳ ଭଣ୍ଡାର ନିମନ୍ତେ ବିସ୍ଥାପନ କରିବା ଆବଶ୍ୟକ ହେଉଅଛି।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଉକ୍ତ ମୌଜା ପାଇଁ ପ୍ରଯୁଜ୍ୟ ନୁହେଁ।
୫. ଥଇଥାନ ଓ ପୁନର୍ବାସ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ, ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡ଼ା, ବଲାଙ୍ଗୀର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବଲାଙ୍ଗୀର | ବେଲପଡ଼ା | ଚିଖିଲି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୫.୦୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ଅଧିକାରୀ, ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡ଼ା, ବଲାଙ୍ଗୀରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗୀର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ। ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଓ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ବଲାଙ୍ଗୀର

**Mouza: Chikili, Thana No. 04, Thana Belpada, Tahsil: Belpada, Dist.: Balangir**

**PRIVATE LAND**

| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 17 | ନୀଳାମ୍ବର ମହାକୁର, ପି.: ବିଦ୍ୟାଧର ମହାକୁର, ଜା: ଡୁମାଲ, ବା: ନିଜଗାଁ | 1 | ଆଟ ମାମୁଲି | 7.36 | 5 |
| | | | | | Total = | 5.00 |

This land schedule has been prepared based on the Certified ROR copies obtained from the Tahasildar, Belpada, vide his Letter No. 81, Dt.06.01.2025.

Sd./- Junior Engineer, Upper Lanth Irr. Sub-Div. No.-II, Belpada | Sd./- Assistant Executive Engineer, Upper Lanth Irr. Sub-Div. No.-II, Belpada | Sd./- Executive Engineer, Upper Lanth Irr. Division, Belpada | Sd./- Special Land Acquisition & Rehabilitation Officer, ULIP, Belpada

OIPR-32001/32557/3/25-26/0002

---

ଓଡ଼ିଶା ସରକାର

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଅଧିସୂଚନା**

No. RDM-LAA-MBJ-0015-2025-49129/R&DM Dated: 30 Dec. 2025

No. XXI-39: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ଚହଲାପଦା, ଥାନା: ବୈଶିଙ୍ଗା ନଂ. ୧୯୬, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨.୯୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରିଛନ୍ତି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ -

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ଚହଲାପଦା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୬.୧୦ | ଏ.୨.୯୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୪ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳି ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂ-ଅର୍ଜନ ମାମଲା ସଂଖ୍ୟା - ୬୯/୨୦୨୩
ଏ.୨.୯୨ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶରୀ ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ**

**ମୌଜା: ଚହଲାପଦା, ଥାନା: ବୈଶିଙ୍ଗା ନଂ. - ୧୯୬, ତହସିଲ - ବେତନଟୀ, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 2 | 159 | 0.19 | 0.14 | ଆଶୁ | କାଳି ଚରଣ ମାହାନ୍ତ, ନାଥ ମାହାନ୍ତ, ପି.: ବାବୁରାମ ମାହାନ୍ତ, ଜା: କୁଡୁମି, ବା: କ୍ଷେତ୍ରପାଟଣା |
| | 138 | 0.15 | 0.10 | ଆଶୁ | |
| | 156 | 0.07 | 0.07 | ଆଶୁ | |
| 5 | 104 | 0.10 | 0.01 | ଶାରଦ ଏକ | ଗୋକୁଳା ମହାନ୍ତ, ପି.: ଲକ୍ଷ୍ମଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 10 | 163 | 0.29 | 0.29 | ଆଶୁ | ଜର୍ମାନ ମହାନ୍ତ, ଆସମାନ ମହାନ୍ତ, ସୀମାନ ମହାନ୍ତ, ପି.: ଭାଲୁକା ମହାନ୍ତ, ବିକଳ ମହାନ୍ତ, ପି.: ହୁରୁ ମହାନ୍ତ, ଜା: କୁଡୁମି, ବା: କ୍ଷେତ୍ରପାଟଣା |
| | 154 | 0.12 | 0.08 | ଆଶୁ | |
| 19 | 100 | 0.10 | 0.03 | ଆଶୁ | ନକୁଳ ମହାନ୍ତ, ପି.: ଲକ୍ଷ୍ମଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 108 | 0.12 | 0.01 | ଆଶୁ | |
| 24 | 157 | 0.10 | 0.07 | ଆଶୁ | ପ୍ରସାଦ ମହାନ୍ତ, ହର ମୋହନ ମହାନ୍ତ, ଜଗ ମୋହନ ମହାନ୍ତ, ଗୌର ମୋହନ ମହାନ୍ତ, ଶଙ୍କର ମହାନ୍ତ, ସୁଲୋଚନା ମହାନ୍ତ, ପି.: ଦଶରଥ ମହାନ୍ତ, ରୋହିଣି ମହାନ୍ତ, ସହଚରି ମହାନ୍ତ, ପି.: କାନ୍ଦୁ ମହାନ୍ତ, ଜା: କୁଡୁମି, ବା: କ୍ଷେତ୍ର ପାଟଣା |
| 26 | 90 | 0.45 | 0.12 | ଆଶୁ | ପୁରନ୍ଦମ ମହାନ୍ତ, ପି.: ଚନ୍ଦ୍ର ମୋହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 29 | 106 | 0.07 | 0.03 | ଆଶୁ | ବିଶ୍ୱନାଥ ମହାନ୍ତ, ସୁଗ୍ରୀ ମହାନ୍ତ, ସରୁ ମହାନ୍ତ, ପି.: ମକୁରୁ ମହାନ୍ତ, ଲିଲି ମହାନ୍ତ, ସ୍ୱା.: ମକୁରୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 33 | 130 | 0.47 | 0.26 | ଆଶୁ | ରଇବୁ ମହାନ୍ତ, ସରାବନିଆ ମହାନ୍ତ, ପି.: କାର୍ତ୍ତିକ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 35 | 155 | 0.09 | 0.09 | ଆଶୁ | ରାମ ଚନ୍ଦ୍ର ମହାନ୍ତ, ପି.: ଆନନ୍ଦ ମହାନ୍ତ, ସାନନ୍ଦ ମହାନ୍ତ, ନନ୍ଦ ମହାନ୍ତ, ପି.: ନାଲୁ ମହାନ୍ତ, ଜା: କୁଡୁମି, ବା: କ୍ଷେତ୍ର ପାଟଣା |
| 37 | 136 | 0.70 | 0.42 | ଆଶୁ | ସର୍ବେଶ୍ୱର ମହାନ୍ତ, ଅନିତା ମହାନ୍ତ, ସରଦି ମହାନ୍ତ, ସରଳା ମହାନ୍ତ, ପି.: ବିହାରି ମହାନ୍ତ, କୁନ୍ତା ମହାନ୍ତ, ସ୍ୱା.: ବିହାରି ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ରାଜା ରାମ ମହାନ୍ତ, ପି.: ରବି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 43 | 177 | 0.56 | 0.04 | ଶାରଦ ତିନି | ଶରଦୁ ମହାନ୍ତ, ପରଶୁ ମହାନ୍ତ, ଉମେଶ ମହାନ୍ତ, ରାମ ମହାନ୍ତ, ପି.: ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 44 | 101 | 0.30 | 0.20 | ଆଶୁ | ସହଦେବ ମହାନ୍ତ, ପି.: ଲକ୍ଷ୍ମଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 46 | 137 | 0.09 | 0.09 | ଆଶୁ | ସୃଷ୍ଟିଧର ମହାନ୍ତ, ରାଜା ମହାନ୍ତ, ମନ୍ତ୍ରୀ ମହାନ୍ତ, ଗୁଦୁନ ମହାନ୍ତ, ପି.: ବାୟା ମହାନ୍ତ, ସିପାହୀ ମହାନ୍ତ, ବଦନି ମହାନ୍ତ, ବୁଢ଼ା ମହାନ୍ତ, ପି.: ନାଲୁ ମହାନ୍ତ, ସାହେବ ମହାନ୍ତ, ପି.: କେଦାର ମହାନ୍ତ, କେଶିରିଆ ମହାନ୍ତ, ସ୍ୱା.: କେଦାର ମହାନ୍ତ, ନାଚା ମହାନ୍ତ, ମଦନ ମହାନ୍ତ, ହରି ମହାନ୍ତ, ପି.: ସାନବୁନା ରାମ ମହାନ୍ତ, ଜା: କୁଡୁମି, ବା: କ୍ଷେତ୍ରପାଟଣା |
| | 158 | 0.08 | 0.08 | ଆଶୁ | |
| | 160 | 0.07 | 0.07 | ଆଶୁ | |
| | 161 | 0.06 | 0.06 | ଆଶୁ | |
| | 162 | 0.11 | 0.11 | ଆଶୁ | |
| 47 | 165 | 0.35 | 0.10 | ଆଶୁ | ହାରାଧନ ମହାନ୍ତ, ଗଙ୍ଗାଧର ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ପି.: ମୋହନ ମହାନ୍ତ, ଅମୃତା ମହାନ୍ତ, ସ୍ୱା.: ମକୁଳ ମହାନ୍ତ, ନକୁଳ ମହାନ୍ତ, ମଗଲା ମହାନ୍ତ, ପି.: ଗୋହି ରାମ ମହାନ୍ତ, ଜା: କୁଡୁମି ବା: କ୍ଷେତ୍ରପାଟଣା |
| 47/1 | 109/244 | 0.75 | 0.13 | ଶାରଦ ତିନି | ସନାତନ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ପି.: ଗଙ୍ଗାଧର ମହାନ୍ତ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | 107/247 | 0.04 | 0.04 | ଆଶୁ | |
| 47/9 | 105 | 0.05 | 0.05 | ଆଶୁ | ସନାତନ ମହାନ୍ତ, ପି.: ଗଙ୍ଗାଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 47/24 | 107 | 0.04 | 0.04 | ଆଶୁ | ରଘୁନାଥ ମହାନ୍ତ, ସଦାନନ୍ଦ ମହାନ୍ତ, ବାବାଜୀ ମହାନ୍ତ, ଆନନ୍ଦ ମହାନ୍ତ, ବିଦ୍ୟାଧର ମହାନ୍ତ, ଯଶୋଦା ମହାନ୍ତ, ପି.: ସନାତନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 47/30 | 109/262 | 0.52 | 0.15 | ଶାରଦ ତିନି | ସୁରେନ୍ଦ୍ର ମହାନ୍ତ, ପି.: ଗଙ୍ଗାଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| 38 | 116/224 | 0.06 | 0.04 | ଶାରଦ ତିନି | ସର୍ବେଶ୍ୱର ମହାନ୍ତ, ଅମ୍ରିତା ମହାନ୍ତ, ସରଦି ମହାନ୍ତ, ସରଳା ମହାନ୍ତ, ପି.: ବିହାରୀ ମହାନ୍ତ, କୁନ୍ତା ମହାନ୍ତ, ସ୍ୱା.: ବିହାରୀ ମହାନ୍ତ, ପୂର୍ଣ୍ଣ ମହାନ୍ତ, ରାଜା ମହାନ୍ତ, ପି.: ରବି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ମୋଟ | ୧୦ ପ୍ଲଟକୁ | ଏ.୩.୩୫ ଡେ.ମି. | ଏ.୨.୯୨ ଡେ.ମି. | | |

Sd./- Amin, Deuli Zone | Sd./- Revenue Inspector, Deuli Zone | Sd./- Zone Officer-cum-L.A. Collector, S.I.P. Deuli Zone | Sd./- Spl. Land Acquisition Officer, S.I.P., Baripada

OIPR:

# ଲଳିତକଣ୍ଠୀ ଗୀତା



ଶ୍ରଦ୍ଧାଞ୍ଜଳି/ଗୀତା ପଟ୍ଟନାୟକ

ରେଡିଓ ଖୋଲିଲାମାତ୍ରେ ସେଇ ପରିଚିତ ବୀଣାଜିଣା କଣ୍ଠସ୍ୱରରୁ କୋଠରି ସାରା ଗୁମୁରି ଉଠେ ଆଧୁନିକ, ପଲ୍ଲୀସ୍ୱର, ଭଜନ ; ପୁଣି ବେଳେବେଳେ ଓଡ଼ିଆ ଚଳଚ୍ଚିତ୍ରର କବାଲି ଏମିତି ବିଭିନ୍ନ ସଙ୍ଗୀତ ପୂଜାଡିଥି ଆସେ ତ ଠାକୁରଙ୍କ ମେଢ଼ ଆଡୁଆଳରୁ ଷ୍ଟେରିଓରେ ଭାସିଆସେ ଠାକୁରଙ୍କ ଜଣାଣ, ଭଜନ, ସବୁ କାମ ଛାଡ଼ି ଆଖି ବନ୍ଦ କରି ଶୁଣିବାକୁ ଇଚ୍ଛାହୁଏ। ପୁଣି ଆସେ ବାହାଘର ଋତୁ। ବଛା ବଛା ରେକର୍ଡ ବାଜେ। କନ୍ୟାପକ୍ଷ ଲୋକେ କେହି କେହି ବର ପକ୍ଷଙ୍କୁ ଖତେଇ ହେବା ଭଳି ବାରମ୍ବାର ଗୋଟିଏ ନିର୍ଦ୍ଦିଷ୍ଟ ରେକର୍ଡ଼ ଲଗାନ୍ତି 'ଯଉତୁକ ନବ ଚଢ଼ା–ହେଲେ କନିଆଁ ପାଇବ ଡେଢ଼ା'। ଏଇ ସବୁରି ଭିତରେ ସେଇ ଏକା, ପରିଚିତ କଣ୍ଠସ୍ୱର–ଗୀତା ପଟ୍ଟନାୟକ। ଗୀତା ପଟ୍ଟନାୟକ ଓଡ଼ିଶାର ସ୍ୱନାମଧନ୍ୟା ଗାୟିକାଙ୍କ ମଧ୍ୟରେ ଅନ୍ୟତମ।

ଗୀତା ପଟ୍ଟନାୟକଙ୍କର ସ୍ୱର ଓଡ଼ିଶାର ପୁରପଲ୍ଲୀରେ କିଏ ନ ଚିହ୍ନିଛି ? ଏହି ବିଶିଷ୍ଟ କଣ୍ଠଶିଳ୍ପୀ ରେଡିଓ, କ୍ୟାସେଟ ଆଉ ରେକର୍ଡ଼ ଏବଂ ସର୍ବୋପରି ଚଳଚ୍ଚିତ୍ର ସଙ୍ଗୀତ କ୍ଷେତ୍ରରେ ଯେଉଁଭଳି ପ୍ରତିଷ୍ଠା ବଜାୟ ରଖିପାରିଛନ୍ତି, ତାହା ଖୁବ୍ କ୍ୱଚିତ ଓଡ଼ିଆ ଝିଅଙ୍କ ଭାଗ୍ୟରେ ଜୁଟେ। ଗୀତା କଟକ ଝିଅ। କଟକ କଳାବିକାଶ କେନ୍ଦ୍ରରୁ 'ସଙ୍ଗୀତ ଭୂଷଣ' ଉପାଧି ପାଇଛନ୍ତି।

ଗୀତାଙ୍କ ସହ ଗତ ଗଣେଶ ପୂଜାଦିନ ଏକ ଉତ୍ସବରେ ସାକ୍ଷାତ୍ ହୋଇଥିଲା। ଓଠରେ ଚେନାଏ ମିଠାହସ ଲାଖି ରହିଥାଏ। କଥା କହିବେ ତ ଗୀତ ଶୁଣିଲା ଭଳି ଲାଗିବ। ଗର୍ବ ନାହିଁ, ଅହଂକାର ନାହିଁ। ଅମାୟିକ ବ୍ୟବହାର। ସ୍ୱଳ୍ପମୁହୂର୍ତ୍ତର କଥାବାର୍ତ୍ତା ଭିତରେ ତାଙ୍କ ମନ ଭିତରର ଲୁକ୍କାୟିତ ସ୍ୱପ୍ନ, ଆଶା, ଆକାଂକ୍ଷା, ଗ୍ଲାନି, ଏ ସବୁର କିଞ୍ଚିତ ପରିଚୟ ମିଳିଲା। ଆମ ଓଡ଼ିଶାରେ ଗାୟକ ଗାୟିକାଙ୍କ ଅଭାବ ନାହିଁ। କିନ୍ତୁ ଓଡ଼ିଆ ଝିଅ ସଙ୍ଗୀତ କଳାକୁ ପେଶା ରୂପେ ଗ୍ରହଣ କରିନେବାକୁ କୁଣ୍ଠିତ ହେବା ଆଦୌ ଠିକ୍ ନୁହେଁ। ସୁନନ୍ଦା ପଟ୍ଟନାୟକ, ହେମଲତା ଆଦି ସ୍ୱନାମଧନ୍ୟା ଗାୟିକା ଓଡ଼ିଆ ହୋଇ ମଧ୍ୟ ଓଡ଼ିଶାରେ ତାଙ୍କର ପ୍ରତିଷ୍ଠା ନାହିଁ। ବାହାର ରାଜ୍ୟରେ ସେମାନେ ବେଶ୍ ପ୍ରତିଷ୍ଠିତା।

ଗୀତା ପଟ୍ଟନାୟକ ପିଲାଟି ଦିନରୁ ସଙ୍ଗୀତ ସାଧନା ଆରମ୍ଭ କରିଥିଲେ। ସେଇ ସଙ୍ଗୀତରେ ମସଗୁଲ ଥାଇ ସୁଦ୍ଧା ସେ କୃତିତ୍ୱ ସହକାରେ ରାଜନୀତି ବିଜ୍ଞାନରେ ଏମ୍.ଏ ପାଶ୍ କରିଛନ୍ତି। ଜଣକ ପ୍ରେରଣା, ତାଲିମ ଆଉ ଭୂମିକା ଗୀତାଙ୍କ ଗାୟିକା ଜୀବନକୁ ନୂଆ ମୋଡ ଦେଇଥିଲା। ସେ ହେଲେ ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି ଓରଫ ଖୋକାଭାଇ। ଓଡ଼ିଆ ଚିତ୍ରର ପ୍ରଚ୍ଛଦପଟ ଗାୟିକା ଭାବେ ସେ 'ଅଦିନ ମେଘ', 'ସଂସାର', 'ମାଂସର ବିଳାପ', 'ଯାଯାବର', 'ନାଗଫାଶ', 'ତଅପୋଇ', 'ଅଶାନ୍ତଗ୍ରହ', 'ମଥୁରା ବିଜୟ' ପ୍ରଭୃତିରେ କଣ୍ଠଦାନ କରିଛନ୍ତି। 'ଫୁର୍ କିନା ଉଡ଼ିଗଲା ବଣୀ'(ଯାଯାବର), 'ଏ ରାତି ପାହିବ କେବେ, (ନାଗଫାଶ), 'ଯଉତୁକ ନେବ ଚଢା', 'ଆହା, ଡଙ୍ଗାରେ ବସିଗଲେ', 'ମୋ ଦେହରେ ବୋଳି ଦିଅ ରଙ୍ଗ ହଳଦୀ', 'ତୋର ମୋର କଥା ହେବା ଚୁପ୍‌ଚାପ୍' ଆଦି ଗୀତାଙ୍କର ଅନେକ ଗୀତ ଚିରଦିନ ଅଭୁଲା ହୋଇକକରହିବ।

ସଙ୍ଗୀତ, ସାଗର ପରିସମାପ୍ତିହୀନ। ତେଣୁ ଗୀତା କୁହନ୍ତି, 'ଜୀବନର ଶେଷନିଃଶ୍ୱାସ ପର୍ଯ୍ୟନ୍ତ ମୁଁ ଏଇ ସାଧନା କରୁଥିବି। ସବୁ ସଙ୍ଗୀତ ଶିଳ୍ପୀମାନଙ୍କର ପ୍ରତିଭା ଅଛି। ସେମାନେ ଏହାକୁ ଉପଯୋଗ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ସଙ୍ଗୀତ କ୍ଷେତ୍ରରେ ଆଗକୁ ଯିବା ପାଇଁ ସାଧନାର ଆବଶ୍ୟକତା ରହିଛି। କଳା ପ୍ରତି ଆକର୍ଷଣ ଏବଂ ଏକାଗ୍ରତା ବଳରେ ଗୀତା ପଟ୍ଟନାୟକ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି।

–ଦିଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର,
ମୋ:୯୮୬୧୦୦୯୨୫୨

# ସବୁ ମୂଳରେ ଟିକିଲି

ଏକଦା ଜଣେ ତରୁଣୀ ଏକ ଲେଡିଜ କର୍ନରକୁ ଟିକିଲି କିଣିବାକୁ ଆସେ। ସେଠାରେ ଜଣେ ସେଲସମ୍ୟାନ୍ ତାକୁ ଟିକିଲି ଦେଖାଏ। କିନ୍ତୁ ଟିକିଲି ଦେଖାଇବା ସମୟରେ ସେହି ସୁନ୍ଦରୀର ରୂପ ରାଇଜରେ ହଜିଯାଏ ସେଲସମ୍ୟାନ୍। ମନେମନେ ତାକୁ ଭଲ ପାଇ ବସେ। ଭାବନା ରାଇଜରେ ଘୂରି ବୁଲିବା ସମୟରେ ଏକ ଗୀତରେ ସେ ମତୁଆଲା ହୋଇଥାଏ। କିନ୍ତୁ ଯେଉଁ ଟିକିଲି ପାଇଁ ସେ ଆଜି ସୁନ୍ଦରୀକୁ ପ୍ରେମ କରି ବସିଛି, ତାହା ବାସ୍ତବରେ ସଫଳ ହୁଏତ ? ଗୀତଟି ଶେଷ ହେବା ପରେ ଏହି କାହାଣୀରେ ଲୁଚି ରହିଛି ଏକ ଟ୍ୱିଷ୍ଟ। ଆଉ ତାହା କ'ଣ ଜାଣିବାକୁ ନିଶ୍ଚୟ ଚାହୁଁଥିବେ। ବାସ୍, ଥରେ ଏହି ଗୀତଟିକୁ ଦେଖିଲେ ଆପଣଙ୍କ ମନରେ ଉଙ୍କି ମାରିଥିବା ସମସ୍ତ ପ୍ରଶ୍ନର ଉତ୍ତର ଆପେ ଆପେ ପାଇଯିବେ। ହଁ, ଏଭଳି ଏକ ଗୀତ ସଂଯୋଜିତ ହୋଇଛି ଏକ ସମ୍ବଲପୁରୀ ଆଲବମ୍‌ରେ, ଯାହାର ଟାଇଟଲ ରହିଛି 'ଟିକିଲି ମାଖି'। ଏଥିରେ ଅଭିନୟ କରିଛନ୍ତି ରିତେଶ ଏବଂ ମନସ୍ୱିନୀ। ଅରୂପା ପ୍ରିୟଦର୍ଶନୀଙ୍କ ଦ୍ୱାରା ପ୍ରଯୋଜିତ ଏହି ଆଲବମ୍‌ଟିର ନିର୍ଦ୍ଦେଶନା ଦେଇଛନ୍ତି ନିବେଦନ। ରଞ୍ଜନ ହାତୀଙ୍କ ରଚିତ ତଥା ରୁଦ୍ର ପ୍ରସାଦ ନାୟକଙ୍କ ସ୍ୱର ସଂଯୋଜିତ ଉକ୍ତ ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ପ୍ରଥମ କୁମ୍ଭର ଏବଂ ଶୁଭଦୀପ୍ତା ମହାନ୍ତି। ଏହାର କୋରିଓଗ୍ରାଫି କରିଛନ୍ତି କେ. ଅଭି। ଏହି ଆଲବମ୍‌ଟି ପ୍ରାରମ୍ଭରୁ ଦର୍ଶକାଦୃତ ହୋଇପାରିଛି।



ରିତେଶ–ମନସ୍ୱିନୀ

# ଚିନ୍ତା କରୁଛନ୍ତି ତ୍ରିପ୍ତି

ତ୍ରିପ୍ତି ଡିମରି ଏବେ ଟିକେ ଚିନ୍ତାରେ ପଡ଼ିଛନ୍ତି। ହେଲେ କ'ଣ ପାଇଁ ଜାଣନ୍ତି ? ନିକଟରେ ତାଙ୍କୁ ଏକ ନୂଆ ଅଫର ମିଳିଛି। ଏଥିରେ ତାଙ୍କୁ କେତୋଟି ଆକ୍ସନ ଶଟ୍ ଦେବାକୁ ପଡ଼ିବ। ହେଲେ ସେଥିପାଇଁ ତାଙ୍କୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି ଜାଣିବା ପରେ ତାଙ୍କର ଚିନ୍ତା ବଢ଼ିଯାଇଛି। ଏ ନେଇ ତ୍ରିପ୍ତି କହନ୍ତି, ''ଆକ୍ସନ ଭୂମିକାରେ ଅଭିନୟ କରିବା ଏତେ ସହଜ କଥା ନୁହେଁ। ତଥାପି ଏ ନେଇ ନିଜକୁ ମୁଁ ମାନସିକ ସ୍ତରରେ ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛି। ଏଥିଲାଗି ମୋତେ କିଛି ମାସ ସ୍ପେଶାଲ ଟ୍ରେନିଂ ନେବାକୁ ପଡିବ। ଯଦିଓ ଏହାକୁ ନେଇ ମୋର ଚିନ୍ତା ବଢ଼ିଯାଇଛି, ହେଲେ ଆଶା ରଖିଛି ଏଭଳି ଭୂମିକାକୁ ମୁଁ ଠିକ୍ ଭାବରେ ତୁଲାଇ ପାରିବି। ଏଥିରେ ମୋ ଅପୋଜିଟ୍‌ରେ ଜଣେ ନବାଗତଙ୍କୁ କାଷ୍ଟିଂ କରାଯିବାର ଯୋଜନା ରହିଛି। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ତା'ସହ ଏହା ପାଇଁ ଏକ ସୁଇଟେବୁଲ ଟାଇଟଲ ଖୋଜା ଚାଲିଛି।'' ତ୍ରିପ୍ତି ଇତିମଧ୍ୟରେ ବଲିଉଡ୍‌ରେ ତାଙ୍କର ନବମ ବର୍ଷ ପୂରଣ କରିଛନ୍ତି। ସେ ପ୍ରଥମେ 'ମମ୍'ଏବଂ 'ପୋଷ୍ଟର ବୟେଜ'ରେ ଛୋଟ ଭୂମିକାରେ ଅଭିନୟ କରିଥିଲେ। ନିର୍ଦ୍ଦେଶକ ସାଜିଦ ଅଲ୍ଲୀଙ୍କ 'ଲୈଲା ମଜ୍‌ନୁ'ରେ ସେ ପ୍ରଥମ ଥର ପାଇଁ ନାୟିକା ସାଜିଥିଲେ। ଏଥିରେ ଅବିନାଶ ତିୱାରୀଙ୍କ ସହ ତ୍ରିପ୍ତିଙ୍କ ଯୋଡିକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ହେଲେ ୨୦୨୩ରେ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କର 'ଆନିମଲ୍' ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଫିଲ୍ମଟି ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା।



ତ୍ରିପ୍ତି

# ଖୁସି ଅଛନ୍ତି ଜ୍ୟାକ୍‌ଲିନ୍



ଜ୍ୟାକ୍‌ଲିନ୍

ଜ୍ୟାକ୍‌ଲିନ୍ ଫର୍ନାଡିଜ୍ ବଲିଉଡ୍‌ରେ ନିଜ କ୍ୟାରିୟରକୁ ନେଇ ବେଶ୍ ଖୁସି ଅଛନ୍ତି। ସୁଜୟ ଘୋଷଙ୍କ ପରି ନାମୀ ଅଭିନେତା ତାଙ୍କୁ ପ୍ରଥମେ ହିନ୍ଦୀ ସିନେମାରେ ବ୍ରେକ୍ ଦେଇଥିଲେ। ଫିଲ୍ମଟିର ଟାଇଟଲ ଥିଲା 'ଆଲ୍ଲାଦିନ'। ଅମିତାଭ ବଚ୍ଚନ ଏବଂ ସଞ୍ଜୟ ଦତ୍ତଙ୍କ ପରି ଅଭିନେତା ଏହାର କାଷ୍ଟିଂରେ ଥିଲେ। କିନ୍ତୁ ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ସଫଳତା ହାସଲ କରିବାରେ ବିଫଳ ହୋଇଥିଲା। ହେଲେ ପ୍ରାରମ୍ଭରୁ ଏପରି ଘଟଣାରେ ଭାଙ୍ଗି ପଡି ନ ଥିଲେ ସେ। ନିଜ କ୍ୟାରିୟର ବିଷୟରେ ସେ କହନ୍ତି, ''ମୋ ପ୍ରଥମ ହିନ୍ଦୀ ସିନେମା ଫ୍ଲପ୍ ହୋଇଥିଲା। ଅବଶ୍ୟ ଏ ନେଇ ମନଦୁଃଖ ହେଲା। କିନ୍ତୁ ମୋର ନିଜ ଉପରେ ଶତ ପ୍ରତିଶତ ଭରସା ଥିଲା। ଦିନେ ନା ଦିନେ ମୋତେ ଭଲ ସୁଯୋଗ ନିଶ୍ଚୟ ମିଳିବ–ଏକଥାକୁ ମନରେ ରଖି ଆଗେଇଥିଲି। କିନ୍ତୁ ଯେତେବେଳେ ମୋର ପ୍ରଥମ ଫିଲ୍ମ ପାଇଁ ମୋତେ ଆଇଫା ପୁରସ୍କାର (ଶ୍ରେଷ୍ଠ ନବାଗତା) ମିଳିଲା ସେତେବେଳେ ମୋର ହୃଦବୋଧ ହେଲା ଯେ ମୋର ପରିଶ୍ରମ ବୃଥା ହୋଇନାହିଁ। ତା'ପରେ ୨୦୧୧ରେ ରିଲିଜ ହୋଇଥିବା 'ମର୍ଡର ୨' ହିଟ୍ ସାବ୍ୟସ୍ତ ହେଲା। ବାସ୍, ତା'ପରେ ଆଉ ମୁଁ ପଛକୁ ଫେରି ଚାହିଁ ନ ଥିଲି। ଏହାପରେ 'ହାଉସଫୁଲ୨' ଏବଂ 'ରେସ୍ ୨' ମଧ୍ୟ ଦର୍ଶକାଦୃତ ହେଲା। ଚଳିତବର୍ଷ ମୋ ଅଭିନୀତ 'ୱେଲକମ୍ ଟୁ ଦ ଜଙ୍ଗଲ' ରିଲିଜ ହେବାକୁ ଯାଉଛି। ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ୍ କରିବ ବୋଲି ଆଶା ରହିଛି।'' ଶ୍ରୀଲଙ୍କା ସୁନ୍ଦରୀ' ମୁକୁଟ ବିଜୟିନୀ ହେବା ପରେ ଜ୍ୟାକ୍‌ଲିନ୍ ୨୦୦୯ରେ ଭାରତକୁ ମଡେଲିଂ ଆଶାରେ ଆସିଥିଲେ। ମାତ୍ର ସେହି ବର୍ଷ ହିଁ ତାଙ୍କୁ ବଲିଉଡ୍‌ରେ ସୁଯୋଗ ମିଳିଥିଲା।

# ଶହେରୁ ଜଣେ

ଭୂମି ପେଦେନକର ଯେତେବେଳେ ଆକ୍ଟିଂକୁ କ୍ୟାରିୟର କରିବାକୁ ଚାହିଁଲେ ସେତେବେଳେ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡ଼ି ନ ଥିଲା। ସେ ଅଭିନୟ କରିଥିବା ପ୍ରଥମ ସିନେମା ଥିଲା 'ଦମ୍ ଲଗାକେ ହୈସା'। ହେଲେ ଏହାର ନାୟିକା ଚରିତ୍ରରେ ଅବତୀର୍ଣ୍ଣ ହେବା ପୂର୍ବରୁ ତାଙ୍କୁ ମାରାଥନ ଅଡିସନ ଦେବାକୁ ପଡ଼ିଥିଲା। ଏହି ଅଡିସନରେ ପ୍ରାୟ ୧୦୦ଜଣ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ସମସ୍ତଙ୍କୁ ବାଜିମାତ କରି ଭୂମି ଏଥିରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏ ବିଷୟରେ ସେ କହନ୍ତି, ''ଯେତେବେଳେ ମୋତେ 'ଦମ୍ ଲଗାକେ ହୈସା'ର ନିର୍ଦ୍ଦେଶକ ଶରତ କଟାରିଆ ଏ ସମ୍ପର୍କରେ ଜଣାଇଲେ ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା। ଏଥିରେ ଆୟୁଷ୍ମାନ ଖୁରାନା ମୋର ନାୟକ ସାଜିଥିଲେ। ଏବେ କିଛି ମାସ ହେବ ମୋତେ କିଛି ଅଫର ମିଳିନାହିଁ। ହେଲେ ଅପେକ୍ଷା କରିଛି ପ୍ରଯୋଜକମାନଙ୍କର ଶୁଭ ଦୃଷ୍ଟି ମୋ ଉପରେ ନିଶ୍ଚୟ ପଡ଼ିବ।'' ପ୍ରଥମ ସିନେମା ପାଇଁ ତାଙ୍କୁ ନିଜ ଓଜନ କମାଇବାକୁ ପଡ଼ିଥିଲା। ମାତ୍ର ପାଞ୍ଚ ମାସ ମଧ୍ୟରେ ସେ ୨୦ କିଗ୍ରା ଓଜନ କମାଇବାରେ ସକ୍ଷମ ହୋଇଥିଲେ। ଭୂମି ଅଭିନୟ କରିବା ପୂର୍ବରୁ କ'ଣ କରୁଥିଲେ ଜାଣନ୍ତି ? ନାମୀ ବ୍ୟାନର ୟଶରାଜ ଫିଲ୍ମରେ ସେ ଜଣେ ଆସିସଷ୍ଟାଣ୍ଟ କାଷ୍ଟିଂ ଡାଇରେକ୍ଟର ଭାବରେ କାମ କରୁଥିଲେ ଭୂମି।



ଭୂମି

ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡ଼ିକ ହେଲା–'ଟୟଲେଟ୍–ଏକ ପ୍ରେମ କଥା', 'ଲଷ୍ଟ ଷ୍ଟୋରିଜ', 'ବାଲା', 'ପତି ପତ୍ନୀ ଔର ୱ୍ୱ', 'ଭୂତ୍', 'ଦୁର୍ଗାମତି', 'ଭକ୍ଷକ' ଏବଂ 'ମେରେ ହଜବ୍ୟାଣ୍ଡ କି ବିବି'।

# ପୂର୍ଣ୍ଣିମାଙ୍କ ମନକଥା

ପୂର୍ଣ୍ଣିମା ଜଣେ ଶିକ୍ଷିତା ଝିଅ। ତା' ବାପା କାଙ୍ଗୁଲାଙ୍କ ଲକ୍ଷ୍ୟ କେମିତି ପ୍ରାୟ ଲୋପ ପାଇବାକୁ ବସିଥିବା ଦଣ୍ଡନାଚକୁ ଆହୁରି ଲୋକପ୍ରିୟ କରିବେ। ଆଉ ସେଥିରେ ପୂର୍ଣ୍ଣିମା ନିଜକୁ ସାମିଲ କରିବାକୁ ପଛାଇ ନାହିଁ। ତେବେ ସେ ଏଥିରେ ସଫଳ ହେଉଛି ତ ? ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ଫିଲ୍ମ 'କାଙ୍ଗୁଲା–ମା କାଳୀର ଦଣ୍ଡ ନାଚ'। ଆଉ ଏଥିରେ ପୂର୍ଣ୍ଣିମା ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ସୂର୍ଯ୍ୟମୟୀ ମହାପାତ୍ର। ଖାସ୍ କଥା ହେଲା, ଏହାର ପ୍ରଯୋଜନା କରିବା ସହ ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସମ୍ବିତ ଆଚାର୍ଯ୍ୟ। ଏହି ଫିଲ୍ମର ଅନ୍ୟତମ ପ୍ରଯୋଜକ ହେଉଛନ୍ତି ଶୁଭେନ୍ଦୁ କୁମାର ମଲ୍ଲ (ଲିଟୁ)। ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ଅଶ୍ୱିନୀ ତ୍ରିପାଠୀ।



'କାଙ୍ଗୁଲା' ଫିଲ୍ମରେ ସୂର୍ଯ୍ୟମୟୀ

# ପୂରଣ ହେଲା ଆଶା



'ମିଡ୍ ନାଇଟ୍' ଫିଲ୍ମରେ ସିମ୍ମି

ତାଙ୍କର ବାପା ଥିଏଟର ଜଗତ ସହ ଜଡିତ। ଆଉ ଏବେ ତାଙ୍କ ଅଭିନୀତ ଦୁଇଟି ସିନେମା– 'ମିଡ୍‌ନାଇଟ୍' ଏବଂ 'ପରୀ' ରିଲିଜ ହୋଇଛି। ସେ ହେଲେ ସିମ୍ମି ଶର୍ମା ଖଟର। ହେଲେ ଏଭଳି ଅଫର ପାଇବାର ଶ୍ରେୟ ସେ ମିଡ୍‌ନାଇଟ୍'ର ପ୍ରଯୋଜକ–ନିର୍ଦ୍ଦେଶକ–ଅଭିନେତା ମନୁ ଦ୍ୱିବେଦୀ ଏବଂ ଉପରୋକ୍ତ ଫିଲ୍ମଦ୍ୱୟର ସଂଳାପକାର ଡ. ରଜନୀ ରଞ୍ଜନଙ୍କୁ ଦିଅନ୍ତି। ଏ ବିଷୟରେ ସିମ୍ମି କହନ୍ତି, ''ମୋତେ 'ପରୀ' ଏବଂ 'ମିଡ୍‌ନାଇଟ୍'ରେ ଆକ୍ଟିଂ କରିବାକୁ ଯେତେବେଳେ ଅଫର ମିଳିଲା ସେତେବେଳେ ତାକୁ ଗ୍ରହଣ କରିଥିଲି। ଏଥିରେ ଯେଉଁ ଭୂମିକା ମିଳିଛି ତାହାକୁ ଠିକ୍ ଭାବରେ ତୁଲାଇଛି। ଫିଲ୍ମଦ୍ୱୟ ରିଲିଜ ହେବା ପରେ ମୋର କେତେଜଣ ସାଙ୍ଗ ମୋତେ ଅଭିନନ୍ଦନ ଜଣାଇଛନ୍ତି। ବିଶେଷଭାବରେ ମନୁ ସାର୍ ଏବଂ ରଜନୀ ସାର୍‌ଙ୍କ ପାଇଁ ଆଜି ମୋର ବହୁ ଦିନର ସ୍ୱପ୍ନ ସଫଳ ହୋଇଛି।'' ଅବସର ସମୟରେ ଲେଖାଲେଖି ଏବଂ ଗୀତ ଶୁଣିବାକୁ ଭଲ ପାଆନ୍ତି ସେ। ପେସାରେ କର୍ମଜୀବୀ ହୋଇଥିଲେ ମଧ୍ୟ ସମାଜସେବା ପ୍ରତି ରୁଚି ରଖନ୍ତି ସିମ୍ମି।

# ଭବାନୀପାଟଣା ସହରରେ ଫୁଟିଲା ଗୁଳି

## ଠିକାଦାରଙ୍କୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ କୋର୍ଟ ଚାଲାଣ

ଭବାନୀପାଟଣା,୧୮।୨
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରରୁ ବୁଧବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ଠିକାଦାରଙ୍କୁ ଟଙ୍କା ମାଗିବା ସହ ଜୀବନରୁ ମାରିଦେବାକୁ ଧମକଦେଇ ମୁଣ୍ଡରେ ପିସ୍ତଲ ଲଗାଇଥିଲେ ଦୁର୍ବୃତ୍ତ। ହେଲେ ସେଠାରେ ଥିବା ଜଣେ ଯୁବକ ଦୁର୍ବୃତ୍ତଙ୍କ ହାତ ଉଠାଇଦେବାରୁ ପିସ୍ତଲରୁ ଗୁଳି ବ୍ଲାଙ୍କ୍ ଫାୟାର ହୋଇଯାଇଥିଲା। ଫଳରେ ଅଳ୍ପକେ ବର୍ତ୍ତିଯାଇଥିଲେ ଠିକାଦାର। ଏହାକୁ ନେଇ ଠିକାଦାର ମନ୍ଦାର ବଗିଚାପଡ଼ାର ପ୍ରଦୀପ ନିଆଲ (୨୬) ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୬୪/୨୬) ରୁଜୁକରି ଘଟଣାରେ ସମ୍ପୃକ୍ତ ଭବାନୀପାଟଣା ସହର ଅରକାବାହାଲି ପଡ଼ାର ଝସ ଓରଫ ଯଶୋବନ୍ତ ନାଏକ (୪୦)ଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ୨ଟି ଦେଶୀ ପିସ୍ତଲ, ୪ ଜୀବନ୍ତ ଗୁଳି, ଗୋଟିଏ ମୋବାଇଲ ଫୋନ ଓ ସ୍କୁଟି ଜବତ କରାଯାଇଛି। ଏ ନେଇ ଭବାନୀପାଟଣାସ୍ଥିତ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ନାଗରାଜ ଦେବରକୋଣ୍ଡା ସୂଚନା ଦେଇଛନ୍ତି। ଏଥିସହ ଏସ୍‌ପି କହିଛନ୍ତି, ମଙ୍ଗଳବାର ରାତି ୧୧ଟାରେ ସହରର ଦୟାନିଧି ଛକଠାରେ ଠିକାଦାର ପ୍ରଦୀପ ଟେଣ୍ଡର କାର୍ଯ୍ୟ ପାଇ ଜେସିବି ସାହାଯ୍ୟରେ ମାଟି ଖୋଳୁଥିବାବେଳେ ଯଶୋବନ୍ତ ଘଟଣାସ୍ଥଳରେ ପହଞ୍ଚି ଏହି କାମକୁ ମୋ ବ୍ୟତୀତ କେହି କରିପାରିବେନାହିଁ ବୋଲି ତାଙ୍କୁ ଧମକ ଦେଇଥିଲେ। ଏହାସହ ତାଙ୍କୁ ଟଙ୍କା ମଧ୍ୟ ମାଗିଥିଲେ। ଏହି ସମୟରେ ଠିକାଦାର ପ୍ରଦୀପଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ମାରିଦେବାକୁ ଉଦ୍ୟମ କରୁଥିବାବେଳେ ହଠାତ୍ ସେଠାରେ ଥିବା ଜଣେ ଯୁବକ ଯଶୋବନ୍ତଙ୍କ ହାତକୁ ଉପରକୁ ଉଠାଇଦେଇଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ ଟାଉନ ଥାନା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର ଉପସ୍ଥିତ ଥିଲେ।




ଜବତ ପିସ୍ତଲ । କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# ଉଧାର ଟଙ୍କା ମାଗିବାରୁ ତୁଷାରଙ୍କୁ କରାଯାଇଥିଲା ହତ୍ୟା



ଗିରଫ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ଆଣି ପୋଲିସ ସିନ୍ ରିକ୍ରିଏଶନ କରୁଛି।

ଛେଣ୍ଡିପଦା,୧୮।୨ (ଅଜିତ ଧଳ)

ଅନୁଗୋଳ ଜିଲା ବାଗଡିଆ ଥାନା ଦେଇ ଯାଇଥିବା ୧୫୩ନଂ. ଜାତୀୟ ରାଜପଥର ଭେଜିଡିହ ଗାଁ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଜେଲ ଫେରନ୍ତା ଯୁବକ ତୁଷାରକାନ୍ତ ଦେହୁରୀଙ୍କ ହତ୍ୟାଘଟଣା ଉପରୁ ପୋଲିସ ବୁଧବାର ପରଦା ହଟାଇବା ସହିତ ଅଭିଯୁକ୍ତ ଭେଜିଡିହ ଗ୍ରାମର ଲୋକନାଥ ସାହୁଙ୍କୁ ଗିରଫ କରିଛି। ଏଥିସହ ଘଟଣାର ସିନ୍ ରିକ୍ରିଏଶନ କରିଛି । ପୋଲିସର ସୂଚନା ଅନୁଯାୟୀ, ଗତ ୧୩ ତାରିଖ ରାତି ୮ଟାରେ ବାଗଡିଆ ଗ୍ରାମର ତୁଷାରକାନ୍ତଙ୍କୁ କେହି ହତ୍ୟାକରି ଫେରାର ହୋଇଯାଇଥିଲେ। ଏ ନେଇ ବାଗଡିଆ ପୋଲିସ ନଂ. ୩୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୋଲିସ ମୃତକଙ୍କ ମୋବାଇଲରୁ ଘଟଣା ସମ୍ପର୍କରେ କିଛି ପ୍ରମାଣ ପାଇବା ପରେ ଅଭିଯୁକ୍ତ ଲୋକନାଥଙ୍କୁ ଭୁବନେଶ୍ୱରରୁ ଗିରଫ କରିବା ସହ ଘଟଣାସ୍ଥଳକୁ ଆଣି ସିନ୍ ରିକ୍ରିଏଶନ କରିଥିଲା। ଲୋକନାଥ ଜେଲରେ ଥିବାବେଳେ ତୁଷାରଙ୍କ ଠାରୁ ୪୬ହଜାର ଟଙ୍କା ଧାର କରିଥିଲେ। ଜେଲରୁ ଉଭୟ ବାହାରିବା ପରେ ଏହି ଉଧାର ଟଙ୍କାକୁ ନେଇ ଅନେକ ଥର ଝଗଡ଼ା ହୋଇଥିଲା। ସେହି ଟଙ୍କା ମାଗିବା ପାଇଁ ତୁଷାର ଗତ ଶୁକ୍ରବାର ଭେଜିଡିହ ଗାଁକୁ ଆସି ଲୋକନାଥ ଓ ତାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଲୋକନାଥ ତୁଷାରଙ୍କୁ ଭୁଜାଲିରେ ହାଣି ହତ୍ୟାକରି ଫେରାର ହୋଇଯାଇଥିଲେ। ଆଉଁଳି ନଦୀରେ ଭୁଜାଲି ଓ ରକ୍ତ ଭିଜା କପଡା ଲୁଚାଇ ଦେଇଥିଲେ। ପୋଲିସ ହତ୍ୟାରେ ବ୍ୟବହୃତ ଭୁଜାଲି, ରକ୍ତଭିଜା କପଡା ଓ ଏକ ବୁଲେଟକୁ ଜବତ ପରେ ଲୋକନାଥଙ୍କୁ କୋର୍ଟ ଚାଲାଣ କରିଛି।

# ବିଜ୍‌ନେସ୍ ଆକାଉଣ୍ଟ ଖୋଲି ୬୨ ଲକ୍ଷ ଠକେଇ, ଜଣେ ଗିରଫ

ଛେଣ୍ଡିପଦା,୧୮।୨
(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ମାମୁରିଆ ଗ୍ରାମ ପୁରୁଣାସାହିର ଶିପୁନ ସାହୁ(୨୭) ବିଜନେସ ଆକାଉଣ୍ଟ ମାଧ୍ୟମରେ ୬୨ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିବା ବେଳେ ପୋଲିସ ତାଙ୍କୁ ବୁଧବାର ଗିରଫ କରିଛି। ପୋଲିସର ସୂଚନା ଅନୁଯାୟୀ, କ୍ରାଇମବ୍ରାଞ୍ଚର ଚିଠି ଅନୁଯାୟୀ ଛେଣ୍ଡିପଦା ପୋଲିସ ଏକ ଠକେଇ ଘଟଣାର ତଦନ୍ତ କରିଥିଲା। ଅଭିଯୁକ୍ତ ଶିପୁନ ବିଜିନେସ ଆକାଉଣ୍ଟ ଖୋଲି ୪ ଥରରେ ୬୨ ଲକ୍ଷ ଟଙ୍କା ଠକେଇ କରିଥିବା ଜାଣିବାକୁ ପାଇଥିଲା। ଶିପୁନ ଛେଣ୍ଡିପଦାସ୍ଥିତ ଏକ ବ୍ୟାଙ୍କରେ ମା' ରୁଦ୍ରାଣୀ ମ୍ୟୁଜିକାଲ ଷ୍ଟୁଡିଓ ନାଁରେ ବିଜିନେସ ଆକାଉଣ୍ଟ ଖୋଲି ଅନେକ ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ବିପୁଳ ପରିମାଣର ଅର୍ଥ ଆଦାୟ କରିଥିଲେ। ଏଭଳି ବେଆଇନ ଆର୍ଥିକ କାରବାର କଟକ କ୍ରାଇମବ୍ରାଞ୍ଚ ନଜରକୁ ଆସିଥିଲା। ଏ ନେଇ କ୍ରାଇମବାଞ୍ଚ ପକ୍ଷରୁ ଘଟଣାର ଖୋଳତାଡ଼ ପାଇଁ ଚିଠି କରାଯାଇଥିଲା। ସ୍ଥାନୀୟ ପୋଲିସ ତଦନ୍ତ କରିବା ପରେ ମାମୁରିଆ ଗାଁରେ ଚଢ଼ାଉ କରି ଶିପୁନଙ୍କୁ ଗିରଫ କରିଥିଲା। ଘଟଣାରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।

**ନାବାଳିକା ଛାତ୍ରୀ ଅପହରଣ ଓ ବଳାତ୍କାର ମାମଲା**

# ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

## ପୀଡ଼ିତାଙ୍କୁ ୩ଲକ୍ଷ ସହାୟତା ନିର୍ଦ୍ଦେଶ

ବ୍ରହ୍ମପୁର, ୧୮।୨
(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ୍ ପ୍ରଣତି ପଟ୍ଟନାୟକ ବୁଧବାର ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ନୂଆପଲ୍ଲୀ ଗ୍ରାମର ପ୍ରଦୀପ ନାଏକ ଓରଫ ତୁସା(୨୮)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆବଶ୍ୟକ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ତୁସାଙ୍କୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଉକ୍ତ ଟଙ୍କା ପୀଡିତାଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୩ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ କୋର୍ଟ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଗାଙ୍ଗପୁର ଥାନା ଅଞ୍ଚଳରେ ରହୁଥିବା ଜଣେ ୮ମ ଶ୍ରେଣୀର ନାବାଳିକା ଛାତ୍ରୀ ୨୦୨୨ ମେ ୩୦ ତାରିଖରେ ହଠାତ୍ ନିଖୋଜ ହୋଇ ଯାଇଥିଲେ। ଏ ନେଇ ପରିବାରବର୍ଗ ନାବାଳିକାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଜୁନ ୧ତାରିଖ ସକାଳେ ଜଣେ ଯୁବକ ନାବାଳିକାଙ୍କ ପରିବାରବର୍ଗଙ୍କୁ ଫୋନ କରି ନାବାଳିକାଙ୍କୁ ଭୁବନେଶ୍ୱରରେ ରଖିଥିବା ନେଇ କହିଥିଲେ। ଏନେଇ ପରିବାର ଲୋକେ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାକୁ ଭିତ୍ତି କରି ନଂ. ୨୧୪/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ମୋବାଇଲ ଫୋନ ଟ୍ରାକ କରି ଅଭିଯୁକ୍ତ ପ୍ରଦୀପଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଉଦ୍ଧାର ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ନାବାଳିକା ଜଣକ ସେତେବେଳେ ଅଭିଯୁକ୍ତ ପ୍ରଦୀପ ତାଙ୍କୁ ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିଥିବା ଜଣାଇଥିଲେ। ସେବେଠାରୁ ଉକ୍ତ ମାମଲା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ବିଚାରାଧୀନ ଥିଲା। ୧୨ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ପ୍ରମାଣକୁ ଗ୍ରହଣ କରି ବିଚାରପତି ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ଜମିବାଡ଼ି ଭାଗବଣ୍ଟାକୁ ନେଇ ମାରପିଟ

ସନ୍ତ୍ରୀଛକ,୧୮।୨(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ଥାନା ବାଦୁଡ଼ି ସାହିରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ୨ ପରିବାର ମଧ୍ୟରେ ମାରପିଟ ହୋଇଥିବା ନେଇ ଉଭୟ ପରିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବିଘ୍ନେଶ୍ୱର ଦାସ, ଧନେଶ୍ୱର ଦାସ, କାଇଁତା ଦାସ, କରୁଣାକର ଦାସ ମିଶି ଟଣାଓଟରା କରି ମାଡ଼ ମାରିଥିବା ରୁନୁ ଦାଶ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ପୋଲିସ ନଂ. ୮୫/୨୬ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି। ସେହିପରି ମାର୍କଣ୍ଡ ଦାସ, ରୁନୁ ଦାସ ଓ କାହ୍ନା ଦାସ ମିଶି କରୁଣାକର ଦାସଙ୍କୁ ମାରପିଟ ସହ ଧମକ ଦେଇଥିବା କରୁଣାକର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୮୬/୨୬ରେ ଏକା ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## Business

# ଏଆଇ ଦାୟିତ୍ୱବୋଧ ସଂକଳ୍ପରେ ଭାରତର ବିଶ୍ୱ ରେକର୍ଡ

**୨,୫୦,୯୪୬ ବୈଧ ଶପଥ ଗ୍ରହଣ**

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)

ଦାୟିତ୍ୱପୂର୍ଣ୍ଣ ଭାବେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)କୁ ବ୍ୟବହାରକରିବା ପାଇଁ ଭାରତ ସଂକଳ୍ପ ନେଇଛି। ଏହା କୌଣସି ସାଧାରଣ ଘଟଣା ନୁହେଁ ବରଂ ସାରା ବିଶ୍ୱରେ ଏଥିଲାଗି ଭାରତ ଏକ କୀର୍ତ୍ତିମାନ ସ୍ଥାପନ କରିଛି। ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମରେ ଚାଲିଥିବା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬'ରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତି, ୨୪ ଘଣ୍ଟା ମଧ୍ୟରେ ଏକ ଏଆଇ ଦାୟିତ୍ୱବୋଧ ଅଭିଯାନ ପାଇଁ ସର୍ବାଧିକ ଶପଥ ଗ୍ରହଣ କ୍ଷେତ୍ରରେ ଭାରତ ସଫଳତାର ସହ ଗିନିଜ ୱାର୍ଲ୍ଡ ରେକର୍ଡ ଟାଇଟଲ ହାସଲ କରିଛି।



ଅଶ୍ୱିନୀ ବୈଷ୍ଣବ

ଫେବୃଆରୀ ୧୬ ଓ ୧୭ ମଧ୍ୟରେ ଏହି ୨୪ ଘଣ୍ଟା ମଧ୍ୟରେ ମୋଟ ୨,୫୦,୯୪୬ଟି ବୈଧ ଶପଥ ଗ୍ରହଣ କରାଯାଇଛି। ଏହି ସମୟରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସଚିବ ଏସ୍. କୃଷ୍ଣନ, ଇଣ୍ଡିଆ ଏଆଇ ମିଶନର ସିଇଓ ତଥା ଏନ୍‌ଆଇସିର ମହାନିର୍ଦ୍ଦେଶକ ଅଭିଷେକ ସିଂ, ଇଣ୍ଡିଆ ଏଆଇର ସିଓଓ କବିତା ଭାଟିଆ, ଇଣ୍ଟେଲର ସେଣ୍ଟ୍ରାଲ ଇଞ୍ଜିନିୟରିଂ ଗ୍ରୁପ୍‌ର ଏସ୍‌ଭିପି ତଥା ଜିଏମ୍ ଶ୍ରୀନିବାସନ ଆୟଙ୍ଗର ପ୍ରମୁଖ ଉପସ୍ଥିତ ଥିଲେ। ଗିନିଜ ୱାର୍ଲ୍ଡ ରେକର୍ଡ୍ସର ବିଚାରକ ପ୍ରବୀଣ ପଟେଲ ଏହି ସଫଳତାର ଆଧିକାରିକ ଯାଞ୍ଚ କରିଥିଲେ। ଫେବୃଆରୀ ୧୬ରେ ଇଣ୍ଟେଲ ଇଣ୍ଡିଆ ସହଯୋଗରେ ଇଣ୍ଡିଆ ଏଆଇ ମିଶନ ଅଧୀନରେ ଏହି ଉଦ୍ୟମ ଆରମ୍ଭ ହୋଇଥିଲା। ଏହି ଦେଶବ୍ୟାପୀ ଏଆଇ ଦାୟିତ୍ୱବୋଧ ଶପଥ ଅଭିଯାନ ପାଇଁ ଏକ ଉତ୍ସର୍ଗୀକୃତ ପୋର୍ଟାଲ ai-pledge.indiaai.gov.in ବ୍ୟବହାର କରାଯାଇଥିଲା। ଏହା ମାଧ୍ୟମରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ନୈତିକ, ଅନ୍ତର୍ଭୁକ୍ତୀକରଣ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ପାଇଁ ପ୍ରତିବଦ୍ଧ ହେବାକୁ ଦେଶର ନାଗରିକମାନଙ୍କୁ ଏକତ୍ରିତ କରିବାକୁ ଉଦ୍ୟମ କରାଯାଇଥିଲା। ଏହି ପଦକ୍ଷେପ ସିଦ୍ଧାନ୍ତ ଆଧାରିତ ପ୍ରଶ୍ନ ମାଧ୍ୟମରେ ଡାଟା ଗୋପନୀୟତା, ଉତ୍ତରଦାୟିତ୍ୱ, ସ୍ୱଚ୍ଛତା ଏବଂ ଭୁଲ୍ ସୂଚନା ବିରୋଧରେ ଲଢ଼େଇ ଭଳି ପ୍ରମୁଖ ନୀତିଗୁଡ଼ିକ ଉପରେ ଚିନ୍ତା କରିବାକୁ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲା। ଏହି ସଂକଳ୍ପ ଦ୍ୱାରା ଏକ ବିଶ୍ୱାସଯୋଗ୍ୟ ଏବଂ ମାନବ-କୈନ୍ଦ୍ରିକ ଏଆଇ ବାତାବରଣ ଗଠନ ପାଇଁ ଭାରତର ସଂକଳ୍ପ ସୁଦୃଢ଼ ହୋଇଛି। ଶପଥ ପୂରଣ କରିଥିବା ଅଂଶଗ୍ରହଣକାରୀମାନଙ୍କୁ ଏକ ଡିଜିଟାଲ ବ୍ୟାଜ୍ ଏବଂ ଏଆଇ ଶିକ୍ଷା ପାଇଁ ସୁବିଧା ପ୍ରଦାନ କରାଯାଇଛି। ଏହି ଶପଥ ନେଇଥିବା ୨,୫୦,୦୦୦ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ୱତନ୍ତ୍ର କରତାଳି ପାଇଁ ସେ ଉପସ୍ଥିତ ଜନତାଙ୍କୁ ଅନୁରୋଧ କରିଥିଲେ। 'ଦେଶ ପାଇଁ ଏହା ପ୍ରକୃତରେ ଏକ ଗର୍ବର ଦିନ। ରାଷ୍ଟ୍ର ଏହିଦିଗରେ ଆଗକୁ ବଢ଼ିବା ଉଚିତ' - ଏପରି ଏକ ଭବିଷ୍ୟତ ଯେଉଁଠାରେ ଏଆଇକୁ ଦାୟିତ୍ୱବୋଧର ସହ ଆପଣାଯିବ ବୋଲି ସେ କହିଛନ୍ତି। ପ୍ରାରମ୍ଭିକ ଭାବେ ଏଥିଲାଗି ମାତ୍ର ୫,୦୦୦ ଶପଥ ପାଇଁ ଲକ୍ଷ୍ୟ ରଖାଯାଇଥିଲା।

# ଓଡ଼ିଶାରେ ୩୮.୭୪ ଲକ୍ଷଙ୍କୁ ପ୍ରଭାବିତ କରିଛି ଏଚ୍‌ଡିଏଫ୍‌ସି 'ପରିବର୍ତ୍ତନ'

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)

ଭାରତର ସର୍ବବୃହତ୍ ଘରୋଇ କ୍ଷେତ୍ର ବ୍ୟାଙ୍କ ଏଚ୍‌ଡିଏଫ୍‌ସି ତାହାର ସିଏସ୍‌ଆର୍ ଶାଖା 'ପରିବର୍ତ୍ତନ' ଜରିଆରେ ଓଡ଼ିଶାରେ ୩୮.୭୪ଲକ୍ଷରୁ ଅଧିକ ଜୀବନ ଉପରେ ସକାରାତ୍ମକ ପ୍ରଭାବ ପକାଇଛି। ରାଜ୍ୟରେ ବ୍ୟାଙ୍କ ୨୦୧୭ରୁ ସକ୍ରିୟ ରହିଛି ଏବଂ ଓଡ଼ିଶାର ୭ଟି ଆକାଂକ୍ଷୀ ଜିଲା ଏବଂ ୬ଟି ଆକାଂକ୍ଷୀ ବ୍ଲକ୍ ସମେତ ୨୨ଟି ଜିଲାରେ ଏହା ସେବା ଯୋଗାଉଛି । ଏଚ୍‌ଡିଏଫ୍‌ସି ବ୍ୟାଙ୍କର ସିଏସ୍‌ଆର୍ ମୁଖ୍ୟ ନୁସ୍‌ରତ ପଠାନ ଏହି ସୂଚନା ଦେଇଛନ୍ତି। ବୁଧବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନୁସ୍‌ରତ କହିଛନ୍ତି, ଓଡ଼ିଶାରେ ଗ୍ରାମାଞ୍ଚଳ ବିକାଶ, ଶିକ୍ଷାକୁ ପ୍ରୋତ୍ସାହନ ଏବଂ ଦକ୍ଷତା ତାଲିମ ଓ ଜୀବିକା ପରିବର୍ତ୍ତନ ସର୍ବାଧିକ ପ୍ରଭାବ ପକାଇଛି । ବ୍ୟାଙ୍କ ଓଡ଼ିଶାର ବଲାଙ୍ଗୀର, ଢେଙ୍କାନାଳ, କନ୍ଧମାଳ,କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର ଏବଂ ରାୟଗଡ଼ା ଆଦି ୭ଟି ଆକାଂକ୍ଷୀ ଜିଲାରେ ସଫଳତାର ସହ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରିଛି। ଅଗ୍ରଣୀ ସାମଗ୍ରିକ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଉପରୋକ୍ତ ସମସ୍ତ ୬ଟି ଅଗ୍ରାଧିକାର କ୍ଷେତ୍ରରେ ସମନ୍ୱିତ ପ୍ରୟାସ ଉପରେ ଦୃଷ୍ଟିନିବଦ୍ଧ କରୁଥିବାବେଳେ ତାହା ବଲାଙ୍ଗୀର, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ପୁରୀ ଓ ରାୟଗଡ଼ା ସମେତ ଜିଲାଗୁଡିକର ୨୩୦ରୁ ଅଧିକ ଗ୍ରାମରେ ସକାରାତ୍ମକ ପ୍ରଭାବ ପକାଇଛି । ନୁସ୍‌ରତ ଆହୁରି କହିଛନ୍ତି, ବ୍ୟାଙ୍କ ଭାରତରେ ୨୦୨୫ ମାର୍ଚ୍ଚ ସୁଦ୍ଧା ଶେଷ ହୋଇଥିବା ଆର୍ଥିକ ବର୍ଷରେ ଅନ୍ୟତମ ଶୀର୍ଷ ସିଏସ୍‌ଆର୍ ବ୍ୟୟକାରୀ ରହିଥିଲା। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ବ୍ୟାଙ୍କ ରାଷ୍ଟ୍ରବ୍ୟାପୀ ସିଏସ୍‌ଆର୍ ପ୍ରୟାସଗୁଡ଼ିକରେ ୧୦୬୮ କୋଟି ଟଙ୍କା ବ୍ୟୟ କରିଛି । ଏହା ସମଗ୍ର ଦେଶରେ ୧୦.୫୬ କୋଟି ଲୋକ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି। ଓଡ଼ିଶାରେ ୭୩,୬୧୦ରୁ ଅଧିକ କୃଷକଙ୍କୁ ପରିବେଶ ଅନୁକୂଳ କାର୍ଯ୍ୟାଭାସରେ ତାଲିମ ଦିଆଯାଉଛି। ଶିକ୍ଷାକ୍ଷେତ୍ରକୁ ପ୍ରୋତ୍ସାହନ ପାଇଁ ୧୨୦ରୁ ଅଧିକ ସ୍କୁଲରେ ଡିଜିଟାଲ କ୍ଲାସ୍‌ରୁମ୍ ଓ ଆଧୁନିକ ଶିକ୍ଷାବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ୩୦ ହଜାରରୁ ଅଧିକ ବିଦ୍ୟାର୍ଥୀ ଉପକୃତ ହେଉଛନ୍ତି। ଆର୍ଥିକ ଅନଗ୍ରସର ୬୪୭ ଛାତ୍ରୀଛାତ୍ରଙ୍କୁ ଇସିଏସ୍‌ଏସ୍ ବୃତ୍ତି କାର୍ଯ୍ୟକ୍ରମ ଅଧୀନରେ ବୃତ୍ତି ପ୍ରଦାନ କରାଯାଇଛି। ୧୨୨ରୁ ଅଧିକ ଗ୍ରାମରେ ସ୍ୱାସ୍ଥ୍ୟସେବା ଓ ମୌଳିକ ଭିତ୍ତିଭୂମିର ସୁଯୋଗ ଯୋଗାଇଦିଆଯାଇଛି। ୧୫,୩୪୫ରୁ ଅଧିକ ଲୋକଙ୍କୁ ଉଦ୍ୟୋଗ ପାଇଁ ସମର୍ଥନ କରାଯାଇଛି। ୪ଟି ଜିଲାରେ ପ୍ରୋଜେକ୍ଟ ସ୍ତ୍ରୀ ମାଧ୍ୟମରେ ମହିଳା ସଶକ୍ତୀକରଣ କରାଯାଉଛି। ଷ୍ଟାର୍ଟଅପ୍ ପରିସଂସ୍ଥାନକୁ ମଧ୍ୟ ସମର୍ଥନ ଦିଆଯାଉଛି।




ନୁସ୍‌ରତ ପଠାନ

# ଉତ୍ତରାଖଣ୍ଡରେ ସୌର ଶକ୍ତି କ୍ଷମତା ୧ ଗିଗାୱାଟ୍‌କୁ ବୃଦ୍ଧି

ଭୁବନେଶ୍ୱର,୧୮।୨

ଉତ୍ତରାଖଣ୍ଡରେ ସ୍ଥାପିତ ସୌର ଶକ୍ତି କ୍ଷମତା ୧ ଗିଗାୱାଟ୍ (୧୦୦୦ ମେଗାୱାଟ)କୁ ଅତିକ୍ରମ କରିଛି। ରାଜ୍ୟର ମୋଟ ସ୍ଥାପିତ ସୌର କ୍ଷମତା ପ୍ରାୟ ୧୦୨୭.୮୭ ମେଗାୱାଟ୍ ପର୍ଯ୍ୟନ୍ତ ପହଞ୍ଚିଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି , କେନ୍ଦ୍ର ସରକାରଙ୍କ ଯୋଜନା ଓ ରାଜ୍ୟର ସକ୍ରିୟ ଉଦ୍ୟମର ସମନ୍ୱୟରେ ହଜାର ହଜାର ଯୁବକ ଓ ସ୍ଥାନୀୟ ଉଦ୍ୟମୀମାନେ ନୂତନ ସ୍ୱୟଂ ନିଯୁକ୍ତିର ସୁଯୋଗ ପାଇଛନ୍ତି। ରାଜ୍ୟର ମୋଟ ସ୍ଥାପିତ ସୌର କ୍ଷମତାରେ ପ୍ରାୟ ୩୯୭ ମେଗାୱାଟ ଭୂମି-ଆଧାରିତ ପ୍ରକଳ୍ପରୁ, ୨୪୧ ମେଗାୱାଟ ଛତ ସୌର (ପିଏମ୍ ସୂର୍ଯ୍ୟଘର), ୧୩୭ ମେଗାୱାଟ ମୁଖ୍ୟମନ୍ତ୍ରୀ ସୌର ସ୍ୱୟଂ ନିଯୁକ୍ତି ଯୋଜନା ଅଧୀନରେ, ୧୧୦ ମେଗାୱାଟ ବାଣିଜ୍ୟିକ ନେଟ୍ ମିଟରିଂରୁ, ୫୧ ମେଗାୱାଟ କ୍ୟାପ୍‌ଟିଭ ସୌର ପ୍ଲାଣ୍ଟରୁ, ୩୭ ମେଗାୱାଟ କେନାଲ-ଟପ୍ ଓ କେନାଲ-ବ୍ୟାଙ୍କ ପ୍ରକଳ୍ପରୁ ଏବଂ ୨୬ ମେଗାୱାଟ୍ ସରକାରୀ ଭବନରେ ସ୍ଥାପିତ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ସୌର ସ୍ୱୟଂ ନିଯୁକ୍ତି ଯୋଜନା ଅଧୀନରେ ୧୦୦ ମେଗାୱାଟ୍‌ରୁ ଅଧିକ, କ୍ୟାପ୍‌ଟିଭ ସୌରରେ ୩୦ ମେଗାୱାଟ ଏବଂ ସରକାରୀ ଭବନରେ ୧୩.୫ ମେଗାୱାଟ ସ୍ଥାପନ ଚାଲିଛି। ଏହି ଐତିହାସିକ ଉପଲବ୍ଧିରେ ଉତ୍ତରାଖଣ୍ଡ ନବୀକରଣଯୋଗ୍ୟ ଉର୍ଜା ବିକାଶ ଏଜେନ୍ସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଏଜେନ୍ସି ରାଜ୍ୟବ୍ୟାପୀ ସୌର ପ୍ରକଳ୍ପ କାର୍ଯ୍ୟକାରୀ କରିବା, ଜନସଚେତନତା ବଢ଼ାଇବା, ଟେକ୍ନିକାଲ ପରାମର୍ଶ ପ୍ରଦାନ ଓ ବିଭିନ୍ନ ସରକାରୀ ଯୋଜନାର ଫଳପ୍ରଦ କାର୍ଯ୍ୟକାରିତା ନିଶ୍ଚିତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଦୂରଗାମ୍ୟ ଓ ପାର୍ବତ୍ୟ ଅଞ୍ଚଳରେ ସୌର ସମାଧାନ ପହଞ୍ଚାଇବାରେ ଅବ୍ୟାହତ ପ୍ରୟାସ ଏହି ମାଇଲଖୁଣ୍ଟ ହାସଲରେ ସହାୟକ ହୋଇଛି।

# ନିସାନର ନୂଆ ଗ୍ରାଭିଟେର ବଜାର ପ୍ରବେଶ

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)

ନିସାନ ମୋଟର ଇଣ୍ଡିଆ ପକ୍ଷରୁ ୫.୬୫ ଲକ୍ଷ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଅଲ୍-ନ୍ୟୁ ନିସାନ ଗ୍ରାଭିଟେର ବଜାର ପ୍ରବେଶ କରାଯାଇଛି। ଏକ ବୋଲ୍ଡ ଓ ଗେମ୍ ଚେଞ୍ଜିଂ ୭ ସିଟ୍‌ର ଏମ୍‌ପିଭି ଭାବେ ନୂଆ ଗ୍ରାଭିଟେ ନିସାନ ଇଣ୍ଡିଆର ଯାତ୍ରାରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛି। ଗ୍ରାଭିଟେ ହେଉଛି ଏକ ପୃଥକ ହୁଡ୍ ବ୍ରାଣ୍ଡିଂ ସହ ସ୍ୱତନ୍ତ୍ର ରିୟର-ଡୋର ବ୍ୟାଜିଙ୍ଗ ଥିବା ନିଜ ବର୍ଗର ଏକମାତ୍ର ଯାନ। ଏହାର ଫ୍ରଣ୍ଟ ଓ ରିୟରରେ ଥିବା ନିସାନର ସିଗ୍ନେଚର ସି-ସେପ୍‌ଡ ଡିଜାଇନ ଦେଖିବାକୁ ମିଳିଛି। ଏହାର ଏକ୍ସଟେରିୟରରେ ଅଲ୍-ରାଉଣ୍ଡ ଏଲ୍‌ଇଡି ଟ୍ରିମ୍‌ମେଣ୍ଟ, ସିଗ୍ନେଚର ଏଲ୍‌ଇଡି ହେଡ୍‌ଲ୍ୟାମ୍ପ ସହ ଇଣ୍ଟିଗ୍ରେଟେଡ୍ ଡିଆର୍‌ଏଲ୍, କ୍ରିଷ୍ଟାଲ ଏଜ୍ ଏଲଇଡି ଟେଲ ଲ୍ୟାମ୍ପ, ଏଲ୍‌ଇଡି ଫଗ୍ ଲ୍ୟାମ୍ପ, ସ୍ୱତନ୍ତ୍ର ପିଆନୋ ବ୍ଲାକ୍ ୨ଡି ଗ୍ରିଲ, ଫଙ୍କସନାଲ ରୁଫ୍ ରେଲ୍, ୱାଇଡ-ଓପନିଂ ଡୋର୍ ରହିଛି। ଏଥିରେ ୫-ସିଟର କନଫିଗ୍ୟୁରେଶନରେ ୬୨୫ ଲିଟରର ଲଗେଜ କ୍ଷମତା ରହିଛି। ଏହା ଲୋୟର କୁଲ୍‌ଡ ଗ୍ଲୋଭ ବକ୍ସ, ଅପର ଗ୍ଲୋଭ ବକ୍ସ, କୁଲ୍‌ଡ ସେଣ୍ଟର କନ୍‌ସୋଲ ଷ୍ଟୋରେଜ, ଏକାଧିକ କମ୍ପାର୍ଟମେଣ୍ଟ ଦେଉଛି। ନିସାନ ଓ ଇନ୍‌ଫିନିଟିର ମିଡିଲ ଇଷ୍ଟ, କେଏସଏ, ସିଆଇଏସ ଓ ଇଣ୍ଡିଆର ବିଭାଗୀୟ ଉପାଧ୍ୟକ୍ଷ ଓ ଅଧ୍ୟକ୍ଷ ଥିଏରୀ ସାବାଘ କହିଛନ୍ତି, ଚେନ୍ନାଇରେ କମ୍ପାନୀର ସହଯୋଗୀ ପାର୍ଟନର ଫ୍ୟାସିଲିଟିରେ ସ୍ଥାନୀୟ ଉତ୍ପାଦନ ଏବଂ ଏକ ଭବିଷ୍ୟତ-ପ୍ରସ୍ତୁତ ପ୍ରଡକ୍ଟ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛୁ। ନିସାନ ମୋଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୌରବ ବତ୍ସା କହିଛନ୍ତି, ଏଥିରେ ଫ୍ଲୋଟିଂ ୨୦.୩୨ ସିଏମ ଇନ୍‌ଫୋଟେନମେଣ୍ଟ ସହ ୱାୟାରଲେସ ଆଣ୍ଡ୍ରଏଡ ଅଟୋ ଓ ଆପଲ କାରପ୍ଲେ କନେକ୍ଟିଭିଟି, ଡିଜିଟାଲ ଆଡ୍‌ଭାନ୍ସଡ୍ ମଲ୍ଟି-ଫଙ୍କଶ୍ନାଲ କ୍ଲଷ୍ଟର ସହ ଅନ୍ୟାନ୍ୟ ଫିଚର ରହିଛି।





# ହାଓଡା-ଜୁନାଗଡ଼ ରୋଡ୍ ଇସ୍ପାତ ଏକ୍ସପ୍ରେସ୍ ସମ୍ପ୍ରସାରିତ

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)

ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗକୁ ସୁଦୃଢ଼ କରିବା ପାଇଁ ହାଓଡା-ଟିଟିଲାଗଡ଼-ହାଓଡା ଇସ୍ପାତ ଏକ୍ସପ୍ରେସ୍ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏହି ସମ୍ପ୍ରସାରଣ ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲାର ଜନସାଧାରଣଙ୍କ ପାଇଁ ଅଧିକ ଯାତ୍ରୀ ସୁବିଧା, ଉନ୍ନତ ସୁଗମତା ଏବଂ ନୂତନ ସୁଯୋଗ ଆଣିବ। ଜୁନାଗଡ଼ ରୋଡ୍ ଏବଂ ଟିଟିଲାଗଡ଼ ମଧ୍ୟରେ ସମ୍ପ୍ରସାରିତ ଭାଗର ଗୁରୁବାର ଉଦ୍‌ଘାଟନ କରାଯିବ। ୨୮୭୧ ହାଓଡା-ଟିଟିଲାଗଡ଼ ଏକ୍ସପ୍ରେସ୍ ଏବେ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ଚାଲିବ ଏବଂ ୨୧ ତାରିଖରୁ ଏହା ହାଓଡାରୁ ଆରମ୍ଭ ହେବ। ୧୨୮୭୨ ଟିଟିଲାଗଡ଼-ହାଓଡା ଏକ୍ସପ୍ରେସ୍ ୨୨ରୁ ଜୁନାଗଡ଼ ରୋଡ୍‌ରୁ ଆରମ୍ଭ ହେବ। ସମ୍ପ୍ରସାରିତ ହାଓଡା-ଟିଟିଲାଗଡ଼ - ଜୁନାଗଡ଼ ରୋଡ୍ ଇସ୍ପାତ ଏକ୍ସପ୍ରେସ୍ ଟିଟିଲାଗଡ଼ ଏବଂ ଜୁନାଗଡ଼ ରୋଡ୍ ମଧ୍ୟରେ କେସିଙ୍ଗା, ଲାଞ୍ଜିଗଡ଼ ରୋଡ୍ ଏବଂ ଭବାନୀପାଟଣା ଷ୍ଟେଶନରେ ରହଣି କରିବ। ହାଓଡା ଏବଂ ଟିଟିଲାଗଡ଼ ମଧ୍ୟରେ ସମସ୍ତ ବିଦ୍ୟମାନ ରହଣି ଏବଂ ସମୟ ଅପରିବର୍ତ୍ତିତ ରହିବ। ଟ୍ରେନ୍‌ଟି ହାଓଡା ଏବଂ ଟିଟିଲାଗଡ଼ ମଧ୍ୟରେ ଏକ ସୁପରଫାଷ୍ଟ ଏକ୍ସପ୍ରେସ୍ ଏବଂ ଟିଟିଲାଗଡ଼ ଏବଂ ଜୁନାଗଡ଼ ରୋଡ୍ ମଧ୍ୟରେ ଏକ ମେଲ୍/ଏକ୍ସପ୍ରେସ୍ ସେବା ଭାବରେ କାର୍ଯ୍ୟ କରିବ। ଇସ୍ପାତ ଏକ୍ସପ୍ରେସ୍‌ର ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରଣ ପଶ୍ଚିମ ଓଡ଼ିଶା ପାଇଁ ଏକ ପ୍ରମୁଖ ପ୍ରୋତ୍ସାହନ। ଏହା କଳାହାଣ୍ଡି ଏବଂ ଏହାର ଆଖପାଖ ଅଞ୍ଚଳର ଲୋକମାନଙ୍କୁ ସିଧାସଳଖ ଏବଂ ନିର୍ଭର ସଂଯୋଗ ପ୍ରଦାନ କରିବ। ଏହି ବର୍ଦ୍ଧିତ ସେବା ଛାତ୍ରୀଛାତ୍ର, ଚିକିତ୍ସା ସୁବିଧା ଚାହୁଁଥିବା ରୋଗୀ, ବ୍ୟବସାୟୀ, ସରକାରୀ କର୍ମଚାରୀମାନଙ୍କୁ ଲାଭାନ୍ୱିତ କରିବ। ଏହା ମଧ୍ୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ ସାମଗ୍ରୀର ସୁଗମ ପରିବହନ ଏବଂ କ୍ଷୁଦ୍ର ବାଣିଜ୍ୟର ଗତିବିଧିକୁ ସହଜ କରିବା ସହ ସ୍ଥାନୀୟ ଅର୍ଥନୈତିକ ଅଭିବୃଦ୍ଧିରେ ଏହା ସହାୟକ ହେବ ।

# ୨୨ ସରକାରୀ ଆଇଟିଆଇ ହେବ 'ସେଣ୍ଟର ଅଫ୍ ଏକ୍ସିଲେନ୍ସ'



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁଙ୍କ ସହ ଟାଟା ଟେକ୍ନୋଲୋଜି, ୟୁନିସେଫ୍, ବିଶ୍ୱ ଦକ୍ଷତା କେନ୍ଦ୍ର ଓ ବିଭିନ୍ନ କମ୍ପାନୀର ଅଧିକାରୀମାନେ।

## ଦକ୍ଷତା ବିକାଶ ପାଇଁ ୪ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୮।୨(ସୁଚିସ୍ମିତା ସାହୁ)

ଟାଟା ଟେକ୍ନୋଲୋଜି ସହଭାଗିତାରେ ଓଡ଼ିଶାର ୨୨ଟି ସରକାରୀ ଆଇ.ଟି.ଆଇକୁ ୭୭୯ କୋଟି ଟଙ୍କା ବ୍ୟୟରେ 'ସେଣ୍ଟର ଅଫ୍ ଏକ୍ସିଲେନ୍ସ' ଭାବେ ଉନ୍ନୀତ କରାଯିବ। ଏନେଇ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ବୁଧବାର ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ୪ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ମନ୍ତ୍ରୀ କହିଲେ, ଓଡ଼ିଶାର ଯୁବପିଢ଼ିଙ୍କୁ ଶିଳ୍ପ-ଉପଯୋଗୀ କରିବା ସରକାରଙ୍କର ମୁଖ୍ୟ ପ୍ରାଥମିକତା। ଭିତ୍ତିଭୂମି ଶିଳ୍ପ ଗଢେ, ହେଲେ ଦକ୍ଷତା ହିଁ ମାନବ ସମ୍ବଳକୁ ସମୃଦ୍ଧ କରେ, ଯାହା ସେହି ଶିଳ୍ପକୁ ବଢ଼ାଇବା ପାଇଁ ଆବଶ୍ୟକ। ରାଜ୍ୟର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ଯୁବପିଢିଙ୍କୁ ଭବିଷ୍ୟତ ଉପଯୋଗୀ ଦକ୍ଷତାରେ ସଶକ୍ତ କରିବା ଜରୁରୀ ବୋଲି ମନ୍ତ୍ରୀ କହିଛନ୍ତି।

ଟାଟା ଟେକ୍ନୋଲୋଜିସହ ହୋଇଥିବା ପ୍ରଥମ ଚୁକ୍ତି ଅନୁଯାୟୀ, ରାଜ୍ୟ ସରକାର ପ୍ରକଳ୍ପ ଖର୍ଚ୍ଚର ୧୪ ପ୍ରତିଶତ ବହନ କରିବେ ଏବଂ ଟାଟା ଟେକ୍ନୋଲୋଜି ପ୍ରାୟ ୮୬ ପ୍ରତିଶତ ଅବଦାନ ଦେବେ। ଏହି ଆଇଟିଆଇଗୁଡ଼ିକରେ ଅତ୍ୟାଧୁନିକ ପରୀକ୍ଷାଗାର ଏବଂ ଶିଳ୍ପ ଉପଯୋଗୀ ଆଧୁନିକ ଯନ୍ତ୍ରପାତି ସ୍ଥାପନ କରାଯିବ, ଯାହା ଆଧୁନିକ ଶିଳ୍ପ ମାନଦଣ୍ଡ ସହ ସମକକ୍ଷ ତାଲିମ ଭିତ୍ତିଭୂମି ପ୍ରଦାନ କରିବ। ଉତ୍କର୍ଷ କେନ୍ଦ୍ରଗୁଡିକରେ ଅଟୋ ମୋବାଇଲ ଯଥା ବୈଦ୍ୟୁତିକ ଯାନବାହାନ, ଡିଜାଇନ ଓ ଯାଞ୍ଚ ଉପକରଣ, ଥ୍ରି-ଡି ପ୍ରିଣ୍ଟିଂ, ରୋବୋଟିକ୍ସ, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ, ଆଧୁନିକ ମାନୁଫାକ୍ଚରିଂ, ଉନ୍ନତ ସି.ଏନ.ସି ଓ ଭି.ଏମ୍.ସି ମେସିନିଂ ଏବଂ ପ୍ରୋସେସ କଣ୍ଟ୍ରୋଲ ପରି ଉଦୀୟମାନ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯିବ। ଟାଟା ଟେକ୍ନୋଲୋଜି ୫ ବର୍ଷ ପର୍ଯ୍ୟନ୍ତ ପ୍ରଶିକ୍ଷକ ନିୟୋଜନ, ଯନ୍ତ୍ରପାତି ରକ୍ଷଣାବେକ୍ଷଣ ଏବଂ ନିଯୁକ୍ତି କ୍ଷେତ୍ରରେ ସହାୟତା ପ୍ରଦାନ କରିବ।

ସେହିପରି ଦ୍ୱିତୀୟ ଯୁକ୍ତି ଅନୁସାରେ, ୟୁନିସେଫ୍‌ର ସହଭାଗିତାରେ 'ୟୁଥ ହବ୍' ପ୍ଲାଟଫର୍ମ ମାଧ୍ୟମରେ ୨ହଜାରରୁ ଅଧିକ ଛାତ୍ରୀଙ୍କୁ ଡିଜିଟାଲ ଦକ୍ଷତା ପ୍ରଶିକ୍ଷଣ ଏବଂ ନିଯୁକ୍ତିରେ ସହାୟତା କରାଯିବ। ତୃତୀୟ ଚୁକ୍ତିନାମା ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଏବଂ କାୱାସାକି ରୋବୋଟିକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ମଧ୍ୟରେ ହୋଇଛି। ଏହି କମ୍ପାନୀ ସହଭାଗିତାରେ ରୋବୋଟିକ୍ସ, ଅଟୋମେଶନ ଏବଂ 'ଇଣ୍ଡଷ୍ଟ୍ରି ୪.୦' ଟେକ୍ନୋଲୋଜି କ୍ଷେତ୍ରରେ ଯୁବପିଢ଼ିଙ୍କୁ ଦକ୍ଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚତୁର୍ଥ ଚୁକ୍ତି ୱାର୍ଲ୍ଡ ସ୍କିଲ ସେଣ୍ଟର ଏବଂ ଆତ୍ରେୟ ଗ୍ଲୋବାଲ ପ୍ରାଇଭେଟ ଲିମିଟେଡ ମଧ୍ୟରେ ହୋଇଥିବାବେଳେ କମ୍ପାନୀ ପକ୍ଷରୁ ଜର୍ମାନୀ ଏବଂ ଅନ୍ୟ ୟୁରୋପୀୟ ଦେଶରେ ନିଯୁକ୍ତି ପାଇଁ ଭାଷା ପ୍ରଶିକ୍ଷଣ ଏବଂ ବିଦେଶୀ ନିଯୁକ୍ତି ସୁବିଧା ଦିଆଯିବ। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର କମିଶନର ଭୂପେନ୍ଦ୍ର ସିଂ ପୁନିଆ, ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂ ରାଠୋର, ୱାର୍ଲ୍ଡ ସ୍କିଲ୍ ସେଣ୍ଟରର ସିଇଓ ରଶ୍ମି ମହାପାତ୍ର, କାୱାସାକି ରୋବୋଟିକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ହିରୋଶି ମିୟାକେ, ୟୁନିସେଫ୍ ଓଡ଼ିଶା କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ପ୍ରଶାନ୍ତ ଦାଶ, ଆତ୍ରେୟ ଗ୍ଲୋବାଲ ପ୍ରାଇଭେଟ୍ ଲିମିଟେଡ ମୁଖ୍ୟ ପରିଚାଳନା ଅଧିକାରୀ ପ୍ରଦୀପ୍ତ କୁମାର ଦାସ ଏବଂ ଟାଟା ଟେକ୍ନୋଲୋଜିଜ ଗ୍ଲୋବାଲ ଡେଲିଭରୀ ମୁଖ୍ୟ ଯତେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ ଶିଳ୍ପ ପ୍ରତିନିଧି ଉପସ୍ଥିତ ଥିଲେ ।

## ଯୁକ୍ତ୨ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର,୧୮।୨(ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ (ସିଏଚ୍‌ଏସ୍‌ଇ) ଯୁକ୍ତ୨ ପରୀକ୍ଷା ବୁଧବାରଠାରୁ ସାରା ରାଜ୍ୟରେ ଆରମ୍ଭ ହୋଇଛି। ପ୍ରଥମ ଦିନ ବିଜ୍ଞାନ ବିଭାଗର ପରୀକ୍ଷା ରହିଥିଲା। ମୋଟ ୯୬,୯୨୯ ଜଣ ଛାତ୍ରୀଛାତ୍ର ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଦେଇଥିବାବେଳେ ୧୫୭ଜଣ ପିଲା ଅନୁପସ୍ଥିତ ଅଛନ୍ତି। ପରୀକ୍ଷା ସୂଚୀ ଅନୁସାରେ ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟା ଯାଏ ଚାଲିଥିଲା। ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ଯାଞ୍ଚ କରି ପରୀକ୍ଷା କେନ୍ଦ୍ରକୁ ଛଡ଼ାଯାଇଥିଲା। କପି ରୋକିବା ଲାଗି ସ୍ୱତନ୍ତ୍ର ସ୍କ୍ୱାଡ୍ ବିଭିନ୍ନ କେନ୍ଦ୍ରକୁ ଗସ୍ତ କରିଥିବାବେଳେ ସମସ୍ତ ପରୀକ୍ଷା କେନ୍ଦ୍ରକୁ ଏଆଇ କ୍ୟାମେରା ଓ ସିସିଟିଭି ଜରିଆରେ ନଜର ରଖାଯାଇଛି। ତେବେ ପ୍ରଥମ ଦିନରେ କୌଣସି ଛାତ୍ରୀଛାତ୍ର ଏମ୍‌ପି ହୋଇନାହାନ୍ତି। ଗୁରୁବାରଠାରୁ ଧନ୍ଦାମୂଳକ ଏବଂ ଶୁକ୍ରବାରଠାରୁ କଳା ଓ ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ର ମାତୃଭାଷା ବିଷୟରେ ପରୀକ୍ଷା ଦେବେ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ ରାଜ୍ୟରେ ମୋଟ ୪ ଲକ୍ଷ ୧ ହଜାର ୬୨୩ ଛାତ୍ରୀଛାତ୍ର ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକରେ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଛନ୍ତି। ଏମାନଙ୍କ ମଧ୍ୟରୁ କଳାରେ ସର୍ବାଧିକ ୨ ଲକ୍ଷ ୫୬ ହଜାର ୭୦୭ ଜଣ ପରୀକ୍ଷାର୍ଥୀ ରହିଥିବାବେଳେ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୩୬୩, ବାଣିଜ୍ୟରେ ୨୪ହଜାର ୬୨୧ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୯୩୨ଜଣ ଛାତ୍ରୀଛାତ୍ର ରହିଛନ୍ତି। ୧୯୦୯ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୩୫୭ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ମାର୍ଚ୍ଚ ୨୮ ଯାଏ ପରୀକ୍ଷା ଚାଲିବ।

## ପିଇବା ପାଣି ଯୋଗାଣ ପାଇଁ ଦାବିପତ୍ର

ତାଳଚେର,୧୮।୨ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକର ନୂଆ ଜିଲିଣ୍ଡା (କଦଳୀପାଳ) ଗ୍ରାମକୁ ପିଇବା ପାଣି ଯୋଗାଇବାକୁ ଗ୍ରାମ୍ୟ କମିଟି ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ମୂଳ ମୌଜା ଜିଲିଣ୍ଡା ଗ୍ରାମ ଗତ ୨୦୧୧ ମସିହାରେ ଭୁବନେଶ୍ୱରୀ ଖୋଲା କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ ବିସ୍ଥାପିତ ହେବା ଫଳରେ ଗ୍ରାମର କେତେଜଣ ବ୍ୟକ୍ତି ଆସି ନିକଟସ୍ଥ ବଙ୍ଗାରୁ ନାଳ ମୌଜା ଅରଖପାଳରେ ବସବାସ କରୁଛନ୍ତି। ଭୁବନେଶ୍ୱରୀ ଖଣିର ଅତି ନିକଟବର୍ତ୍ତୀ ହେବା ଫଳରେ ଗ୍ରାମର କୂଅ ଓ ପୋଖରୀ ପାଣିର ସ୍ରୋତ ଶୁଖିଗଲାଣି। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ଗ୍ରାମରେ ବସବାସ କରୁଥିବା ୨୦୦ ଲୋକ ପାନୀୟ ଜଳାଭାବର ଶିକାର ହେବେ। ପୂର୍ବରୁ ସେମାନେ ପୁରୁଣା ଗ୍ରାମରେ ରହୁଥିବାବେଳେ ଭୁବନେଶ୍ୱରୀ ଓସିପି ପକ୍ଷରୁ ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଣ କରାଯାଉଥିଲା। ସେହିପରି ବର୍ତ୍ତମାନ ପୁନଶ୍ଚ ଜଳ ଯୋଗାଣ କରିବା ପାଇଁ ଗ୍ରାମ୍ୟ କମିଟି ପକ୍ଷରୁ ଦାବି କରାଯାଇଛି। ସାମାଜିକ କର୍ମୀ ସଞ୍ଜୟ ଜାଲଙ୍କ ନେତୃତ୍ୱରେ ଗ୍ରାମ୍ୟ କମିଟିର ସଦସ୍ୟମାନେ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମ କମିଟି ପକ୍ଷରୁ ଭୁବନେଶ୍ୱରୀ ଓସିପିର ପ୍ରକଳ୍ପ ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି।

## ହାତୀ ଆକ୍ରମଣରେ ଗୁରୁତର ଯୁବକଙ୍କ ମୃତ୍ୟୁ

ଭୁବନ, ୧୮।୨ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ଗଡ଼ନୃସିଂହପ୍ରସାଦ ପଞ୍ଚାୟତ ବାସୁଦେବପୁର ଗ୍ରାମର ମଦନ ବେହେରା (୩୦) ହାତୀ ଆକ୍ରମଣରେ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ବୁଧବାର ଭୋର ସମୟରେ ତାଙ୍କର ମୃତ୍ୟୁ ଘଟିଛି। ମଦନ ଶୌଚ ପାଇଁ ଯାଇଥିବା ବେଳେ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା। ମୃତକଙ୍କ ପରିବାରଙ୍କ ନିକଟରେ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ଆଲୋଚନା କରିଛନ୍ତି। ଭୁବନ ରେଞ୍ଜର ରାକେଶ କୁମାର ଦଳେଇ, ଫରେଷ୍ଟର କଳ୍ପନା ବେହେରାଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ପହଞ୍ଚି ଆଲୋଚନା କରିଛନ୍ତି। ସରକାରଙ୍କ ପକ୍ଷରୁ ମୃତ ପରିବାର ସଦସ୍ୟଙ୍କୁ ୧୦ ଲକ୍ଷ ଟଙ୍କା ସହାୟତା ରାଶି ମିଳିବ ବୋଲି ରେଞ୍ଜର କହିଛନ୍ତି।

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No. RDM-LAA-MBJ-0016-2025-48813/R&DM Dated: 26 Dec. 2025

No. XXI-43: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ଶାତସଗଡ଼ିଆ ମାଇନର, ଭୈରଙ୍ଗୀ ମାଇନର, କଳମା ସବ-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ରାଘବପୁର, ଥାନା: ବୈଶିଙ୍ଗା ନଂ. ୨୦୪, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧୫.୭୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରିଛନ୍ତି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ଶାତସଗଡ଼ିଆ ମାଇନର, ଭୈରଙ୍ଗୀ ମାଇନର, କଳମା ସବ୍-ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ରାଘବପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୫୧.୭୮ | ଏ.୧୫.୭୮ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳି ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା – ୮୭/୨୦୨୩
ଏ.୧୫.୭୮ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶରୀ ଡିଷ୍ଟ୍ରିବ୍ୟୁଟାରୀ**
**ଶାତସଗଡ଼ିଆ ମାଇନର, ଭୈରଙ୍ଗୀ ମାଇନର, କଳମା ସବ-ମାଇନର ନିମନ୍ତେ**
**ମୌଜା: ରାଘବପୁର, ଥାନା: ବୈଶିଙ୍ଗା ନଂ. – ୨୦୪, ତହସିଲ – ବେତନଟୀ, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 5 | 907/962 | 0.16 | 0.05 | ଶାରଦ ଦୁଇ | ଉତ୍ତମ ରାମ, ପି.: ସିଙ୍ଗୁ ରାମ, ସୋମନାଥ ରାମ, ପି.: ମଙ୍ଗୁଳିଆ ରାମ, ଜା: ଓରାଣ, ବା: ବର୍ତ୍ତନା |
| | 882 | 0.25 | 0.09 | ଶାରଦ ତିନି | |
| | 885 | 0.35 | 0.15 | ଶାରଦ ତିନି | |
| 10 | 655/966 | 0.90 | 0.20 | ଶାରଦ ଏକ | କହ୍ନେଇ ମହାନ୍ତ, ଜୟରାମ ମହାନ୍ତ, ହରି ମହାନ୍ତ, ନାଲ ମୋହନ ମହାନ୍ତ, ପୁରୁଷୋତ୍ତମ ମହାନ୍ତ, ପି.: ରେଙ୍ଗୁ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| 12 | 809 | 3.63 | 0.50 | ଶାରଦ ଦୁଇ | କନ୍ଦା ମାଝୀ, ପି: ଜିତୁ ମାଝୀ, ରାୟସେନ ମାଝୀ, ପି: ଭଦ୍ର ମାଝୀ, ସୁନା ମାଝୀ, ଶୁକୁଲ ମାଝୀ, ପି: ଶିରୁ ମାଝୀ, ଦୁଃଖିଆ ମାଝୀ, ପି: ଭଦ୍ର ମାଝୀ, ସୀତା ମାଝୀ, ସ୍ୱା: ଧନୁ ମାଝୀ, ମଙ୍ଗଲ ମାଝୀ, ଜଗନା ମାଝୀ, ପି: ଜିତାରାୟ ମାଝୀ, ଚୈତନ୍ୟ ମାଝୀ, ପି: କଟାଲ ମାଝୀ, ଜା: ସାନ୍ତାଳ ବା: କାପୋଇ |
| | 818 | 0.17 | 0.01 | ଶାରଦ ଦୁଇ | |
| | 833 | 0.81 | 0.30 | ଶାରଦ ତିନି | |
| 15 | 123 | 2.92 | 0.64 | ଶାରଦ ତିନି | କାପୁ ମାଝୀ, ପି: ସୁବୁଧା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 260 | 0.22 | 0.22 | ଶାରଦ ତିନି | |
| 20 | 649 | 0.68 | 0.08 | ଶାରଦ ଦୁଇ | କାଳିଚରଣ ମାଝୀ, ପି: ନେକା ମାଝୀ, ପଦୁ ମାଝୀ, ଶ୍ୟାମ ମାଝୀ, ପି: ଇଟୁ ମାଝୀ, ଜା: ସାନ୍ତାଳ, ବା:ନିଜଗାଁ |
| | 816 | 0.20 | 0.04 | ଶାରଦ ଦୁଇ | |
| 22 | 434 | 0.72 | 0.02 | ଶାରଦ ଦୁଇ | କିଶୁନ ମାଝୀ, ପି: ହପନା ମାଝୀ, ଚାନ୍ଦା ମାଝୀ, ପି: କିସୁନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 25 | 46 | 0.46 | 0.03 | ଶାରଦ ତିନି | କୁଞ୍ଜବିନ୍ଧାଣୀ, ଝଡିଆ ବିନ୍ଧାଣୀ, ପି: ଉଜାଡ ବିନ୍ଧାଣୀ, ଜା: ବିନ୍ଧାଣି, ବା: ନିଜଗାଁ, ବେଆଇନ ଖରିଦ ସୂତ୍ରେ ଦଖଲ ବା: ଗଙ୍ଗାଧର ମହାନ୍ତ, ରଇବୁ ମହାନ୍ତ, କାନ୍ତିରାମ ମହାନ୍ତ, ରଥୁ ମହାନ୍ତ, ଥୁଲା ମହାନ୍ତ, ମଥୁରା ମହାନ୍ତ, ପି: ଗୋବିନ୍ଦ ମହାନ୍ତ, ରାମକୃଷ୍ଣ ମହାନ୍ତ, ପି: ଶତ୍ରୁଘ୍ନ ମହାନ୍ତ, ଜା: କୁଡୁମି, ବା: ସାରଦା, ରେଜେଷ୍ଟ୍ରି ଦଲିଲ ନମ୍ବର 2366 ତା.10.8.74 ଜରସମନ : ଟ.700.00 ବା: |
| 26 | 261 | 0.22 | 0.01 | ଶାରଦ ତିନି | କୁଡୁଧା ମୁର୍ମୁ, ପି: ରାଘବାନନ୍ଦ ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| 27 | 273 | 0.46 | 0.21 | ଶାରଦ ତିନି | କୁନୁ ମାଝୀ, ବିରିହା ମାଝୀ, ପି: ଖେଲା ମାଝୀ, ସୁନା ମାଝୀ, ପି: ହପାଙ୍ଗ ମାଝୀ, ଜା: ସାନ୍ତାଳ, ବା:ନିଜଗାଁ |
| 31 | 120 | 0.45 | 0.01 | ଶାରଦ ତିନି | ଖାଣ୍ଡ ମାଝୀ, ବିରାମ ମାଝୀ, ଛୋଟରାୟ ମାଝୀ, ପି: ଚରଣ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 376 | 0.41 | 0.33 | ଶାରଦ ତିନି | |
| 33 | 27 | 0.58 | 0.08 | ଶାରଦ ତିନି | ଗଜେନ୍ଦ୍ର ପାତ୍ର, ବୁଧ ପାତ୍ର, ପି: ଦଶରଥ ପାତ୍ର, ଭଗବାନ ପାତ୍ର, ଭାଗବତ ପାତ୍ର, ପି: ଗିରିଧାରି ପାତ୍ର, ଜା: ପାତ୍ର ତନ୍ତି, ବା: ନିଜଗାଁ |
| | 32 | 0.28 | 0.01 | ଶାରଦ ତିନି | |
| | 33 | 0.56 | 0.47 | ଶାରଦ ତିନି | |
| | 33/1028 | 0.38 | 0.24 | ଶାରଦ ତିନି | |
| 34 | 883 | 0.19 | 0.11 | ଶାରଦ ତିନି | ଗଙ୍ଗା ରାମ, ଦର୍ଶନ ରାମ, ପଚା ରାମ, ଭୁକଲା ରାମ, ପି: ମାୟା ରାମ, ନାଥ ରାମ, ଶୁକା ରାମ, ପି: ଗୁହ୍ୟା ରାମ, ସନିଆ ରାମ, ପି: ଜଗା ରାମ, ଜା: ଓରାଣ, ବା: ବର୍ତ୍ତନା |
| | 884 | 0.23 | 0.15 | ଶାରଦ ତିନି | |
| 35 | 45 | 0.30 | 0.12 | ଶାରଦ ତିନି | ଗଙ୍ଗାଧର ମହାନ୍ତ, ରଇବୁ ମହାନ୍ତ, କାନ୍ତିରାମ ମହାନ୍ତ, ରଥୁ ମହାନ୍ତ, ଥୁଲା ମହାନ୍ତ, ମଥୁରା ମହାନ୍ତ, ରାମକୃଷ୍ଣ ମହାନ୍ତ, ପି: ଶତ୍ରୁଘନ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ସାରଦା |
| 38 | 690 | 0.23 | 0.07 | ଶାରଦ ଏକ | ଗିରିଶ ମହାନ୍ତ, ସୁଧିର ମହାନ୍ତ, ଶଶି ମହାନ୍ତ, ଅଶ୍ୱିନି କୁମାର ମହାନ୍ତ, ଗୋବର୍ଦ୍ଧନ ମହାନ୍ତ, ପି: ସୋମନାଥ ମହାନ୍ତ, ଜା: କୁଡୁମି, ବା: ପଳାଶ ବଧା |
| | 691/1040 | 0.55 | 0.07 | ଶାରଦ ଏକ | |
| 54 | 834 | 0.78 | 0.30 | ଶାରଦ ତିନି | ଚୌଧୁରୀ ମହାନ୍ତ, କାର୍ତ୍ତିକ ମହାନ୍ତ, ଫକିର ମହାନ୍ତ, ଶତ୍ରୁଘ୍ନ ମହାନ୍ତ, ରତିକାନ୍ତ ମହାନ୍ତ, ପି: ଅର୍ଜୁନ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| 58 | 855 | 0.38 | 0.24 | ଶାରଦ ତିନି | ଜୟକୃଷ୍ଣ ରାମ, ହରି ରାମ, ପି: ରୁପା ରାମ, ଜା: ଓରାଣ, ବା: ନିଜଗାଁ |
| 59 | 849 | 0.23 | 0.03 | ଶାରଦ ତିନି | ଜୟକୃଷ୍ଣ ରାମ, ହରି ରାମ, ପି: ରୁପା ରାମ, ବୁଲା ରାମ, ଲକ୍ଷ୍ମଣ ରାମ, ଗଜେନ୍ଦ୍ର ରାମ, ପି: ନାଥ ରାମ, ଜଗା ରାମ, ପି: ମଙ୍ଗୁଲିଆ ରାମ, ସମରା ରାମ, ବନମାଳୀ ରାମ, ଦୈତାରୀ ରାମ, ଦିନବନ୍ଧୁ ରାମ, ପି: ନବ ରାମ, କୃଷ୍ଣ ରାମ, ପି: ବୈଦା ରାମ, ଶଙ୍କର ରାମ, ପି: ବାରିଆ ରାମ, ପ୍ରଭାସିଆ ରାମ, ରାଜେନ୍ଦ୍ର ରାମ, ପି: ଗୁରୁବାରିଆ ରାମ, ଲେମ୍ବା ରାମ, ଛୋଟ ରାମ, ପୁନ ରାମ, ପି: ବୁଚ ରାମ, ହାଡିଆ ରାମ, ଚନ୍ଦ୍ରା ରାମ, ପି: ରଥିଆ ରାମ, ଇନ୍ଦ ରାମ, ସଦା ରାମ, ପି: ସାନା ରାମ, କାର୍ତ୍ତିକ ରାମ, ସମରା ରାମ, ପି: ସାମି ରାମ, ଯତନ ରାମ, ପି: ମାଧିଆ ରାମ, ଜା: ଓରାଣ, ବା:ନିଜଗାଁ |
| 61 | 901 | 0.76 | 0.16 | ଶାରଦ ଦୁଇ | ଜଗା ରାମ, ପି: ନାଲୁ ରାମ, ଜା: ଉରାଣ, ବା: ବର୍ତ୍ତନା |
| | 907 | 1.02 | 0.28 | ଶାରଦ ଦୁଇ | |
| 62 | 900 | 0.14 | 0.09 | ଶାରଦ ଦୁଇ | ଜଗା ରାମ, ପି: ଝଡିଆ ରାମ, ଜା: ଉରାଣ, ବା: ବର୍ତ୍ତନା |
| 63 | 652 | 1.04 | 0.28 | ଶାରଦ ଦୁଇ | ଜବା ମାଝୀ, ସ୍ୱା: ଠାକୁରା ମାଝୀ, ସାଲମା ମାଝୀ, ସ୍ୱା: ବଳଧା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 71 | 896 | 0.23 | 0.08 | ଶାରଦ ଦୁଇ | ଝଡିଆ ରାମ, ପି: ରଇବାରିଆ ରାମ, ଜା: ଉରାଣ, ବା: ବର୍ତ୍ତନା, ହାରାବତୀ ରାମ, ସାର ରାମ, ପି: ନନ୍ଦୁରୀ ରାମ, ଜା: ଉରାଣ, ବା: କଳମା |
| 75 | 89 | 2.77 | 0.58 | ଶାରଦ ଏକ | ଠୁମ୍ପୁ ମାଝୀ, ପିଥ ମାଝୀ, ପି: ଏଫରାମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 111 | 0.26 | 0.01 | ଶାରଦ ତିନି | |
| 76 | 86 | 0.30 | 0.02 | ଶାରଦ ତିନି | ଠୁମ୍ପୁ ମାଝୀ, ପିଥ ମାଝୀ, ପି: ଏଫରାମ ମାଝୀ, ବଡ ହପନା ମାଝୀ, ଭାଦେଇ ମାଝୀ, ପି: ଦାସିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 79 | 83 | 0.11 | 0.03 | ଘରବାରି | ଡାମ୍ବୁ ବିନ୍ଧାଣୀ, ପି: ଭଜ ବିନ୍ଧାଣୀ, ମୁଖୁନା ବିନ୍ଧାଣୀ, ପି: ଜେଠୁ ବିନ୍ଧାଣୀ, ବୁକାଇ ବିନ୍ଧାଣୀ, ନାଥ ବିନ୍ଧାଣୀ, ସିଙ୍ଗରାୟ ବିନ୍ଧାଣୀ, ପି: ରାଧା ବିନ୍ଧାଣୀ, ତିଲକା ବିନ୍ଧାଣୀ, ଟୁଣିଆ ବିନ୍ଧାଣୀ, ପି: ମଙ୍ଗଲା ବିନ୍ଧାଣୀ, କାଣା ବିନ୍ଧାଣୀ, ଚୁଟିଆ ବିନ୍ଧାଣୀ, ପି: ଧନୁ ବିନ୍ଧାଣୀ, ଜା: ବିନ୍ଧାଣୀ, ବା: ନିଜଗାଁ |
| 83 | 878 | 0.15 | 0.02 | ଶାରଦ ଦୁଇ | ଦଶରଥ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ଉପେନ୍ଦ୍ର ମହାନ୍ତ, ସୂର୍ଯ୍ୟ ମୋହନ ମହାନ୍ତ, ପ୍ରଫୁଲ୍ଲ ମହାନ୍ତ, ପି: ଆନନ୍ଦ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| | 879 | 0.34 | 0.10 | ଶାରଦ ଦୁଇ | |
| 88 | 880 | 0.46 | 0.28 | ଶାରଦ ଦୁଇ | ଦାସରଥି ମାଝୀ, ଭୁଚ୍ଛା ମାଝୀ, ତଳ ମାଝୀ, ପି: କଙ୍କା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 889 | 0.72 | 0.06 | ଶାରଦ ଦୁଇ | |
| 91 | 810 | 0.53 | 0.08 | ଶାରଦ ଦୁଇ | ଦାନ୍ଦୁ ମାଝୀ, ଯାଦୁ ମାଝୀ, ପି: ସିଙ୍ଗରାୟ ମାଝୀ, ସିଙ୍ଗରାୟ ମାଝୀ, ପି: ଦାସ ମାଝୀ, ଚନ୍ଦ୍ର ମାଝୀ, ହପ ମାଝୀ, ପି: କାସୁ ମାଝୀ, ସୁନିଆ ମାଝୀ, ସ୍ୱା: କାସୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 811 | 0.69 | 0.07 | ଶାରଦ ଦୁଇ | |
| 94 | 650/991 | 0.41 | 0.24 | ଶାରଦ ଦୁଇ | ଦୁଲାରି ମାଝୀ, ସ୍ୱା: ମାତାଲ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 96 | 112 | 0.30 | 0.15 | ଶାରଦ ତିନି | ଦୁଲା ମାଝୀ, ପି: ହଗୁରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 105 | 258 | 0.33 | 0.17 | ଶାରଦ ତିନି | ଧୁମା ମାଝୀ, ପି: ବିରାମ ମାଝୀ, ସୁରେଇ ମାଝୀ, ପି: କିସନ ମାଝୀ, ବାଙ୍ଗରା ମାଝୀ, ପି: ଡୁମୁକା ମାଝୀ, ଜା: ସାନ୍ତାଳ, ବା: ଡମ୍ବରୁଡହର |
| 107 | 847 | 0.31 | 0.12 | ଶାରଦ ଦୁଇ | ନନ୍ଥୁ ରାମ, ବୁଧିଆ ରାମ, ଭରତ ରାମ, ପି: ଝଡିଆ ରାମ, ଜା:ଉରାଣ, ବା: ନିଜଗାଁ |
| | 856 | 0.21 | 0.08 | ଶାରଦ ତିନି | |
| | 861 | 0.25 | 0.01 | ଶାରଦ ତିନି | |
| 112 | 658 | 0.11 | 0.11 | ଆଶୁ | ନାଥ ରାମ, ପି: ପଚି ରାମ, ଜଗା ରାମ, ପି: ମଙ୍ଗୁଳିଆ ରାମ, ନବ ରାମ, ପି: ବଇଦା ରାମ, ହାଡିଆ ରାମ, ଚନ୍ଦ୍ର ରାମ, ପି: ରଥିଆ ରାମ, ରୁପା ରାମ, ପି: ଗୁବା ରାମ, ଭଗବାନ ରାମ, ପି: ସୁକୁରା ରାମ, ଠକର ରାମ, ପି: ଗୁରୁବାରିଆ ରାମ, ସାନସୁକୁରା ରାମ, ପି: ଶାମା ରାମ, ଜା: ଉରାଣ, ଲସ ମାଝୀ, ପି: ଅର୍ଜୁନ ମାଝୀ, ଧିରାଇ ମାଝୀ, ପି: ରାମଜିତ୍ ମାଝୀ, ଜା:ସାନ୍ତାଳ, ବା: ନିଜଗାଁ |
| | 656 | 0.10 | 0.10 | ଆଶୁ | |
| 122 | 877 | 0.70 | 0.28 | ଶାରଦ ଦୁଇ | ପାରି ରାମ ସ୍ୱା: ଠକର ରାମ, ଜା: ଉରାଣ, ବା: ନିଜଗାଁ |
| 127 | 691 | 0.73 | 0.24 | ଶାରଦ ଏକ | ପୁରୁଷୋତ୍ତମ ପରିଡା, ପି: ବନମାଳି ପରିଡା, ନିଆସି ପରିଡା, ଚୈତନ୍ୟ ପରିଡା, ପି: ଫକିର ପରିଡା, ଜା: ରାଜୁ, ବା: ମାଣିକପୁର |
| 134 | 664 | 0.09 | 0.01 | ଶାରଦ ତିନି | ବଲାଇ ମାଝୀ, ପି: ଉନୁପା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 666 | 0.27 | 0.20 | ଶାରଦ ତିନି | |
| 146 | 650 | 0.92 | 0.54 | ଶାରଦ ଦୁଇ | ବିରୁ ମାଝୀ, ସାନ ସଲମା ମାଝୀ, ପି: ଦୁବେଇ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 147 | 106 | 0.49 | 0.27 | ଶାରଦ ଦୁଇ | ବିରୁ ମାଝୀ, ବିଶ୍ୱାଳ ମାଝୀ, କନ୍ଦା ମାଝୀ, ପି: ଭଦ୍ର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 113 | 0.06 | 0.02 | ଶାରଦ ତିନି | |
| | 114 | 0.29 | 0.01 | ଶାରଦ ତିନି | |
| | 121 | 0.58 | 0.03 | ଶାରଦ ତିନି | |
| 154 | 377 | 1.28 | 0.12 | ଶାରଦ ତିନି | ବୁଧରାୟ ମାଝୀ, ପି: ଦୁଃଖିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 156 | 814 | 0.35 | 0.13 | ଶାରଦ ଦୁଇ | ଭଜ ମାଝୀ, ପି: ବିରାମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 817 | 0.50 | 0.18 | ଶାରଦ ଦୁଇ | |
| 162 | 663 | 0.29 | 0.18 | ଶାରଦ ତିନି | ଭିକା ମାଝୀ, ପି: ଚାନ୍ଦରାୟ ମାଝୀ, ଜା: ସାନ୍ତାଳ, ବା:ନିଜଗାଁ |
| | 379 | 2.29 | 0.80 | ଶାରଦ ତିନି | |
| 168 | 117 | 0.19 | 0.19 | ଶାରଦ ତିନି | ମଙ୍ଗଳା ମାଝୀ, ପି: କନ ମାଝୀ, ମଦନ ମାଝୀ, ପି: ଖାଣ୍ଡ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 375 | 0.40 | 0.01 | ଶାରଦ ତିନି | |
| 171 | 115 | 0.03 | 0.03 | ଶାରଦ ତିନି | ବଡ ମଦନ ମାଝୀ, ପି: ପାରୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 116 | 0.34 | 0.24 | ଶାରଦ ତିନି | |
| 177 | 92 | 0.13 | 0.01 | ଶାରଦ ଦୁଇ | ମାଣିକା ମାଝୀ, ପି: ରାମାୟ ମାଝୀ, ଚାନା ମାଝୀ, ସାମନା ମାଝୀ, ସଣ ମାଝୀ, ପି: ମାଣିକା ମାଝୀ, ସାଗରାମ ମାଝୀ, ପି: ଉନୁପା ମାଝୀ, ବାହ୍ଲୀ ମାଝୀ, ସ୍ୱା: ରେଣ୍ଟା ମାଝୀ, ଦୁଖା ମାଝୀ, ପି: ରେଣ୍ଟା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 93 | 0.30 | 0.26 | ଶାରଦ ଦୁଇ | |
| | 95 | 0.69 | 0.16 | ଶାରଦ ଦୁଇ | |
| | 336 | 0.43 | 0.01 | ଶାରଦ ତିନି | |
| 179 | 854 | 0.18 | 0.02 | ଶାରଦ ତିନି | ମାୟା ମାଝୀ, ପି: ହପା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 190 | 373 | 0.69 | 0.22 | ଶାରଦ ତିନି | ରାମଦେ ମାଝୀ, ପି: ଦୁଲା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 199 | 259 | 0.33 | 0.06 | ଶାରଦ ତିନି | ରାଣୀ ମାଝୀ, ସ୍ୱା: ଉନୁପା ମାଝୀ, ଜା: ସାନ୍ତାଳ, ବା: ମାଣିକପୁର, ସରପା ମାଝୀ, ସ୍ୱା: ସାଓଗେ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 209 | 28 | 0.41 | 0.20 | ଶାରଦ ତିନି | ସାଗରାମ ମାଝୀ, ପି: ଅନପା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 26 | 0.14 | 0.14 | ଆଶୁ | |
| 200 | 372 | 1.69 | 0.38 | ଶାରଦ ତିନି | ରାନ ମାଝୀ, ପି: ଗୋପାଳ ମାଝୀ, ପିଥ ମାଝୀ, ପକେ ମାଝୀ, ପି: କାନ୍ଦୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 374 | 0.16 | 0.06 | ଶାରଦ ତିନି | |
| 220 | 91 | 1.00 | 0.39 | ଶାରଦ ଏକ | ଶୁଣୁ ମାଝୀ, ପି: ହଗରା ମାଝୀ, ହରେନ୍ଦ୍ର ମାଝୀ, ପି: ଦେବେନ୍ଦ୍ର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 94 | 0.56 | 0.20 | ଶାରଦ ଦୁଇ | |
| | 378 | 0.62 | 0.42 | ଶାରଦ ତିନି | |
| | 274 | 0.37 | 0.01 | ଆଶୁ | |
| 232/2 | 896/1041 | 0.23 | 0.07 | ଘରବାରି | ସହଦେବ ରାମ, ବିଜୟ ରାମ, ପି: ମଧୁ ରାମ, ଜା: ଓରାଣ, ବା: ବର୍ତ୍ତନା |
| 232/8 | 384 | 0.51 | 0.18 | ଶାରଦ ଦୁଇ | ଚାନା ହେମ୍ବ୍ରମ, ପି: ମାନିକା ହେମ୍ବ୍ରମ, ଜା: ସାନ୍ତାଳ, ବା: ନିଜଗାଁ |
| 232/14 | 273/1056 | 0.19 | 0.03 | ଶାରଦ ତିନି | କାର୍ତ୍ତିକ ଚନ୍ଦ୍ର ଟୁଡୁ, ମାସାଂ ଟୁଡୁ, ମଙ୍ଗଳ ଚରଣ ଟୁଡୁ, ପି: ମଦନ ମୋହନ ଟୁଡୁ, ଜା: ସାନ୍ତାଳ, ବା:ନିଜଗାଁ |
| 232/19 | 651/1050 | 0.69 | 0.03 | ଶାରଦ ଦୁଇ | ସିମନ ମହାନ୍ତ, ପି: ରୁଦୁ ମହାନ୍ତ, ଜା: କୁଡୁମି କ୍ଷେତ୍ରିୟ, ବା: ନିଜଗାଁ |
| 232/24 | 896/1057 | 0.25 | 0.20 | ଶାରଦ ଦୁଇ | ସାଧୁ ରାମ, ଗଣେଶ ରାମ, ବିରଞ୍ଚି ରାମ, ପି: ମାଲି ରାମ, ଜା: ଓରାଣ, ବା: ବର୍ତ୍ତନା |
| 232/50 | 835 | 0.46 | 0.02 | ଶାରଦ ତିନି | ନିତ୍ୟାନନ୍ଦ ରାମ, ପି: ଯତିନ୍ଦ୍ର ରାମ, ଜା: ଓରାଣ, ବା: କରଞ୍ଜିଆ |
| 232/57 | 665 | 0.31 | 0.01 | ଶାରଦ ତିନି | ନବୀନ ମହାନ୍ତ, ପି: ଘାସିରାମ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ଡମ୍ବରୁ ଡହର, ଥାନା: ବଇଶିଙ୍ଗା |
| 232/78 | 659 | 0.09 | 0.05 | ଶାରଦ ତିନି | ସହଦେବ ରାମ, ପି: ହାଡିଆ ରାମ, ଜା: ଓରାଣ, ବା: ନିଜଗାଁ |
| 232/79 | 659/1092 | 0.09 | 0.05 | ଶାରଦ ତିନି | ମଦନମୋହନ ରାମ, ମହେଶ୍ୱର ରାମ, ପ୍ରଭାକର ରାମ, ସୁରେନ୍ଦ୍ର ରାମ, ପି: ଚନ୍ଦ୍ରା ରାମ, ପିତାମ୍ବର ରାମ, କର୍ମୁ ରାମ, ପି: ଉପେନ୍ଦ୍ର ରାମ, ସାବିତ୍ରୀ ରାମ, ସ୍ୱା: ଉପେନ୍ଦ୍ର ରାମ, କୁନା ରାମ, ମୁନା ରାମ, ବିଶ୍ୱନାଥ ରାମ ପି: ଗଣେଶ୍ୱର ରାମ, ସୁବାସିନୀ ରାମ ସ୍ୱା: ଗଣେଶ୍ୱର ରାମ, ଜା: ଓରାଣ, ବା: ରାଘବପୁର |
| 232/80 | 662/1094 | 0.09 | 0.02 | ଶାରଦ ତିନି | ଇନ୍ଦ୍ର ରାମ, ପି: ସନା ରାମ, ଜା: ଓରାଣ, ବା: ନିଜଗାଁ |
| | 864/1100 | 0.16 | 0.16 | ଶାରଦ ତିନି | |
| 232/81 | 662 | 0.09 | 0.09 | ଶାରଦ ତିନି | ସଦା ରାମ, ପି: ଶ୍ୟାମ ରାମ, ଜା: ଓରାଣ, ବା: ନିଜଗାଁ |
| | 864 | 0.17 | 0.03 | ଘରବାରି | |
| 232/84 | 660/1093 | 0.08 | 0.08 | ଶାରଦ ତିନି | ଅନନ୍ତ ରାମ, ପି:କାର୍ତ୍ତିକ ରାମ, ଜା: ଓରାଣ, ବା: ନିଜଗାଁ |
| 232/87 | 661 | 0.18 | 0.09 | ଶାରଦ ତିନି | ରସିକ ରାମ, ମିଥୁନ ରାମ, ପୂର୍ଣ୍ଣମୀ ରାମ, ଗଙ୍ଗାରାମ ରାମ, ସୁମତୀ ରାମ, ଛବି ରାମ, ଅଞ୍ଜଳି ରାମ, ପି: ଯତନ ରାମ, ଇଚ୍ଛାମଣୀ ରାମ, ସ୍ୱା: ଯତନ ରାମ, ଜା:ଓରାଣ, ବା: ନିଜଗାଁ |
| | 863 | 0.30 | 0.06 | ଶାରଦ ତିନି | |
| 232/105 | 105 | 0.14 | 0.11 | ଶାରଦ ଦୁଇ | ଶକୁନ୍ତଳା ଟୁଡୁ, ସ୍ୱା: ଗାଲୁ ଟୁଡୁ, ଚମ୍ପା ମୁର୍ମୁ, ସ୍ୱା: ସୁରାଇ ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| 232/106 | 128/1127 | 0.20 | 0.20 | ଶାରଦ ତିନି | ରାଧାରାଣି ଟୁଡୁ, ସ୍ୱା: କିଶୋର ଟୁଡୁ, ଚମ୍ପାମଣି ମୁର୍ମୁ, ସ୍ୱା: ସୁରାଇ ମୁର୍ମୁ, ଜା: ସାନ୍ତାଳ, ବା:ନିଜଗାଁ |
| | 126 | 0.24 | 0.20 | ଶାରଦ ତିନି | |
| | 127 | 0.04 | 0.04 | ବଗାୟତ ତିନି | |
| 232/128 | 817/1167 | 0.24 | 0.12 | ଶାରଦ ଦୁଇ | ଟିକା ମାଝୀ, ପି: ଭଞ୍ଜ ମାଝୀ, ମାନ୍ଦ ସରେନ, ସ୍ୱା: ବିରାମ ସରେନ, ରାମରାଏ ସରେନ, ଶାନ୍ତି ସରେନ, ପି: ବିରାମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 234/1 | 90 | 0.29 | 0.02 | ଶାରଦ ଦୁଇ | ଦୁଲା ମାଝୀ, ଶୁଣୁ ମାଝୀ, ପି: ହଗରା ମାଝୀ, ହରେନ୍ଦ୍ର ମାଝୀ, ପି: ଦେବେନ୍ଦ୍ର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ମୋଟ | ୧୦୭ ପ୍ଲଟକୁ | ଏ.୫୧.୭୮ ଡେ.ମି. | ଏ.୧୫.୭୮ ଡେ.ମି. | | |

Sd./- Amin, Deuli Zone
Sd./- Revenue Inspector, Deuli Zone
Sd./- Zone Officer-cum-L.A. Collector, S.I.P. Deuli Zone
Sd./- Spl. Land Acquisition Officer, S.I.P., Baripada

OIPR:

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ ଏସିଆ କପ୍ ବଧିର କ୍ରିକେଟ



ଖବରଦାତା ସମ୍ମିଳନୀରେ ଭାରତୀୟ ଦଳର ଜର୍ସି ଉନ୍ମୋଚନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

- ବାରବାଟୀରେ ଭାରତ-ଶ୍ରୀଲଙ୍କା ଉଦ୍‌ଘାଟନୀ ମ୍ୟାଚ
- ଜାତୀୟ ଦଳରେ ୨ ଖେଳାଳିଙ୍କ ସମେତ ୪ ଓଡ଼ିଆ

**କଟକ,୧୮।୨(କୁମାରଶ୍ରୀ)**

ଏସିଆନ ବଧିର କ୍ରିକେଟ ସଂଘ(ଏଡିସିଏ) ଏବଂ ଭାରତୀୟ ବଧିର କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ଗୁରୁବାରଠାରୁ କଟକରେ ଏସିଆ କପ୍ ଆରମ୍ଭ ହେବ। ଟି୨୦ ଫର୍ମାଟରେ ସମସ୍ତ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଆୟୋଜକ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ହେବ। ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ନରେ ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ବାବଦରେ ବିସ୍ତୃତ ସୂଚନା ଦିଆଯାଇଛି। ଭାରତୀୟ ଦଳର ଅଧିନାୟକ ଭିରେନ୍ଦ୍ର ସିଂଙ୍କ ଉପସ୍ଥିତିରେ ଜର୍ସି ଉନ୍ମୋଚନ ଅନୁଷ୍ଠିତ ହୋଇଯାଇଛି।

୨୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଆୟୋଜକ ଭାରତ ସମେତ ଶ୍ରୀଲଙ୍କା ଏବଂ ନେପାଳ ଭାଗନେବେ। ପ୍ରତ୍ୟେକ ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳିବେ। ପଏଣ୍ଟ ଆଧାରରେ ଶ୍ରେଷ୍ଠ ଦୁଇ ଦଳ ଫାଇନାଲରେ ପ୍ରବେଶ କରିବେ। ତେବେ ୨୨ଜଣିଆ ଭାରତୀୟ ଦଳରେ ୪ଜଣ ଓଡ଼ିଆ ସ୍ଥାନ ପାଇଛନ୍ତି। ଅଲରାଉଣ୍ଡର ସନ୍ତୋଷ କୁମାର ମହାପାତ୍ର, ଫାଷ୍ଟ ବୋଲର ଶିବୁନ ନନ୍ଦ ଖେଳାଳି ତାଲିକାରେ ରହିଛନ୍ତି। ଶକ୍ତି ସ୍ୱରୂପ ଦାସ ସହକାରୀ କୋଚ୍ ଏବଂ ଜଗନ୍ନାଥ ଟ୍ରେନର ଭାବେ ଦଳସହ ରହିଛନ୍ତି। ଏଡିସିଏର ସୋସିଆଲ ମିଡିଆ ପ୍ଲାଟଫର୍ମରେ ସମସ୍ତ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ। ଏଡିସିଏ ସଭାପତି ସୁମିତ ଜୈନ କହିଛନ୍ତି ଯେ, ଏସିଆନ ବଧିର କ୍ରିକେଟ ସଂଘର ଯାତ୍ରାରେ ଏଭଳି ଏକ ଟୁର୍ଣ୍ଣାମେଣ୍ଟ ନୂଆ ମାଇଲଖୁଣ୍ଟ ପ୍ରତିଷ୍ଠା କରିବ। ଏସିଆ ମହାଦେଶର ବଧିର କ୍ରିକେଟ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜନ ହେଉଥିବା ଟୁର୍ନାମେଣ୍ଟକୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଏବଂ ଓଡ଼ିଶା ବଧିର କ୍ରିକେଟ ସଂଘ(ଓଡିସିଏ) ପକ୍ଷରୁ ସମର୍ଥନ ମିଳୁଛି ବୋଲି ସୁମିତ କହିଛନ୍ତି। ଏଡିସିଏ ନିର୍ଦ୍ଦେଶକ ରୋମା ବଲୱାନି ବାରବାଟୀର କ୍ରିକେଟ ପରିବେଶକୁ ପ୍ରଶଂସା କରିଛନ୍ତି।

## ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୩


ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ

**କଟକ,୧୮।୨(କୁମାରଶ୍ରୀ)**

ମାର୍ଚ୍ଚ ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ସିନିୟର ମହିଳା ଆନ୍ତଃଜୋନାଲ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥି ନିମନ୍ତେ ବୁଧବାର ଘୋଷିତ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୩ଜଣ ସ୍ଥାନ ପାଇଛନ୍ତି। ରାଜ୍ୟ ଦଳର ବରିଷ୍ଠ ଖେଳାଳି ମାଧୁରୀ ମେହେଟା, ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଏବଂ ଅଲରାଉଣ୍ଡର ତନ୍ମୟୀ ବେହେରା ଚୂଡାନ୍ତ ୧୬ ଜଣିଆ ଦଳରେ ସାମିଲ ହୋଇଛନ୍ତି। ଏପରିକି ସୁଶ୍ରୀଙ୍କୁ ଉପଅଧିନାୟିକା ଦାୟିତ୍ୱ ଦିଆଯାଇଛି।

# ଖେଳିବା ପୂର୍ବରୁ ଆମକୁ ବାସନ ମାଜିବାକୁ ପଡୁଥିଲା: ପାକିସ୍ତାନ ହକି ଅଧିନାୟକ ଶକିଲ

**କରାଚୀ,୧୮।୨(ପି.ଟି.)**

ବିବାଦୀୟ ଅଷ୍ଟ୍ରେଲିଆ ଟୁର୍‌ରୁ ଫେରିବା ପରେ ପାକିସ୍ତାନ ହକି ଅଧିନାୟକ ଶକିଲ ଅହମଦ ବଟ୍ ଜାତୀୟ ହକି ଫେଡେରେଶନ(ପିଏଚ୍‌ଏଫ୍)କୁ କଡ଼ା ଶବ୍ଦରେ ସମାଲୋଚନା କରିଛନ୍ତି। ଏହି ଟୁର୍‌ରେ ତାଙ୍କ ଦଳ କେବଳ ରହିବା ଲାଗି ଘଣ୍ଟା ଘଣ୍ଟା ଧରି ରାସ୍ତାରେ ବିତାଇଥିଲା। କେବଳ ଏତିକି ନୁହେଁ, ବରଂ ଖେଳାଳିଙ୍କୁ ମ୍ୟାଚ୍ ଖେଳିବା ପୂର୍ବରୁ ବାସନ ମାଜିବାକୁ ପଡ଼ିଥିଲା। 'ବର୍ତ୍ତମାନ ଫେଡେରେଶନ ଦାୟିତ୍ୱରେ ଥିବା ମ୍ୟାନେଜ୍‌ମେଣ୍ଟ ସହ ଆମେ କାମ କରିପାରିବୁ ନାହିଁ। ମ୍ୟାଚ୍‌ରେ ଖେଳିବା ପୂର୍ବରୁ ଖେଳାଳିମାନଙ୍କୁ କିଚେନ୍ ଓ ବାସନ ସଫା କରିବାକୁ ପଡୁଥିବା ବେଳେ ଆମଠାରୁ କେଉଁଭଳି ଫଳାଫଳ ଆଶା କରାଯାଇପାରିବ। ସବୁଠୁ ଦୁଃଖଦାୟକ କଥା ହେଲା, ଆମକୁ ୧୩ ଦିନ ଧରି ଅଷ୍ଟ୍ରେଲିଆରେ ରହିବାକୁ ଥିବା ବେଳେ ୧୦ ଦିନ ପାଇଁ ରହିବା ବ୍ୟବସ୍ଥା କରାଯାଇଥିଲା। ୧୦ ଦିନ ପରେ ଆମକୁ ଶସ୍ତା ହୋଟେଲରେ ରହିବାକୁ ପଡ଼ିଥିଲା' ବୋଲି ଶକିଲ ବୁଧବାର କରାଚୀ ବିମାନବନ୍ଦରରେ ପହଞ୍ଚିବା ପରେ କହିଛନ୍ତି। ଏଥିସହିତ ସେ ପ୍ରକାଶ କରିଛନ୍ତି, ଆମକୁ ଆଗକୁ ବଢ଼ିବାକୁ ହେଲେ ଜଣେ ବିଦେଶୀ କୋଚ୍ ଦରକାର। ଆମ ପାଖରେ ଖେଳାଳିଙ୍କ ଭଲ କମ୍ବିନେଶନ ରହିଛି। କିନ୍ତୁ ଆମକୁ ବିଦେଶୀ କୋଚ୍ ଓ ଭଲ ମ୍ୟାନେଜ୍‌ମେଣ୍ଟ ଜରୁରୀ।

ସାର୍ବଜନୀନ ସୂଚନା (ମୂଳ ବିକ୍ରୟ ଦଲିଲ ହରାଇଥିବା ସମ୍ବନ୍ଧରେ) ମୁଁ ଶ୍ରୀମତୀ ସୁଭାଶ୍ରୀ ଦାସ, ପିତା- ଶ୍ରୀ ରବୀନ୍ଦ୍ରନାଥ ଦାସ, ସ୍ୱାମୀ- ଶ୍ରୀ ରାଜେନ୍ଦ୍ର ନାରାୟଣ ବେହେରା, ବସବାସୀ- ପ୍ଲଟ୍ ନଂ ୩୪୧, ଅମରାଇଲ, ନମାରୋ, ଅସ୍ତରଙ୍ଗ, ପୁରୀ, ଓଡ଼ିଶା-୭୫୨୧୦୯, ସାଧାରଣ ଲୋକଙ୍କୁ ଏହିମାଧ୍ୟମରେ ସୂଚନା ଦେଉଛି ଯେ ମୂଳ ଲିଙ୍କଡ୍ ସେଲ୍ ଡିଡ୍ ନଂ ୧୧୧୨୧୦୦୧୭୪୦, ତାରିଖ ୧୬.୦୮.୨୦୧୦, ଯାହା ପ୍ଲଟ୍ ନଂ ୬୦୯, ଖତା ନଂ ୧୦୩, ମୌଜା- ଦୁର୍ଗାପୁର, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ସମ୍ବନ୍ଧୀୟ, ସେହି ଦଲିଲ ହରାଇଯାଇଛି ଏବଂ ଅନେକ ଖୋଜିଲେ ମଧ୍ୟ ମିଳୁନାହିଁ। ଏହି ଦଲିଲ ସମ୍ବନ୍ଧିତ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ରେକର୍ଡ ରହିଛି ଏବଂ ଏହା ଏକ ମୂଲ୍ୟବାନ ମାଲିକାନା ପତ୍ର। ଏହା ସମ୍ବନ୍ଧରେ ବଡଗଡ ପୋଲିସ୍ ଷ୍ଟେସନ୍, ଭୁବନେଶ୍ୱରରେ ଅଭିଯୋଗ ନଂ ୦୧୪, ତାରିଖ ୧୧.୦୨.୨୦୨୬ ରେ ଦାଖଲ କରାଯାଇଛି। କେହି ଏହି ମୂଳ ଦଲିଲ ପାଇଥିଲେ କିମ୍ବା ନିଜ ଅଧୀନରେ ରଖିଥିଲେ, ପ୍ରକାଶନ ତାରିଖରୁ ୧୫ ଦିନ ମଧ୍ୟରେ ନିମ୍ନୋକ୍ତ ଠିକଣାରେ ଫେରାଇବାକୁ ଅନୁରୋଧ କରାଯାଉଛି। ଏହି ସମ୍ପତ୍ତି ସମ୍ବନ୍ଧରେ କାହାରି କୌଣସି ଦାବିଥିଲେ, ୧୫ ଦିନ ମଧ୍ୟରେ ଲିଖିତ ଭାବେ ଜଣାଇବେ; ନହେଲେ ପରବର୍ତ୍ତୀ ସମୟରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ। ୯୬୬୯୯୯୮୯୬୦, subhashree.das1@gmail.com ଶ୍ରୀମତୀ ସୁଭାଶ୍ରୀ ଦାସ

## ବାଦ୍ ପଡ଼ିଲେ ପାଥିରାନା

**କଲମ୍ବୋ,୧୮।୨:** ଚଳିତ ଟି୨୦ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିଥିବା ଶ୍ରୀଲଙ୍କା ଦଳକୁ ବୁଧବାର ଶକ୍ତ ଆଘାତ ଲାଗିଛି। ଦଳର ମୁଖ୍ୟ ପେସର ମାଥିଶା ପାଥିରାନା ଇଞ୍ଜୁରି କାରଣରୁ ଟୁର୍ନାମେଣ୍ଟର ଅବଶିଷ୍ଟାଂଶରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ବାମହାତୀ ପେସର ଦିଲ୍‌ଶାନ ମଦୁଶଙ୍କାଙ୍କୁ ଦଳରେ ସାମିଲ କରିବାକୁ ଆଇସିସିର ଇଭେଣ୍ଟ ଟେକ୍‌ନିକାଲ କମିଟି ଅନୁମତି ଦେଇଛି। ଏଥିପୂର୍ବରୁ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି କାରଣରୁ ସ୍ପିନ୍ ଅଲ୍‌ରାଉଣ୍ଡର ୱାନିନ୍ଦୁ ହସରଙ୍ଗା ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଥିଲେ।

# ରଣଜୀ ଟ୍ରଫି: ପ୍ରଥମଥର ଫାଇନାଲରେ ଜମ୍ମୁ-କଶ୍ମୀର

**କଲ୍ୟାଣୀ, ୧୮।୨ (ପି.ଟି.)**

ରଣଜୀ ଟ୍ରଫିରେ ଖେଳିବା ଆରମ୍ଭ କରିବାର ୬୭ ବର୍ଷ ପରେ ଜମ୍ମୁ-କଶ୍ମୀର ପ୍ରଥମଥର ପାଇଁ ରଣଜୀ ଟ୍ରଫି ଫାଇନାଲରେ ପ୍ରବେଶ କରିଛି। ଆକିବ ନବି ଦାରଙ୍କ ଘାତକ ବୋଲିଂ ବଳରେ ଜମ୍ମୁ-କଶ୍ମୀର ବୁଧବାର ସେମିଫାଇନାଲରେ ଦୁଇଥରର ଚାମ୍ପିୟନ ବେଙ୍ଗଲକୁ ୬ ଉଇକେଟରେ ହରାଇ ଏହି ଐତିହାସିକ ସଫଳତା ପାଇଛି। ମ୍ୟାଚ୍‌ରେ ଆକିବ ନବି ୯ ଉଇକେଟ ନେଇଥିବା ବେଳେ ଆଇପିଏଲ୍ ଷ୍ଟାର ଅବ୍‌ଦୁଲ ସମଦ ଉଭୟ ଇନିଂସ୍‌ରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ।

ପ୍ରଥମ ଇନିଂସ୍‌ରେ ବେଙ୍ଗଲ ୩୨୮ ରନ୍ କରିଥିବା ବେଳେ ଜମ୍ମୁ-କଶ୍ମୀର ୩୦୨ ରନ୍ କରିଥିଲା। ୨୬ ରନ୍‌ରେ ଆଗୁଆ ଥିବା ବେଙ୍ଗଲ ଦ୍ୱିତୀୟ ଇନିଂସ୍‌ରେ ୯୯ ରନ୍ ମଧ୍ୟରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ୧୨୬ ରନ୍‌ର ବିଜୟଲକ୍ଷ୍ୟକୁ ମ୍ୟାଚ୍‌ର ଚତୁର୍ଥ ଦିନରେ ଜମ୍ମୁ-କଶ୍ମୀର ୪ ଉଇକେଟ ହରାଇ ହାସଲ କରିନେଇଥିଲା। ସମଦ ୩୦(୩ ଚୌକା ଓ ୧ ଛକା) ଓ ବଂଶଜ ଶର୍ମା ଅପରାଜିତ ୪୩(୪ ଚୌକା) ରନ୍‌କରି ଦଳକୁ ଜିତାଇଥିଲେ।

### ସଂଘର୍ଷପୂର୍ଣ୍ଣ ଇତିହାସ

ଜମ୍ମୁ-କଶ୍ମୀର ଚଳିତ ସିଜନ ପୂର୍ବରୁ ୩୩୪ଟି ରଣଜୀ ମ୍ୟାଚ୍ ଖେଳି ମାତ୍ର ୪୫ଟିରେ ଜିତିଥିଲା। ସେମାନଙ୍କୁ ପ୍ରଥମ ବିଜୟ ହାସଲ କରିବା ପାଇଁ ୪୪ ବର୍ଷ ଲାଗିଥିଲା। ୧୯୮୨-୮୩ ସିଜନରେ ସର୍ଭିସେସ୍ ବିପକ୍ଷରେ ଜମ୍ମୁ-କଶ୍ମୀର ତା'ର ପ୍ରଥମ ମ୍ୟାଚ୍ ଜିତିଥିଲା। ରଣଜୀ ଟ୍ରଫିର ନକ୍‌ଆଉଟ୍ ପର୍ଯ୍ୟାୟରେ ଦଳ ଖୁବ୍ କମ୍ ଖେଳିଛି। ୨୦୧୩-୧୪ ସିଜନରେ ନେଟ୍ ରନ୍‌ରେଟ୍ ଆଧାରରେ ଗୋଆକୁ ପଛରେ ପକାଇ ଓ ୨୦୧୫-୧୬ ସିଜନରେ ରାଜ୍ୟର ଷ୍ଟାର ଖେଳାଳି ପରଭେଜ ରସୁଲଙ୍କ ନେତୃତ୍ୱରେ ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇକୁ ହରାଇ ଜମ୍ମୁ-କଶ୍ମୀର କ୍ୱାର୍ଟର ଫାଇନାଲ ଖେଳିଥିଲା। ଗତ ୨୦୨୪-୨୫ ସିଜନର କ୍ୱାର୍ଟର ଫାଇନାଲରେ ଜମ୍ମୁ-କଶ୍ମୀର ୧ ରନ୍‌ରେ କେରଳଠାରୁ ପରାଜିତ ହୋଇଥିଲା। ହେଲେ ସ୍ଥିର ପ୍ରଦର୍ଶନ ପାଇଁ ଦଳକୁ ଏକ ଦଶନ୍ଧି ଲାଗି ଅପେକ୍ଷା କରିବାକୁ ପଡ଼ିଥିଲା। କୋଚ୍ ଅଜୟ ଶର୍ମା ଓ ଅଧିନାୟକ ପାରସ ଡୋଗ୍ରାଙ୍କ ନେତୃତ୍ୱରେ ଜମ୍ମୁ-କଶ୍ମୀର ଦଳର ବିଶ୍ୱାସ ଫଳାଫଳରେ ପ୍ରତିଫଳିତ ହୋଇଥିଲା।

### ଡୋଗ୍ରାଙ୍କ ମାଇଲଷ୍ଟୋନ୍

୪୧ ବର୍ଷୀୟ ଅଧିନାୟକ ପାରସ ଡୋଗ୍ରା ଏହି ମ୍ୟାଚ୍‌ରେ ନିଜ କ୍ୟାରିୟରରେ ଏକ ମାଇଲଷ୍ଟୋନ୍ ପୂରଣ କରିଛନ୍ତି। ୨୪ ବର୍ଷର ଲମ୍ବା କ୍ୟାରିୟରରେ ହିମାଚଳ ପ୍ରଦେଶ, ପୁଡୁଚେରୀ ଓ ଜମ୍ମୁ-କଶ୍ମୀର ପାଇଁ ଖେଳିଥିବା ଡୋଗ୍ରା ରଣଜୀ ଟ୍ରଫିରେ ୧୦ ହଜାର ରନ୍ ପୂରଣ କରିଛନ୍ତି। ମୁମ୍ବାଇର ୱାସିମ୍ ଜାଫରଙ୍କ ପରେ ଡୋଗ୍ରା ଦ୍ୱିତୀୟ ବ୍ୟାଟର ଭାବେ ରଣଜୀ ଟ୍ରଫିରେ ଦଶ ହଜାର ରନ୍ କରିଛନ୍ତି।


# Classified Everyday
0674-2580101, 9692975378


REAL ESTATE

**SALE**

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537.
D-3215


CONSTRUCTION

Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469. D-3190




All types of physiotherapy and massage contact 9556924059/ 7656969134. D-3416

**LOST**

ମୁଁ, ରେବତୀ ପାଣୀ, ସ୍ୱାମୀ- ଜ୍ୟୋତି ଭୂଷଣ ପାଣୀ, ବାସସ୍ଥାନ- ୨୧୨, ଖାରବେଳନଗର, ଭୁବନେଶ୍ୱର, ୭୫୧୦୦୧, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ମୋ ସମ୍ପତ୍ତି ଯାହା ମୌଜା- ଡୁମୁଡୁମା, ଖାତା ନମ୍ବର ୪୩୨/୭୬୩ ଏବଂ ୪୩୨/୭୯୬, ପ୍ଲଟ୍ ନମ୍ବର- ୫୪୯/୧୯୫୭, ୫୪୭/୧୯୫୬ ଏବଂ ୫୪୮/୧୯୮୮, ସମୁଦାୟ ଏରିଆ ଏ୦.୩୫୫ଡିସିମିଲ, ଥାନା- ଖଣ୍ଡଗିରିରେ ଅବସ୍ଥିତ। ତାହାର ଉପରଲିଖିତ ମୂଳ ୨ଟି ପଟ୍ଟା ଓ ଗୋଟିଏ ମୂଳ ଦଲିଲ ନମ୍ବର ୭୫୦୨ ତା.୨୯।୧୨।୧୯୮୪ରିଖ ଯାହା ବିକ୍ରେତା ଟୁନେନ୍ଦ୍ର କୁମାର ପଟ୍ଟନାୟକ, ଜ୍ଞାନେନ୍ଦ୍ର କୁମାର ପଟ୍ଟନାୟକ ଓ ଚିତ୍ତରଞ୍ଜନ ପଟ୍ଟନାୟକ, କ୍ରେତା ମୁଁ ରେବତୀ ପାଣୀ ନାମରେ ଥିଲା ଯାହା ଘରେ ବହୁତ ଖୋଜାଖୋଜି କଲାପରେ ନ ମିଳିବାରୁ ମୁଁ ଖାରବେଳନଗର ଥାନାରେ ଏତଲା ଦାୟର କରିଛି ଯାହାର ନମ୍ବର ଜି.ଡି ୦୧୯ ତା.୨୭।୦୧।୨୦୨୬ରିଖ। କାରଣ ମୁଁ ଏହି ଜାଗାଟିକୁ ଓକାସା ରିୟଲିଟ୍ ଓ ରିସର୍ଟ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀକୁ ପାୱାର ଦେଇଅଛି। ମୁଁ ଉକ୍ତ ପଟ୍ଟା ଓ ଦଲିଲକୁ କୌଣସି ବ୍ୟାଙ୍କ କିମ୍ବା କୌଣସି ଋଣ ଦେଉଥିବା ସଂସ୍ଥାରେ ବନ୍ଧକ ଦେଇନାହିଁ। ଯଦି ଏହି ପଟ୍ଟା ଓ ଦଲିଲ କାହାକୁ ମିଳେ ତେବେ ରେବତୀ ପାଣୀ, ୨୧୨ ଖାରବେଳନଗର, ୟୁନିଟ୍- ୩, ଭୁବନେଶ୍ୱର (ମୋ) ୯୯୩୭୦୩୮୯୯୯ ରେ ଯୋଗାଯୋଗ କରନ୍ତୁ। ଧ-୩୪୦୮

**AFFIDAVIT**

ରିଶିକେଶ ରାୟ, ବୟସ ୨୦, ପିତା- ଶ୍ରୀକାନ୍ତ ରାୟ, ଘର ରତଳାଙ୍ଗ, ଥାନା- ବରି, ଜିଲ୍ଲା- ଯାଜପୁର। ବର୍ତ୍ତମାନ ରହୁଛି MIII/84, ମଧୁବନ, ପାରାଦୀପ, ଜଗତସିଂହପୁର। ତା.୧୩।୦୨।୨୦୨୬ରିଖରେ ଜଗତସିଂହପୁରର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଶପଥ ନିଆଯାଇଥିବା ଏହି ପ୍ରମାଣପତ୍ର ଅନୁସାରେ ଆଗାମୀରେ ମୋତେ "ରିଶିକେଶ ରାୟ, ଶ୍ରୀକାନ୍ତ ରାୟ"ଙ୍କ ପୁତ୍ର କିମ୍ବା "ଶ୍ରୀକାନ୍ତ ରାୟ" ବୋଲି ସମସ୍ତ କାର୍ଯ୍ୟରେ ଲଗାଯାଇପାରିବ।
ଧ-୩୪୧୯

An affidavit sworn before the Executive Magistrate, Bhawanipatna, on 18.02.2026, I, Sushree Sangita Panigrahi, D/o. Anil Kumar Panigrahi declare that after getting married on 23.04.2008 to Ajaya Kumar Panda, S/o. Banamali Panda of Shaktinagar Para, Bhawanipatna have changed my name from Sushree Sangita Panigrahi to Sangita Panda. Henceforth, I shall be known and identified as Sangita Panda for all purposes.
D-3420

By virtue of an affidavit sworn before the Executive Magistrate, Kundra, I, Shri Ambu Patra, resident of At-Khotalapadar, P.O.- Bhusangaguda, P.S.- Kundra, Dist.- Koraput declared by this affidavit No. 27, Dtd.-16.02.2026 that in my son's actual name is "ANKUS KUMAR PATRA", but in his school certificate has been wrongly mentioned as ANKUSH KUMAR PATRO. That now he wants to change his name from Ankus Kumar Patra for all purposes. So I swear that Ankus Kumar Patra and Ankush Kumar Patro is one and same person i.e. my son's name only.
Ambu Patra
Deponent
D-3423

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


୰ପ୍ରଫେସର ଡଃ ରଘୁନାଥ ମହାପାତ୍ର
ଲକ୍ଷ୍ମୀନଗର ଲେନ୍ ୨, ବିଡ଼ାନାସୀ, କଟକ
ଆବିର୍ଭାବ- ୧୬।୦୨।୧୯୩୮
ତିରୋଧାନ- ୦୮।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଆତ୍ମୀୟସ୍ୱଜନ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୩୪୧୮


**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


୰ଦୁର୍ଗା ଚରଣ ସାହୁ
କୃଷି ବିଭାଗ, ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ, ଉତ୍କଳ କଳିକାର ରଚୟିତା
ଅର୍ଜୁନ ପୁର, କେନ୍ଦ୍ରାପଡ଼ା
ଆବିର୍ଭାବ : ୦୮।୦୩।୧୯୪୮
ତିରୋଧାନ : ୦୯।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପତ୍ନୀ- ଆରତୀ, ପୁତ୍ର: ଲଳିତ, ଲୋକନାଥ, ଲକ୍ଷ୍ମୀନାରାୟଣ, ପୁତ୍ର ବଧୂ: ନମିତା, ସୀମା, ସୁଚିତ୍ରା, କନ୍ୟା: ଲକ୍ଷ୍ମୀପ୍ରିୟା, ନାତି ନାତୁଣୀ: ମାମା, ସୋମୁ, ସୁଚରିତା, ଶୁଭଜିତା, ଶୁଭସ୍ମିତା, ନୃସିଂହ, ବନ୍ଧୁ, ପରିଜନ ଓ ଆତ୍ମୀୟସ୍ୱଜନ।
ଧ-୩୪୨୧

**୨୬ତମ ଶ୍ରାଦ୍ଧବାର୍ଷିକୀ**


ସ୍ୱର୍ଗତ ଡ. ପ୍ରଭାକର ରାଉତ
ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୦୨।୦୧।୧୯୪୪
ତିରୋଧାନ: ୦୭।୦୩।୨୦୦୦
ବାବା, ୨୬ବର୍ଷର ସମର୍ପଣ। ଆପଣଙ୍କ ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥ ପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ବନ୍ଧୁ ଓ ପରିବାରବର୍ଗ।
ଧ-୩୪୧୭

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତା ଗୀତାଞ୍ଜଳି ସେଠୀ
ଆବିର୍ଭାବ- ୧୪।୦୪।୧୯୭୧
ତିରୋଧାନ- ୧୭।୧୨।୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ- କିଶୋର ଚନ୍ଦ୍ର ସାହୁ, ପୁଅ - ରଶ୍ମିରଞ୍ଜନ ସାହୁ, ଭଣଜା- ଅନନ୍ତ କୁମାର ସାହୁ, ବଟକୃଷ୍ଣ, କାବୁଆ, ବନ୍ଧୁ ଓ ପରିବାରବର୍ଗ।
ଧ-୩୪୨୨


# ପଶ୍ଚିମବଙ୍ଗ ପୋଲିସ ସ୍ପୋର୍ଟ୍ସ କ୍ଲବ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

### ହିମାଂଶୁ ଦାସ ମେମୋରିଆଲ ଅଲ୍ ଇଣ୍ଡିଆ ଫୁଟ୍‌ବଲ ଟୁର୍ନାମେଣ୍ଟ

**ବାଲେଶ୍ୱର,୧୮।୨(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ପରମିଟ୍ ପଡ଼ିଆରେ ଚାଲିଥିବା ହିମାଂଶୁ ଦାସ ମେମୋରିଆଲ ଅଲ୍ ଇଣ୍ଡିଆ ଫୁଟ୍‌ବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବାଲେଶ୍ୱରର ହରିପ୍ଲାଷ୍ଟ ଟିମ୍ ଓ ପଶ୍ଚିମବଙ୍ଗ ପୋଲିସ ସ୍ପୋର୍ଟ୍ସ କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଦୁଇଦଳ କେହି କାହାରି ଉପରେ ଗୋଲ୍ ଦେଇପାରି ନ ଥିଲେ। ଖେଳ ଅମୀମାଂସିତ ରହିବାରୁ ପେନାଲଟି ସୁଟ୍‌ରେ ଫଳାଫଳ ନିର୍ଣ୍ଣୟ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ପଶ୍ଚିମବଙ୍ଗ ଟିମ୍ ୫-୩ ଗୋଲ୍‌ରେ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପଶ୍ଚିମବଙ୍ଗ ଟିମ୍‌ର ଖେଳାଳି ଲବ ହାଁସଦାଙ୍କୁ ବେଷ୍ଟ ସ୍କୋରର, ବେଷ୍ଟ ଗୋଲକିପର ହରି ପ୍ଲାଷ୍ଟର ବିକି ତିର୍କୀ, ହରି ପ୍ଲାଷ୍ଟର ଅଗଷ୍ଟିନ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ ପଶ୍ଚିମବଙ୍ଗ ଟିମ୍‌ର ଲବଙ୍କୁ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧ ଲକ୍ଷ ଟଙ୍କା ପୁରସ୍କାର ଏବଂ ରନରଅପ୍ ଟିମ୍‌କୁ ୫୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଆନ୍ତଃରାଷ୍ଟ୍ରୀୟ ଫୁଟ୍‌ବଲ ଖେଳାଳି ଅଲ୍‌ଭିଟ ଡୁନହା, ଫାଲକନ ଗ୍ରୁପ୍‌ର ଏମ୍‌ଡି ପ୍ରଭରଞ୍ଜନ ପଟ୍ଟନାୟକ, ଜାତୀୟ ମାନବାଧିକାର ଫେଡେରେଶନର ଓଡ଼ିଶା ମୁଖ୍ୟ ଆଲୋକ ରଞ୍ଜନ ପୃଷ୍ଟି, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶାର ଉପସଭାପତି ପଦ୍ମଲୋଚନ ଲେଙ୍କା, ବାଲେଶ୍ୱର ଜିଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବାଲେଶ୍ୱରର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ସ୍ୱର୍ଗତ ଦାସଙ୍କ ସ୍ମୃତିରେ ଆୟୋଜିତ ଏହି ଟୁର୍ନାମେଣ୍ଟ ଏକ ପ୍ରଶଂସନୀୟ ଉଦ୍ୟମ ବୋଲି ଅତିଥିମାନେ କହିଥିଲେ। ଯୁବ ଶିଳ୍ପୋଦ୍ୟୋଗୀ ସଞ୍ଜୟ ଦାସ ଟୁର୍ନାମେଣ୍ଟ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବାଲେଶ୍ୱରର ଭେଟେରାନ ଫୁଟ୍‌ବଲ ଖେଳାଳି ଗୋପାଳ ଚନ୍ଦ୍ର ସେଠୀ, ରମେଶ ଚନ୍ଦ୍ର ମଲ୍ଲିକ, ନିରୋଦ ମହାନ୍ତି ଓ ଆଶିଷ ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ହରିପ୍ଲାଷ୍ଟରର ମ୍ୟାନେଜିଂ ଡାଇରେକ୍ଟର ସଂଗ୍ରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଅଭିଯାନ ଶେଷ

### ସିନିୟର ମହିଳା ଏକଦିବସୀୟ କ୍ରିକେଟ

**କଟକ,୧୮।୨(କୁମାରଶ୍ରୀ)**

ରୋମାଞ୍ଚକ ମୁକାବିଲାରେ ମହାରାଷ୍ଟ୍ରଠାରୁ ପରାସ୍ତ ସହ ଚଳିତ ସିନିୟର ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଅଭିଯାନ ଶେଷ ହୋଇଛି। ୭ ମ୍ୟାଚ୍‌ରୁ ୪ ବିଜୟ ୩ ପରାଜୟ ସହ ୧୬ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ଏ'ରେ ୪ର୍ଥ ସ୍ଥାନରେ ରହିଛି। ରାଜକୋଟର ନିରଞ୍ଜନ ସାହା ଷ୍ଟାଡିୟମ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ଶେଷ ଲିଗ୍‌ରେ ମହାରାଷ୍ଟ୍ର ୧ ଉଇକେଟରେ ବିଜୟୀ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୯୮ରନରେ ଅଲଆଉଟ ହୋଇଥିଲା। ଓପନର ମାଧୁରୀ ମେହେଟା ସର୍ବାଧିକ ୮୮ରନ କରିଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ୯ ଉଇକେଟ ହରାଇ ଅନ୍ତିମ ଓଭରରେ ମହାରାଷ୍ଟ୍ର ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅଧିନାୟିକା ଏ.ଏ. ପାଟିଲ ଅପରାଜିତ ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ଇନିଂସ (୭୮ରନ) ଖେଳିଥିଲେ।





# ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା କର



ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

**ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ**

ଅନୁଗୋଳ,୧୮।୨(ଦିବ୍ୟଶାନ୍ତନୁ ନାଥ)

ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଜିଲାପାଳ ଗୁରୁତ୍ୱାରୋପ କରିବା ସହିତ ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଚଳ ନଳକୂପଗୁଡିକର ତୁରନ୍ତ ମରାମତି, ଜନଗହଳି ସ୍ଥାନଗୁଡ଼ିକରେ ଜଳଛତ୍ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରମିକମାନେ କାର୍ଯ୍ୟ କରୁଥିବା ସ୍ଥାନରେ ପାନୀୟଜଳ ଓ ଆଶ୍ରୟସ୍ଥଳ ବନ୍ଦୋବସ୍ତ କରାଯିବା ସହ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ଟାଣ ଖରାରେ କାମ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ସହିତ ପର୍ଯ୍ୟାପ୍ତ ପରିମାଣରେ ଓଆର୍‌ଏସ୍ ପାଉଡର, ସାଲାଇନ ବ୍ୟବସ୍ଥା ସହ ସଚେତନତା ସୃଷ୍ଟି କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହ ସମୟରେ ଯାତ୍ରୀବାହୀ ଗାଡ଼ିଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ ରଖିବା ଏବଂ ବସ ରହଣି ସ୍ଥାନଗୁଡ଼ିକରେ ବିଶ୍ରାମସ୍ଥଳୀ, ଜଳଛତ୍ର ଖୋଲିବା ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ସମୟ ନିର୍ଦ୍ଧାରଣ କରିବା ସହିତ ପାନୀୟ ଜଳ ଉପଲବ୍ଧ କରିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲା ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଶୁସମ୍ପଦ ପାଇଁ ପିଇବା ପାଣିର ବ୍ୟବସ୍ଥା କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଉପଜିଲାପାଳ ସମୀର କୁମାର ଜେନା, ଆଇଏଏସ୍ ପ୍ରୋବେଶନର କସ୍ତୁରୀ ସା, ଆଠମଲ୍ଲିକ ଉପଜିଲାପାଳ ଉପେନ୍ଦ୍ର ଲୋହା, ପାଲଲହଡ଼ା ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ, ଜିଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଏମ୍‌ସିଏଲ୍, ନାଲ୍‌କୋ, ଏନ୍‌ଟିପିସିର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ୭୯ ଜଣଙ୍କୁ ସହାୟକ ଉପକରଣ ପ୍ରଦାନ

ଅନୁଗୋଳ,୧୮।୨(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ବ୍ଲକ ଆନୁକୂଲ୍ୟରେ ରନ୍ତଲେଇ ପଞ୍ଚାୟତ ଅଫିସ ପରିସରରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ମାଧ୍ୟମରେ ଦିବ୍ୟାଙ୍ଗଜନ ଏବଂ ବରିଷ୍ଠ ନାଗରିକମାନଙ୍କୁ ସହାୟକ ଉପକରଣ ବଣ୍ଟନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ୭୯ ଜଣଙ୍କୁ ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ସହଯୋଗରେ ଚିହ୍ନଟ କରାଯାଇ ସହାୟତା ଉପକରଣ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱଭୂଷଣ, ରନ୍ତଲେଇ ସରପଞ୍ଚ ମୀନାକ୍ଷୀ ବେହେରା, ଜିଲା ପରିଷଦର ପୂର୍ବତନ ସଦସ୍ୟ ପ୍ରଶାନ୍ତ ପୃଷ୍ଟି, ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଲିମିଟେଡର ସାଧାରଣ ପ୍ରବନ୍ଧକ ସୁବ୍ରତ କୁମାର ଷଡ଼ଙ୍ଗୀ, ଅବସରପ୍ରାପ୍ତ ଡିଜିଏମ୍ ପ୍ରଦୀପ କୁମାର ପ୍ରଧାନ, ଇଲେକ୍ଟ୍ରିକାଲ ଡିଜିଏମ୍ ଘନଶ୍ୟାମ ଗିରି, ଏଚ୍‌ଆର୍ ଆଶିଷ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରମୋଦ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତ୍ରିଦିବେଶ ଦଳବେହେରା, ନୂଆମୌଜା ସରପଞ୍ଚ ବିକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ ପକ୍ଷରୁ ସହାୟକ ଉପକରଣ ପ୍ରଦାନ କରାଯାଉଛି।

# ଦକ୍ଷତା ବିକାଶ ତାଲିମ ନେଲେ ୭୨ କିଶୋରୀ

ଅନୁଗୋଳ,୧୮।୨(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ସମାଜ ମଙ୍ଗଳ ବୈଠକ ଗୃହରେ କିଶୋରୀମାନଙ୍କ ନିମନ୍ତେ ଜିଲାସ୍ତରୀୟ ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା, ଏଲ୍‌ଡିଏମ୍ ଚୌଧୁରୀ ଦୀପକ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରୁ ମୋଟ ୭୨ ଜଣ କିଶୋରୀ ଏହି ଶିବିରରେ ଯୋଗଦେଇ କମ୍ପ୍ୟୁଟର ଶିକ୍ଷା ଓ ଦକ୍ଷତା ବିକାଶ ଶିକ୍ଷା ନିଯୁକ୍ତି ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ଏହି କର୍ମଶାଳାରେ ଜିଲା ଦକ୍ଷତା ସଂଯୋଜକ ବିଶ୍ୱଜିତ ପଣ୍ଡା ଯୋଗଦେଇ ଜିଲାରେ କୃତିତ୍ୱ ଅର୍ଜନ କରିଥିବା କିଶୋରୀମାନଙ୍କ ଉଦାହରଣ ଦେଇ ଦକ୍ଷତା ବିକାଶ ତାଲିମ ନୂତନ ବାଟ ଦେଖାଇବ ବୋଲି କହିଥିଲେ। ସେହିପରି ମହିଳା ସୁରକ୍ଷା ଅଧିକାରୀ ରୁନୁ ପ୍ରଧାନ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହେବାକୁ ଉପସ୍ଥିତ କିଶୋରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଶିବିରକୁ ୟୁନିସେଫ୍ ଜିଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ ସଂଯୋଜନା କରିଥିବାବେଳେ ଜିଲା ମହିଳା ସଶକ୍ତୀକରଣ (ଡିଏଚ୍‌ଇଡବ୍ଲ୍ୟୁ) ଅଧିକାରୀ ବିଦ୍ୟାଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଅଧିକାରୀମାନଙ୍କ ସହ କିଶୋରୀମାନେ।

# ଯୁକ୍ତ ୨ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଲା ଏବିଭିପି





ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଅନୁଗୋଳ ଓ ଆଠମଲ୍ଲିକରେ ପରୀକ୍ଷାର୍ଥୀଙ୍କୁ ସ୍ୱାଗତ କରାଯାଉଛି।

ଅନୁଗୋଳ,୧୮।୨(ଦିବ୍ୟଶାନ୍ତନୁ ନାଥ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଅନୁଗୋଳ ଜିଲା ଅନୁଗୋଳ ନଗର ତରଫରୁ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୨ର ବିଜ୍ଞାନ ବିଭାଗ ପରୀକ୍ଷାର୍ଥୀମାନଙ୍କୁ ବୁଧବାର ଫୁଲ ଚନ୍ଦନ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପୂର୍ବର ରାଜ୍ୟ ସହ ସମ୍ପାଦକ ଆଶିଷ କୁମାର ବେହେରା, ଜିଲା ଏବଂ ରାଜ୍ୟ ସିଡିଡି ସଂଯୋଜକ ଉମେଶ ବାଘ, ପ୍ରୀତିସ୍ମିତା ନାୟକ, ସୁପ୍ରିୟା ନାଥ, ରୂପାଲୀ ପ୍ରଧାନ, ଜ୍ୟୋତିର୍ମୟୀ ମହାନ୍ତି, ନିହାରିକା ପ୍ରଧାନ ଉପସ୍ଥିତ ଥିଲେ। ସେହିପରି ଆଠମଲ୍ଲିକ ନଗର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ ଆଠମଲ୍ଲିକ ମହାବିଦ୍ୟାଳୟ ଓ ପଇଁଚକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ବିଭାଗ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ନଗର ସମ୍ପାଦକ ଅସିତ ରଞ୍ଜନ ପ୍ରଧାନ, ଜ୍ୟୋତିର୍ମୟ ଥାର୍ଟି, ହୃଷୀ ମୁଣ୍ଡା, ପ୍ରିୟତନ ବିଶ୍ୱାଳ, ସମ୍ବିତ ମିଶ୍ର, ସୁମନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା, ୧୮।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ବାଦିବାହାଲ ଗ୍ରାମର ଇତିଶ୍ରୀ ସାହୁ (୧୯)ଙ୍କୁ ତାଙ୍କ ସ୍ୱାମୀ ଚିନ୍ତାମଣି ପ୍ରଧାନ, ଶାଶୁ ଝଟକ ପ୍ରଧାନ ଯୌତୁକ ସହ ମାନସିକ ନିର୍ଯାତନା ଦେଉଥିବା ଇତିଶ୍ରୀ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୫୯/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ, ଇତିଶ୍ରୀ ଚିନ୍ତାମଣିଙ୍କୁ ବର୍ଷେ ପୂର୍ବରୁ ବୈଦିକ ରୀତିରେ ବିବାହ କରିଥିଲେ। ଏବେ ସେ ଗର୍ଭବତୀ ଥିବାବେଳେ ତାଙ୍କର ଯତ୍ନ ପରିବାର ଲୋକେ ଠିକ୍ ଭାବରେ ନେଉନାହାନ୍ତି। ତାଙ୍କୁ ପ୍ରତ୍ୟେକ ଦିନ ବିନା କାରଣରେ ମାଡ଼ ମାରିବା ସହ ବାପଘରୁ ୧ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ କହି ନିର୍ଯାତନା ଦେଉଥିବା ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

# ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



ନୂଆ ଅଧ୍ୟକ୍ଷଙ୍କ ସହ ଅଧ୍ୟାପିକା, ଅଧ୍ୟାପକମାନେ।

ବଁଆରପାଳ,୧୮।୨(ସୁବାସ ସାହୁ)

ଅନୁଗୋଳ ଜିଲା ବଁଆରପାଳସ୍ଥିତ ପାଞ୍ଚଗଡ଼ ସୋମନାଥ ସିଂହ ଜଗଦ୍ଦେବ ସ୍ନାତକ ମହାବିଦ୍ୟାଳୟର ବୁଧବାର ନୂଆ ଅଧ୍ୟକ୍ଷ ଭାବେ ବନ୍ତଳା ଡିଗ୍ରୀ କଲେଜ ଅଫ୍ ହାଇୟର୍ ଏଜୁକେଶନର ଅଧ୍ୟକ୍ଷ ପଦ୍ମଚରଣ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୂଆ ଅଧ୍ୟକ୍ଷ ମହାବିଦ୍ୟାଳୟକୁ ଦାୟିତ୍ୱ ନେବା ସହ ଅନୁଷ୍ଠାନର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ତଥା ଆଖପାଖ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ନୂଆ ଅଧ୍ୟକ୍ଷଙ୍କୁ ସ୍ୱାଗତ କରିଥିଲେ।

# ବନ୍ୟଜନ୍ତୁ-ମଣିଷ ସଂଘର୍ଷ ରୋକିବା ଉପରେ ଗୁରୁତ୍ୱ




ସଚେତନତା କାର୍ଯ୍ୟକ୍ରମରେ ବନ ବିଭାଗର ଅଧିକାରୀ ଓ ଗ୍ରାମବାସୀ।

ବନ୍ତଳା,୧୮।୨(ସୁଶିତ ସାହୁ)

ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ବନ୍ତଳା ପଞ୍ଚାୟତ ସାହାରାଗୋଡ଼ା ଗାଁରେ ଅନୁଗୋଳ ବନାଞ୍ଚଳ ଦ୍ୱାରା ଆୟୋଜିତ ଓ ପିପୁଲ ଫର୍ ଆନିମଲସ୍ ସହଯୋଗରେ ବୁଧବାର ଏକ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୀବଜନ୍ତୁ ଓ ମଣିଷ ସଂଘର୍ଷ ରୋକିବା ପାଇଁ ଏଥିରେ ଆଲୋଚନା ହୋଇଥିଲା। ଆଗାମୀ ଗ୍ରୀଷ୍ମଋତୁରେ ଜଙ୍ଗଲରେ ନିଆଁ ଯେପରି ନ ଲାଗିବ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ ଉପସ୍ଥିତ ବିଭାଗୀୟ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ବନରକ୍ଷୀ ନିହାରିକା ସାହୁ, ଗଜସାଥୀ ଲଳିତ ମୋହନ କର, ସୁମନ୍ତ କୁମାର ରାଉତ, ସନ୍ତୋଷ ନାଏକ, ପ୍ରକାଶ ପରିଡ଼ା, ଗଜମିତ୍ର ରତିକାନ୍ତ କର, ବାଦଲ ମହାଳିକ ଓ ଗ୍ରାମବାସୀ ମହେଶ୍ୱର ପରିଡ଼ା, ସୁରେଶ ନାଏକ, କୈଳାଶ ଚନ୍ଦ୍ର ପରିଡ଼ା, ଅକ୍ଷୟ ନାଏକ, ବୁଦ୍ଧିମନ୍ତ ଦାସ, ରଞ୍ଜନ ଦେହୁରୀ, ନିଶାମଣି ରାଉତ, ଛବି ନାଏକଙ୍କ ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଯୋଗଦେଇ ସହଯୋଗ କରିଥିଲେ।

# ବାସନ୍ତୀ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଅନୁଗୋଳ,୧୮।୨(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ବଁଆରପାଳ ଡେଲି ମାର୍କେଟଠାରେ ମା' ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହେବ। ଆସନ୍ତା ମାର୍ଚ୍ଚ ୨୩ ତାରିଖରୁ ୫ଦିନ ବ୍ୟାପୀ ଏହି ପୂଜା ହେବାକୁ ଥିବାବେଳେ ଏଥିନିମନ୍ତେ ମଙ୍ଗଳବାର ଗଡ଼ସନ୍ତ୍ରୀସ୍ଥିତ ମା' ଲୋଭୀ ଠାକୁରାଣୀଙ୍କ ପୀଠରେ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଯୁବ ବ୍ୟବସାୟୀ ସୁଧାଂଶୁ ବିଶ୍ୱାଳ ଦାୟିତ୍ୱ ସମ୍ପାଦନ କରିଥିଲେ। ସଂଯୋଜନା କମିଟି ପୂଜା କମିଟି ସଭାପତି ସୁବାସ ବାଘ, ପୂଜା କମିଟି ଉପଦେଷ୍ଟା ଦେବାଶିଷ ପ୍ରଧାନ, ସାଗର ବିଶ୍ୱାଳ, ଉପସଭାପତି ବିଶ୍ୱଜିତ ଦାସ, ଦିବ୍ୟରଞ୍ଜନ ଭୂତିଆ, ପ୍ରଭାତ ରଣା ସହସମ୍ପାଦକ ରାକେଶ ଦାସ, ଲୋକେଶ ନାଥ, କୋଷାଧ୍ୟକ୍ଷ ତ୍ରିଲୋଚନ ଭୂତିଆ, ସିପୁନ ଦାସ ପରିଚାଳନା କରିଥିଲେ।



ମାଟି ଅନୁକୂଳ ଅବସରରେ କମିଟି କର୍ମକର୍ତ୍ତାମାନେ।

# ୧୯୦୮ ଛାତ୍ରୀଛାତ୍ର ଦେବେ ମାଟ୍ରିକ୍ ପରୀକ୍ଷା

ଆଠମଲ୍ଲିକ,୧୮।୨(ଉଦୀପ୍ତ ପୁରୋହିତ)

ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହେବାକୁ ଯାଉଥିବାବେଳେ ଅନୁଗୋଳ ଜିଲା ଆଠମଲ୍ଲିକସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଅଧୀନରେ ଥିବା ୧୧ଟି ସେଣ୍ଟରରେ ୧୯୦୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପରୀକ୍ଷା କେନ୍ଦ୍ର ହୋଇଥିବା ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୨୮୮ ଜଣ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଥିବାବେଳେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସେଣ୍ଟରରେ ୧୫୦ ପରୀକ୍ଷାର୍ଥୀ, କୁଟେଶ୍ୱର ହାଇସ୍କୁଲରେ ୧୦୬, ଅଇଡ଼ା ହାଇସ୍କୁଲରେ ୨୩୧, ପୁରୁଣାମାଣତ୍ରୀ ଉଚ୍ଚ ବିଦ୍ୟାଳୟରେ ୮୧, ମାଧପୁର ଉଚ୍ଚ ବିଦ୍ୟାଳୟରେ ୧୪୦, କିଆକଟା ହାଇସ୍କୁଲରେ ୧୩୬, ଠାକୁରଗଡ଼ ହାଇସ୍କୁଲରେ ୧୭୦, ସାନହୁଲା ହାଇସ୍କୁଲରେ ୨୫୬, ପାଇକସାହି ହାଇସ୍କୁଲରେ ୧୮୪, ଅନ୍ଧାରିଆ ହାଇସ୍କୁଲରେ ୧୬୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ସ୍ଥିର ହୋଇଛି। ସକାଳ ୭ଟା ୩୦ରୁ ୮ଟା ୧୫ ଭିତରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ପାଇଁ ସମୟ ନିର୍ଘଣ୍ଟ ହୋଇଥିବାବେଳେ ୯ଟାରେ ପରୀକ୍ଷା ଆରମ୍ଭ ହେବ ବୋଲି ନୋଡାଲ ଅଧିକାରୀ ସୁନୀଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ସମର୍ପଣ ଟ୍ରଷ୍ଟ ସଭାପତିଙ୍କ ପରଲୋକ

ଅନୁଗୋଳ,୧୮।୨(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସମର୍ପଣ ଏକାଡେମୀର ପରିଚାଳନା ସଂସ୍ଥା ସମର୍ପଣ ଏଜୁକେଶନାଲ ଟ୍ରଷ୍ଟ ସଭାପତି ରଜତ ଚନ୍ଦ୍ର ଦେଓ(୬୦)ଙ୍କ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ



ରଜତ ଚନ୍ଦ୍ର ଦେଓ।

ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଗତ ସୋମବାର ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ୨ ଝିଅ ଉପସ୍ଥିତ ଥିଲେ। ପୁଅ ମଦନ ମୋହନ ଦେଓ ବଡ଼କେରଜାଙ୍ଗ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିବାବେଳେ ଝିଅ ବୈଷ୍ଣବୀ ଦେଓ ସମର୍ପଣ ଏକାଡେମୀର ଅଧ୍ୟକ୍ଷା ଭାବେ ଦାୟିତ୍ୱ ତୁଲାଉଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ଶିକ୍ଷା ମଣ୍ଡଳୀର ବିଭିନ୍ନ ବ୍ୟକ୍ତିତ୍ୱ ଓ ଅଞ୍ଚଳବାସୀ ତାଙ୍କ ଦେହାନ୍ତରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ସେମିଫାଇନାଲକୁ ଗଲା କାଇଁଶିରିପାଲି



ମ୍ୟାଚ ଆରମ୍ଭ ପୂର୍ବରୁ ଖେଳାଳିଙ୍କ ସହ ଅତିଥି।

ଅନୁଗୋଳ,୧୮।୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ଗ୍ରାମାଞ୍ଚଳ ଫୁଟ୍‌ବଲ ଲିଗ୍‌ର ବୁଧବାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ କାଇଁଶିରିପାଲି ଟିମ୍ ଦୃଢ଼ ପ୍ରଦର୍ଶନ କରି ଜୟମଲ୍ଲକୁ ୧୦ ଗୋଲ୍‌ରେ ପରାସ୍ତ କରିବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଖେଳ ଆରମ୍ଭ ପୂର୍ବରୁ ୧୫ ନମ୍ବର ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ସଂଘର କର୍ମକର୍ତ୍ତାମାନେ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ଗୁରୁବାର ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମ୍ୟାଚରେ ତୁରଙ୍ଗ ଓ ପପଣ୍ଡ ଦଳ ମୁହାଁମୁହିଁ ହେବେ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

# ସମସ୍ୟା ଘେରରେ ମନ୍ଦରବାହାଳ ହାଇସ୍କୁଲ

**ଜିଲାପାଳଙ୍କ ଠାରେ ଅଭିଯୋଗ**

ବଇଣ୍ଡା,୧୮।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କୁରୁମଟାପ ପଞ୍ଚାୟତ ମନ୍ଦରବାହାଳ ଗ୍ରାମରେ ଥିବା ପଞ୍ଚସଖା ଉଚ୍ଚ ବିଦ୍ୟାଳୟ ସମସ୍ୟା ଘେରରେ ରହିଛି। ଏହି ସ୍କୁଲରେ ଶିକ୍ଷକ ଅଭାବ ଯୋଗୁ ପାଠପଢ଼ାରେ ଅସୁବିଧା ଉପୁଜିଥିବାବେଳେ ଆବଶ୍ୟକ ଶ୍ରେଣୀଗୃହ ସାଙ୍ଗକୁ ଭିତ୍ତିଭୂମି ନ ଥିବାରୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡିଛି। ସେହିପରି ବିଦ୍ୟାଳୟରେ ପାନୀୟ ଜଳର ବ୍ୟବସ୍ଥା ନ ଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶୀଘ୍ର ଏସବୁ ସମସ୍ୟାର ସମାଧାନ କରିବା ପାଇଁ ମନ୍ଦରବାହାଳ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବୁଧବାର ଅନୁଗୋଳ ଜିଲାପାଳଙ୍କ ଠାରେ ଅଭିଯୋଗ କରାଯାଇଛି।



ମନ୍ଦରବାହାଳ ଗ୍ରାମରେ ଥିବା ପଞ୍ଚସଖା ଉଚ୍ଚ ବିଦ୍ୟାଳୟ।

ଅଭିଯୋଗରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ୧୯୯୫ ମସିହାରେ ଗ୍ରାମବାସୀ ଉକ୍ତ ବିଦ୍ୟାଳୟ ସ୍ଥାପନ କରିଥିଲେ। ଏଠାରେ ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯାଉଥିବାବେଳେ ଦୀର୍ଘ ଦିନ ହେବ ଗଣିତ ଶିକ୍ଷକ ପଦବୀ ଖାଲିପଡିଛି। ସେହିପରି ବିଦ୍ୟାଳୟରେ ୧୦୯ ଜଣ ଛାତ୍ରୀଛାତ୍ର ପଢୁଥିବାବେଳେ ମାତ୍ର ୪ଟି କୋଠରି ରହିଛି। ସେଥିରୁ ୩ଟି ଶ୍ରେଣୀଗୃହରେ ସାମାନ୍ୟ ବର୍ଷା ହେଲେପାଣି ଗଳୁଛି। ଫଳରେ ବର୍ଷା ଦିନରେ ଛାତ୍ରୀଛାତ୍ରମାନେ ବରଣ୍ଡାରେ ବସି ପଢୁଛନ୍ତି। ଅନ୍ୟ କୋଠରି କାର୍ଯ୍ୟାଳୟ ଭାବରେ ବ୍ୟବହାର କରାଯାଉଛି। ଆବଶ୍ୟକ ଶୌଚାଳୟ ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ମନ୍ଦରବାହାଳ ଗ୍ରାମବାସୀ ୨୦ ମେ ୨୦୨୩ ଓ ୧୫ ଫେବୃଆରୀ ୨୦୨୫ରେ ଅଭିଯୋଗପତ୍ର ପ୍ରଶାସନକୁ ଦେଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ଗୋକୁଳା ନନ୍ଦ ରାଉଳ କହିଛନ୍ତି, ଗଣିତ ଶିକ୍ଷକ ନ ଥିବାରୁ ପାଠପଢାରେ ବ୍ୟାଘାତ ହେଉଛି। ଆବଶ୍ୟକ ଶ୍ରେଣୀଗୃହ ନିର୍ମାଣ ହେଉ ନ ଥିବାରୁ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ତ ସମସ୍ୟା ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରାଯାଇଛି।

ଧରିତ୍ରୀ 52 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୯/୨୦୨୬ Bhubaneswar, Thursday, February 19/ 2026

# ଲିଗ୍‌ରେ ଭାରତ ଅପରାଜେୟ

**ଅହମଦାବାଦ,୧୮।୨**

ଶିବମ ଦୁବେଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଏଠାରେ ଗୁରୁବାର ସନ୍ଧ୍ୟାରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତ ୧୭ ରନରେ ନେଦରଲାଣ୍ଡସ୍କୁ ପରାସ୍ତ କରିଛି। ଫଳରେ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳ ଅପରାଜେୟ ଭାବେ ଲିଗ୍ ପର୍ଯ୍ୟାୟ ଶେଷ କରିଛି। ଆସନ୍ତା ୨୨ ତାରିଖରେ ଭାରତ ତା'ର ପ୍ରଥମ ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆରମ୍ଭରୁ ଅଭିଷେକ ଶର୍ମାଙ୍କ ଉଇକେଟ ହରାଇଥିଲା। ସେ ଟୁର୍ନାମେଣ୍ଟରେ ଲଗାତର ତୃତୀୟ ଥର ପାଇଁ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଫର୍ମରେ ଥିବା ଇଶାନ କିଶନ (୧୮ ରନ, ୨ ଚୌକା ଓ ୧ ଛକା) ଦୁର୍ଭାଗ୍ୟବଶତଃ ଆର୍ଯ୍ୟନଙ୍କ ବଲରେ ବୋଲ୍ଡ ହୋଇଥିଲେ। ତିଲକ ବର୍ମା (୩୧ ରନ, ୩ ଚୌକା ଓ ୧ ଛକା) ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୩୪ ରନ୍, ୨ ଚୌକା ଓ ୧ ଛକା) କ୍ରିଜ୍‌ରେ ସେଟ୍ ହେବା ସତ୍ତ୍ୱେ ବଡ଼ ସ୍କୋର କରିପାରି ନ ଥିଲେ। ଫଳରେ ୧୪ ଓଭର ସୁଦ୍ଧା ଭାରତ ୪ ଉଇକେଟ ହରାଇ ୧୧୩ କରିଥିଲା। ଏହିଠାରୁ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟା ଦଳୀୟ ସ୍ଥିତି ସମ୍ଭାଳିଥିଲେ। ଦୁହେଁ ଆଟାକିଂ ବ୍ୟାଟିଂ କରି ପଞ୍ଚମ ଉଇକେଟରେ ୩୫ ବଲରେ ୭୬ ରନ ଯୋଡ଼ିଥିଲେ। ଦୁବେ ୩୧ ବଲରେ ୪ ଚୌକା ଓ ୬ ଛକା ବଳରେ ୬୬ ରନ କରି ପଞ୍ଚମ ବ୍ୟାଟର ଭାବେ ଶେଷ ଓଭରରେ ଆଉଟ୍ ହୋଇଥିଲେ। ରିଙ୍କୁ ସିଂ ୬ ରନ କରି ଅପରାଜିତ ରହିଥିବା ବେଳେ ହାର୍ଦ୍ଦିକ ୨୧ ବଲରେ ୩ ଛକା ସହ ୩୦ ରନ କରି ପାଭିଲିଅନ ଫେରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୯୩ ରନ କରିଥିଲା। ଜବାବରେ ନେଦରଲାଣ୍ଡସ୍ ନିୟମିତ ବ୍ୟବଧାନରେ ଉଇକେଟ ହରାଇବାରୁ ୨୦ ଓଭରରେ ୭ ଉଇକେଟ ହରାଇ ୧୭୬ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ବାସ ଡି ଲିଡ୍ ସର୍ବାଧିକ ୩୩ ରନ କରିଥିବା ବେଳେ ଭାରତ ପାଇଁ ବରୁଣ ଚକ୍ରବର୍ତ୍ତୀ ୩ ଓ ଦୁବେ ୨ ଉଇକେଟ ନେଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ଶିବମ୍ ଦୁବେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୧୯୩/୬ (ଶିବମ ଦୁବେ-୬୬, ସୂର୍ଯ୍ୟକୁମାର ଯାଦବ-୩୪, ତିଲକ ବର୍ମା-୩୧, ଲୋଗାନ ଭାନ ବିକ-୩/୫୬, ଆର୍ଯ୍ୟନ ଦତ୍ତ-୨/୧୯, କାଇଲ କ୍ଲେନ-୧/୩୮)। ନେଦରଲାଣ୍ଡସ୍: ୨୦ ଓଭରରେ ୧୭୬/୭ (ବାସ ଡି ଲିଡ-୩୩, ବରୁଣ ଚକ୍ରବର୍ତ୍ତୀ-୩/୧୪, ଶିବମ ଦୁବେ-୨/୩୫, ଯଶପ୍ରୀତ ବୁମରା-୧/୧୭)।

## ଟି୨୦ ବିଶ୍ୱକପ୍

**(ଆଜିର ମ୍ୟାଚ୍)**

**ୱେଷ୍ଟଇଣ୍ଡିଜ ବନାମ ଇଟାଲି**
ସ୍ଥାନ: କୋଲକାତା
ସମୟ: ପୂର୍ବାହ୍ନ ୧୧ଟା

**ଶ୍ରୀଲଙ୍କା ବନାମ ଜିମ୍ବାୱେ**
ସ୍ଥାନ: କଲମ୍ବୋ
ସମୟ: ଅପରାହ୍ନ ୩ଟା

**ଆଫଗାନିସ୍ତାନ ବନାମ କାନାଡା**
ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ୟୁଏଇକୁ ହରାଇଲା ଦକ୍ଷିଣ ଆଫ୍ରିକା

**ନୂଆଦିଲ୍ଲୀ,୧୮।୨**

ଚଳିତ ଟି୨୦ ବିଶ୍ୱକପ୍‌ରେ ବୁଧବାର ପୂର୍ବାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ୟୁଏଇକୁ ପରାସ୍ତ କରିଛି। ଏହି ବିଜୟ ସହ ଗତ ସଂସ୍କରଣର ରନରଅପ୍ ଦ. ଆଫ୍ରିକା ଅପରାଜେୟ ଭାବେ ଲିଗ୍ ପର୍ଯ୍ୟାୟ ଶେଷ କରିଛି। ୟୁଏଇ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୨୨ ରନ କରିଥିଲା। ଦଳ ପାଇଁ ଅଲିଶାନ ଶାରାଫୁ ୪୫ (୫ ଚୌକା ଓ ୧ ଛକା) ରନ କରିଥିବା ବେଳେ ଦକ୍ଷିଣ ଆଫ୍ରିକାର କର୍ବିନ ବୋଶ୍ଚ ୩ ଓ ଅନରିକ୍ ନର୍କିଆ ୨ ଉଇକେଟ ହାତେଇଥିଲେ। ଜବାବରେ ଦ. ଆଫ୍ରିକା ୧୩.୨ ଓଭରରେ ୪ ଉଇକେଟ ହରାଇ ୧୨୩ ରନ କରି ନେଇଥିଲା। ଦଳ ପକ୍ଷରୁ ଡେୱାଲ୍ଡ ବ୍ରେଭିସ ୩୬ (୧ ଚୌକା ଓ ୩ ଛକା), ରିୟାନ ରିକଲଟନ ୩୦ (୩ ଚୌକା ଓ ୨ ଛକା) ଓ ଅଧିନାୟକ ଏଡେନ ମାରକ୍ରମ ୨୮ (୫ ଚୌକା ଓ ୧ ଛକା) ରନ କରିଥିଲେ।

## ସୁପର-୮ କାର୍ଯ୍ୟସୂଚୀ

**ଗ୍ରୁପ-ଏକ୍ସ: ଭାରତ, ଜିମ୍ବାୱେ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ**
**ଗ୍ରୁପ୍-ୱାଇ: ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଶ୍ରୀଲଙ୍କା**

| ତାରିଖ | ମ୍ୟାଚ | ଭେନ୍ୟୁ | ସମୟ |
|---|---|---|---|
| ଫେବୃଆରୀ ୨୧ | ନ୍ୟୁଜିଲାଣ୍ଡ-ପାକିସ୍ତାନ | କଲମ୍ବୋ | ସନ୍ଧ୍ୟା ୭ଟା |
| ଫେବୃଆରୀ ୨୨ | ଇଂଲଣ୍ଡ-ଶ୍ରୀଲଙ୍କା | ପାଲିକେଲେ | ଅପରାହ୍ନ ୩ଟା |
| ଫେବୃଆରୀ ୨୨ | ଭାରତ-ଦ.ଆଫ୍ରିକା | ଅହମଦାବାଦ | ସନ୍ଧ୍ୟା ୭ଟା |
| ଫେବୃଆରୀ ୨୩ | ଜିମ୍ବାୱେ-ୱେଷ୍ଟଇଣ୍ଡିଜ | ମୁମ୍ବାଇ | ସନ୍ଧ୍ୟା ୭ଟା |
| ଫେବୃଆରୀ ୨୪ | ଇଂଲଣ୍ଡ-ପାକିସ୍ତାନ | ପାଲିକେଲେ | ସନ୍ଧ୍ୟା ୭ଟା |
| ଫେବୃଆରୀ ୨୫ | ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା | କଲମ୍ବୋ | ସନ୍ଧ୍ୟା ୭ଟା |
| ଫେବୃଆରୀ ୨୬ | ୱେଷ୍ଟଇଣ୍ଡିଜ-ଦ.ଆଫ୍ରିକା | ଅହମଦାବାଦ | ଅପରାହ୍ନ ୩ଟା |
| ଫେବୃଆରୀ ୨୬ | ଭାରତ-ଜିମ୍ବାୱେ | ଚେନ୍ନାଇ | ସନ୍ଧ୍ୟା ୭ଟା |
| ଫେବୃଆରୀ ୨୭ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | କଲମ୍ବୋ | ସନ୍ଧ୍ୟା ୭ଟା |
| ଫେବୃଆରୀ ୨୮ | ପାକିସ୍ତାନ-ଶ୍ରୀଲଙ୍କା | ପାଲିକେଲେ | ସନ୍ଧ୍ୟା ୭ଟା |
| ମାର୍ଚ୍ଚ ୧ | ଜିମ୍ବାୱେ-ଦ.ଆଫ୍ରିକା | ଦିଲ୍ଲୀ | ଅପରାହ୍ନ ୩ଟା |
| ମାର୍ଚ୍ଚ ୧ | ଭାରତ-ୱେଷ୍ଟଇଣ୍ଡିଜ | କୋଲକାତା | ସନ୍ଧ୍ୟା ୭ଟା |

## ଟି୨୦ ବିଶ୍ୱକପ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| **ଗ୍ରୁପ୍ 'ଏ'** | | | | | |
| ଭାରତ | ୪ | ୪ | ୦ | ୮ | +୨.୫୦୦ |
| ପାକିସ୍ତାନ | ୪ | ୩ | ୧ | ୬ | -୦.୯୭୬ |
| ଆମେରିକା | ୪ | ୨ | ୨ | ୪ | +୦.୭୮୮ |
| ନେଦରଲାଣ୍ଡସ୍ | ୪ | ୧ | ୩ | ୨ | -୧.୨୧୭ |
| ନାମ୍ବିୟା | ୪ | ୦ | ୪ | ୦ | -୩.୧୦୮ |
| **ଗ୍ରୁପ୍ 'ବି'** | | | | | |
| ଶ୍ରୀଲଙ୍କା | ୩ | ୩ | ୦ | ୬ | +୨.୪୬୨ |
| ଜିମ୍ବାୱେ | ୩ | ୨ | ୦ | ୫ | +୧.୯୮୪ |
| ଆୟର୍ଲାଣ୍ଡ | ୪ | ୧ | ୨ | ୩ | +୦.୧୫୦ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୨ | +୦.୪୧୪ |
| ଓମାନ | ୩ | ୦ | ୩ | ୦ | -୪.୫୪୬ |
| **ଗ୍ରୁପ 'ସି'** | | | | | |
| ୱେଷ୍ଟଇଣ୍ଡିଜ | ୩ | ୩ | ୦ | ୬ | +୧.୮୨୦ |
| ଇଂଲଣ୍ଡ | ୪ | ୩ | ୧ | ୬ | +୦.୨୦୧ |
| ସ୍କଟଲାଣ୍ଡ | ୪ | ୧ | ୩ | ୨ | +୦.୧୮୪ |
| ଇଟାଲି | ୩ | ୧ | ୨ | ୨ | -୦.୫୮୮ |
| ନେପାଳ | ୪ | ୧ | ୩ | ୨ | -୧.୩୪୯ |
| **ଗ୍ରୁପ୍ 'ଡି'** | | | | | |
| ଦ.ଆଫ୍ରିକା | ୪ | ୪ | ୦ | ୮ | +୧.୯୪୩ |
| ନ୍ୟୁଜିଲାଣ୍ଡ | ୪ | ୩ | ୧ | ୬ | +୧.୨୨୭ |
| ଆଫଗାନିସ୍ତାନ | ୩ | ୧ | ୨ | ୨ | -୦.୨୧୫ |
| ୟୁଏଇ | ୪ | ୧ | ୩ | ୨ | -୧.୩୬୪ |
| କାନାଡ଼ା | ୩ | ୦ | ୩ | ୦ | -୧.୮୬୫ |

(**ବିଦ୍ର:** ଗ୍ରୁପ୍ 'ବି'ରେ ଆୟର୍ଲାଣ୍ଡ-ଜିମ୍ବାୱେ ମ୍ୟାଚ ବର୍ଷାରେ ଧୋଇଯିବାରୁ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ପ୍ରଦାନ କରାଯାଇଛି)।

# ନାମ୍ବିୟାକୁ ହରାଇ ସୁପର-୮ରେ ପାକିସ୍ତାନ

**କଲମ୍ବୋ,୧୮।୨**

ଶାହିବଜାଦା ଫର୍ହାନ୍‌ଙ୍କ ଅପରାଜିତ ଶତକ ଓ ସ୍ପିନରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ବୁଧବାର ନାମ୍ବିୟା ବିପକ୍ଷରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ମ୍ୟାଚ୍‌କୁ ପାକିସ୍ତାନ ୧୦୨ ରନର ବଡ଼ ବ୍ୟବଧାନରେ ଜିତି ନେଇଛି। ଏହି ବିଜୟ ସହ ପାକିସ୍ତାନ ଅନ୍ତିମ ଦଳ ଭାବେ ସୁପର-୮ ପର୍ଯ୍ୟାୟରେ ପ୍ରବେଶ କରିଛି।

ନିଶ୍ଚିତ ବିଜୟ ଆବଶ୍ୟକ ଥିବା ମ୍ୟାଚ୍‌ରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ କ୍ଷତିରେ ୧୯୯ ରନ କରିଥିଲା। ଫର୍ହାନ ୫୮ ବଲରେ ଅପରାଜିତ ୧୦୦ ରନ କରିଥିଲେ। ତାଙ୍କ ଇନିଂସରେ ୧୧ ଚୌକା ଓ ୪ ଛକା ସାମିଲ ଥିଲା। ସେ ଅହମଦ ଶେହଜାଦଙ୍କ ପରେ ଦ୍ୱିତୀୟ ପାକିସ୍ତାନୀ ବ୍ୟାଟର ଭାବେ ଟି୨୦ ବିଶ୍ୱକପ୍‌ରେ ଶତକ କରିଛନ୍ତି। ଫର୍ହାନ ଅଧିନାୟକ ସଲମାନ ଆଘାଙ୍କ ସହ ୬୭ ଓ ଶଦାବ ଖାନଙ୍କ ସହ ୮୧ ରନ ଯୋଡ଼ିଥିଲେ। ଜବାବରେ ନାମ୍ବିୟା ୧୭.୩ ଓଭରରେ ୯୭ ରନରେ ଅଲଆଉଟ୍ ହୋଇଯାଇଥିଲେ। ପାକିସ୍ତାନ ପାଇଁ ଉସ୍ମାନ ତାରିକ ୪ ଓ ଶଦାବ ଖାନ ୩ ଉଇକେଟ ନେଇଥିଲେ। ଏହି ବିଜୟ ସହ ପାକିସ୍ତାନ ୨୦୨୮ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ର ପରବର୍ତ୍ତୀ ସଂସ୍କରଣ ଲାଗି ଯୋଗ୍ୟତା ହାସଲ କରିଛି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ